

ଆଲିସା ହିଲୀଙ୍କ ଅବସର ଘୋଷଣା

▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-199 ◆WEDNESDAY ◆14 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୯୯ ◆ବୁଧବାର ◆୧୪ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


‘ସୁପ୍ରିମ’ ରାୟ

## ବୁଲା କୁକୁର କାମୁଡ଼ିଲେ କ୍ଷତିପୂରଣ ଦେବେ ସରକାର

■ ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ବୁଲା କୁକୁର କାମୁଡା ମାମଲାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି। କୁକୁର କାମୁଡ଼ିବା ଯୋଗୁଁ ଶିଶୁ କିମ୍ବା ବୃଦ୍ଧ ପ୍ରାଣ ହରାଇଲେ କିମ୍ବା ଆହତ ହେଲେ ରାଜ୍ୟ ସରକାରଗୁଡ଼ିକ କ୍ଷତିପୂରଣ ଦେବେ। ଏଥିପାଇଁ ବିପୁଳ କ୍ଷତିପୂରଣ ଧାର୍ଯ୍ୟ କରାଯିବ।



### ଚିନ୍ତିତ ବ୍ୟକ୍ତି କୁକୁରକୁ ଘରକୁ ନେଇଯାଆନ୍ତୁ

### ଖାଦ୍ୟ ଦେଲେ ଉତ୍ତରଦାୟୀ ରହିବେ

କାରଣ ଏହି ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାର ଗତ ୫ ବର୍ଷ ହେଲା କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମହେଟ୍ଟା ଏବଂ ଜଷ୍ଟିସ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ ନାଥ କହିଥିଲେ ଯେ କୁକୁରଙ୍କୁ ଖାଇବାକୁ ଦେଉଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବ। ଯଦି ଏହି ପଶୁଙ୍କ ପ୍ରତି ଏତେ ଭଲ ପାଇବା ରହିଛି, ତେବେ ସେମାନଙ୍କୁ ନିଜ ଘରକୁ ନେଇଯାଆନ୍ତୁ। କୁକୁର କାହିଁକି ରାସ୍ତାରେ ବୁଲୁଛନ୍ତି? ଲୋକଙ୍କୁ କାମୁଡ଼ି ଭୟ ସୃଷ୍ଟି କରାଉଛନ୍ତି। ମାମଲାକୁ ଏଭଳି ଛଡ଼ାଯିବ ନାହିଁ। ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ସମସ୍ୟା ହଜାରେ ଗୁଣ ବଢ଼ି ଗଲାଣି। କୋର୍ଟଙ୍କ କାର୍ଯ୍ୟ ବଦଳରେ ଏହି ପ୍ରସଙ୍ଗ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ‘ସାର୍ବଜନୀନ ମଞ୍ଚ’ ପାଲଟି ଗଲାଣି। ଏହି ମାମଲାରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ଅଧା ଦିନ ଦେବାକୁ ପଡ଼ିବ। ଏହାର ମୁକାବିଲା ପାଇଁ କି ପଦକ୍ଷେପ ନେଇଛନ୍ତି ତାହା ଦେଖିବାକୁ ହେବ। କେବଳ ▶ପୃଷ୍ଠା-୭

ଏସ୍‌ଆଇଆର୍ ପ୍ରାକ୍ ପ୍ରସ୍ତୁତି

## ରାଜ୍ୟରେ ବଢ଼ିଲା ୭୦୦୦ ବୁଥ୍

■ ଭୁବନେଶ୍ୱର, ୧୩।୧ (ସମିସ): ବର୍ତ୍ତମାନ ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର(ସ୍ୱତନ୍ତ୍ର ସଘନ ସଂଶୋଧନ) ପାଇଁ ପ୍ରସ୍ତୁତି ଜାରି ରହିଛି। ଏହି ପ୍ରକ୍ରିୟାରେ ରାଜ୍ୟରେ ବୁଥ୍ ସଂଖ୍ୟା ୭୦୦୦ ବୃଦ୍ଧି ପାଇଛି। ଗୋଟିଏ ବୁଥ୍‌ରେ ୧୨୦୦ ବା ତହିଁରୁ କମ୍ ଭୋଟର ରଖିବା ପ୍ରକ୍ରିୟାନୁସାରେ ବୁଥ୍‌ଗୁଡ଼ିକ ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ରାଜ୍ୟରେ ପ୍ରାୟ ୩୭ ହଜାର ବୁଥ୍ ଥିବା ବେଳେ ଏବେ ଏହା ୪୪ ହଜାରରେ ପହଞ୍ଚିଛି। ସବୁ ବୁଥରେ ୧୨୦୦ରୁ କମ୍ ଭୋଟର ରହିବାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷେ ଏସଆଇଆର ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ମିଳିଛି।

ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ସୂଚନା ଅନୁସାରେ ରାଜ୍ୟରେ ପ୍ରସ୍ତୁତ ହୋଇଥିବା ୪୪ ହଜାର ବୁଥ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ମାଧ୍ୟମରେ ବିଏଲଓ(ବୁଥ୍ ସ୍ତରୀୟ ଅଧିକାରୀ) ନିଯୁକ୍ତି ଦିଆଯାଇ ସାରିଛି।ଏସଆଇଆର ପ୍ରକ୍ରିୟା ଆରମ୍ଭ ହେଲେ ସେମାନେ କିପରି ଏହାକୁ କାର୍ଯ୍ୟକାରୀ କରିବେ, ସେନେଇ ସେମାନଙ୍କୁ ୨ ଥର ତାଲିମ ପ୍ରଦାନ କରାଯାଇଛି। ସେହିପରି ଏଆରଓମାନଙ୍କୁ ମଧ୍ୟ ତାଲିମ ପ୍ରଦାନ ପ୍ରକ୍ରିୟା ସରିଛି।



### ଯାଞ୍ଚ ଚାଲିଛି ୨୦୦୨ ଓ ୨୦୨୫ ମସିହା ଭୋଟର ତାଲିକା

### ୨୦୦୨ ମସିହା ସୂଚୀଭୁକ୍ତଙ୍କ ପାଇଁ ଆବଶ୍ୟକ ନାହିଁ ଡ଼କୁମେଣ୍ଟ

ଓଡ଼ିଶାରେ ଶେଷଥର ପାଇଁ ୨୦୦୨ ମସିହାରେ ଏସଆଇଆର ହୋଇଥିଲା। ସେହି ୨୦୦୨ ମସିହା ଏସ୍‌ଆଇଆର ରୋଲ ନାମଥିବା ବ୍ୟକ୍ତିମାନଙ୍କର ଯାଞ୍ଚର ଆବଶ୍ୟକତା ପଡ଼ିବ ନାହିଁ। ୨୦୦୨ ଏବଂ ୨୦୨୫ ଡାଟାକୁ ଏକତ୍ରୀକରଣ କରାଯାଉଛି। ପ୍ରାୟ ୭୦ ପ୍ରତିଶତ ମ୍ୟାପିଂ କାର୍ଯ୍ୟ ସରିଯାଇଛି। ବଳକା ପ୍ରକ୍ରିୟା ଜାରି ରହିଛି। ଅଧିକରୁ ଅଧିକ ଭୋଟରଙ୍କୁ ଯେପରି ୨୦୦୨ ଏସଆଇଆର ରୋଲ ସହ ସଂଯୋଗ କରାଯାଇ ପାରିବ ସେଥିପାଇଁ ବ୍ୟବସ୍ଥା ହେଉଛି। ଏହାଦ୍ୱାରା ଉକ୍ତ ଭୋଟରଙ୍କୁ ଯାଞ୍ଚ ପାଇଁ ଆଉ କୌଣସି ଡକ୍ୟୁମେଣ୍ଟ ଦେବାକୁ ପଡ଼ିବ ନାହିଁ। ଆପେଆପେ ସେମାନଙ୍କର ନାମ ଏସଆଇଆର ଡ୍ରାଫ୍ଟରେ ଆସିଯିବ। ତେବେ ଯେଉଁ ଭୋଟରଙ୍କ ନାମ ଆସିପାରିବ ନାହିଁ, ସେମାନଙ୍କୁ ନିର୍ଦ୍ଦିଷ୍ଟ ଡକ୍ୟୁମେଣ୍ଟ ଦେବାକୁ ପଡ଼ିବ। ବର୍ତ୍ତମାନ ବିହାରରେ ପ୍ରଥମ ପର୍ଯ୍ୟାରେ ଏସଆଇଆର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟରେ ଏସଆଇଆର ଜାରି ରହିଛି। ସେଠାରେ ଯେଉଁ ଡକ୍ୟୁମେଣ୍ଟକୁ ନିର୍ବାଚନ ଆୟୋଗ ଅନୁମତି ଦେଇଛନ୍ତି, ତାହା ମଧ୍ୟ ଓଡ଼ିଶାରେ ଲାଗୁ ହେବ। ଲୋକେ ଯେପରି ବିଶେଷ ଅସୁବିଧାର ସମ୍ମୁଖୀନ ହେବେ ନାହିଁ, ସେନେଇ ଆମେ ବ୍ୟାପକ ପଦକ୍ଷେପ ନେବୁ। ସହାୟତା କେନ୍ଦ୍ର ସହ ଲୋକମାନଙ୍କୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ। ପ୍ରସ୍ତୁତି ପାଇଁ ନିର୍ବାଚନ ଆୟୋଗ ଯେଉଁ ନିର୍ଦ୍ଦେଶ ଦେଇଥିଲେ, ସେହି ନିର୍ଦ୍ଦେଶର ଅନୁପାଳନ କରାଯାଇଛି। ଅପରପକ୍ଷେ ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର ସମାପ୍ତି ପରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ହେବ ବୋଲି ଜଣାପଡ଼ିଛି।

ଅପରପକ୍ଷେ ଏସଆଇଆରକୁ ବିରୋଧୀ ଦଳ ଗୁଡ଼ିକ ପ୍ରବଳ ବିରୋଧ କରି ଆସୁଥିବା ବେଳେ ବିଜେଡି ମଧ୍ୟ ଏନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି। ଏକ ସ୍ୱଚ୍ଛ ଏବଂ ସଠିକ୍ ▶ପୃଷ୍ଠା-୭

ପୁଣି ଟାରିଫ୍ ଟେନ୍‌ସନ୍

## ଇରାନ୍ ସହ କାରବାର କଲେ ଲାଗିବ ୨୫% ଶୁଳ୍କ

■ ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ନିକଟରେ ଭାରତ ଉପରେ ୫୦୦ ପ୍ରତିଶତ ଟାରିଫ୍ ଲାଗି ଧମକ ଦେଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ସାନି ଶୁଳ୍କ ଧମକ ଦେଇଛନ୍ତି। ଏ ନେଇ ଟ୍ରମ୍ପ୍ ଆଜି ଘୋଷଣା କରିଛନ୍ତି। ଟ୍ରମ୍ପ୍ କହିଛନ୍ତି ଯେ ଇରାନ ସହିତ ବାଣିଜ୍ୟ କରୁଥିବା ଯେକୌଣସି ଦେଶକୁ ଆମେରିକା ସହିତ ବାଣିଜ୍ୟ ଉପରେ ୨୫% ଶୁଳ୍କ ଦେବାକୁ ପଡିବ। ସେ ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏହି ବିବୃତ୍ତି ଦେଇଛନ୍ତି। ଇରାନରେ ବହୁ ବର୍ଷ ଧରି ଚାଲିଥିବା ସରକାର ବିରୋଧୀ ପ୍ରତିବାଦ ମଧ୍ୟରେ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଆସିଛି।



ଟ୍ରମ୍ପଙ୍କ ଏହି ନୂତନ ଟାରିଫ୍ ଫଳରେ ଭାରତକୁ ଇରାନ୍ ସହ କାରବାରରେ ୭୫% ଟାରିଫ୍ ଦେବାକୁ ପଡିବ। କାରଣ ଟ୍ରମ୍ପ୍ ପୂର୍ବରୁ ଭାରତ ଉପରେ ୫୦% ଟାରିଫ୍ ଲଗାଇସାରିଛନ୍ତି। ଏହି ଶୁଳ୍କର ୨୫% ପାରସ୍ପରିକ ଏବଂ ବାକି ୨୫% ହେଉଛି ରୁଷରୁ ଅଶୋଧିତ ତୈଳ କିଣିବା ପାଇଁ ଭାରତ ଉପରେ ଲାଗୁ ହୋଇଥିବା ଜୋରିମାନା। ଟ୍ରମ୍ପ୍ ସମ୍ପ୍ରତି କହିଛନ୍ତି ଯେ ରୁଷ ସହିତ ବାଣିଜ୍ୟ ଜାରି ରଖିଥିବା ଦେଶଗୁଡ଼ିକ ୫୦୦% ପର୍ଯ୍ୟନ୍ତ ଶୁଳ୍କର ସମ୍ମୁଖୀନ ▶ପୃଷ୍ଠା-୭

## ଆମେରିକାରେ ବିଦେଶୀଙ୍କ ଲକ୍ଷେ ଭିସା ରଦ୍ଦ




■ ୱାଶିଂଟନ, ୧୩।୧ (ଏଜେନ୍ସି): ବର୍ଷେ ମଧ୍ୟରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଲକ୍ଷେରୁ ଅଧିକ ବିଦେଶୀ ନାଗରିକଙ୍କ ଭିସା ରଦ୍ଦ କରିଦେଇଛି। ଏମାନଙ୍କ ମଧ୍ୟରେ ୮,୦୦୦ ଛାତ୍ରଛାତ୍ରୀ ସାମିଲ ଅଛନ୍ତି। ଗତ ବର୍ଷ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଆମେରିକା ବିଦେଶ ବିଭାଗ ପକ୍ଷରୁ କୁହାଯାଇଛି ଯେ ସୀମା ଏବଂ ସାଧାରଣ ସୁରକ୍ଷାକୁ ସୁଦୃଢ଼ ଏଭଳି ପଦକ୍ଷେପ ନିଆଯାଇଛି। ଯେଉଁ ବିଦେଶୀ ନାଗରିକଙ୍କ ଭିସା ରଦ୍ଦ କରାଯାଇଛି ସେମାନଙ୍କ ବିରୋଧରେ ଆକ୍ରମଣ, ଚୋରି ଓ ମଦ୍ୟପାନ କରି ▶ପୃଷ୍ଠା-୭

## ଋଣ ଚାପ

## ମାସକର ଛୁଆକୁ ବିକିଲେ ଦମ୍ପତି

■ ଭଦ୍ରକ/ଭଣ୍ଡାରିପୋଖରୀ, ୧୩।୧(ସମିସ): ଋଣ ଶୁଝିବାକୁ ମାସକର ଶିଶୁକନ୍ୟାକୁ ବିକିଦେଲେ ବାପା-ମା’। ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବୟାବନାପୁର ଗାଁରୁ ଏଭଳି ଏକ ସାଂଘାତିକ ଅଭିଯୋଗ ଆସିଛି। ଶିଶୁର ଜେଜେ ମା’ ସାବିତ୍ରୀ ଦାସ ମଙ୍ଗଳବାର ଏ ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ଏହି ଘଟଣା ପଦାକୁ ଆସିଛି। ଏନେଇ ପୁଲିସ ନଂ-୧୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

**ଅଭିଯୋଗ ଆଣିଲେ ଜେଜେ ମା’**

ସାବିତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ସୋମବାର ପୁଅ ସିପୁ ଓ ବୋହୂ ରୀନା ମାସକର ଶିଶୁକନ୍ୟାକୁ ଚିକିତ୍ସା ପାଇଁ ନେଉଥିବା କହି ▶ପୃଷ୍ଠା-୭




ନଅ ତାଲା, ସେଚ ସଦନ ଓ ରାଜୀବ ଭବନ ଭଙ୍ଗା ନିଷ୍ପତ୍ତି



## ଘରେ ନ ପଶୁଣୁ ମୁଣ୍ଡରେ ଚାଳ

■ ଭୁବନେଶ୍ୱର,୧୩।୧(ସମିସ): ନୂଆଦିଲ୍ଲୀରେ ସଂସଦର ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଭଳି ନୂଆ ଲୋକସେବା ଭବନ ଓ ବିଧାନସଭା ସାଙ୍ଗକୁ ଗୋଟିଏ କ୍ୟାମ୍ପସରେ ରାଜ୍ୟର ସବୁ ମୁଖ୍ୟାଳୟ ରଖିବାକୁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ନକ୍ସା। ଏମିତି କି ଏହି କ୍ୟାମ୍ପସ ଭିତରେ ଏମ୍‌ଏଲ୍‌ଏ କଲୋନୀ ସହିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ମଧ୍ୟ ରହିବା ନେଇ ଏକ ବିରାଟ ଯୋଜନା ପ୍ରସ୍ତୁତ ହୋଇଛି। ତେବେ ଘରେ ନ ପଶୁଣୁ ଚାଳରେ ମୁଣ୍ଡ ବାଜିବା ପରି ସରକାରଙ୍କ ଏହି ପରିକଳ୍ପନାକୁ ନେଇ ଆରମ୍ଭ ହୋଇଛି ବିବାଦ। ବର୍ତ୍ତମାନ ଲୋକସେବା ଭବନର ଅତି ନିକଟରେ ଥିବା ନଅ ତାଲା, ସେଚ ସଦନ ଏବଂ ରାଜୀବ ଭବନକୁ ଭଙ୍ଗାଯିବ ବୋଲି ମଙ୍ଗଳବାର ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କରିଥିବା ଘୋଷଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସବୁ କୋଠା ବିପଦସଙ୍କୁଳ ବୋଲି ▶ପୃଷ୍ଠା-୭

### ୨୭ ବର୍ଷର ବିଲ୍ଡିଂକୁ ‘ଅନସେଫ୍’ ଘୋଷଣାକୁ ନେଇ ପ୍ରଶ୍ନ

### ରାଜୀବ ଗାନ୍ଧୀଙ୍କ ନାଁ ହଟାଇବାକୁ ସରକାରଙ୍କ ନାଟକ: କଂଗ୍ରେସ






## ଶୀତ ଆଉ ତିନି ଦିନ

■ ଭୁବନେଶ୍ୱର, ୧୩।୧ (ସମିସ): ବର୍ତ୍ତମାନ ରାଜ୍ୟକୁ ଉତ୍ତରା ଥଣ୍ଡା ପବନ ପ୍ରବାହିତ ହେଉଛି; ଫଳରେ ରାଜ୍ୟରେ ଥଣ୍ଡା ଜାରି ରହିଛି। ମାତ୍ର ପଶ୍ଚିମାଝଡ଼ ପ୍ରଭାବରେ ୧୮ରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ଶୀତରେ ବ୍ରେକ୍ ଲାଗିବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଜି ଉଦୟଗିରିରେ ତାପମାତ୍ରା ପୁଣି ଥରେ ତାପମାତ୍ରା ୫ ଡିଗ୍ରୀ ତଳକୁ ଖସିଥିବା ବେଳେ ଏଠାରେ ପାରଦ ୪.୬ ଡିଗ୍ରୀକୁ ଖସିଛି। ସେହିପରି ରାଉରକେଲା ୭.୧, ଫୁଲବାଣୀ ୭.୧, ଝାରସୁଗୁଡ଼ା ୭.୨ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବାର ସମ୍ଭାବନା ଥିବାରୁ ଏହି ସମୟ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ ଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି। ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ କଟକ, ଜଗତସିଂହପୁର, ଅନୁଗୁଳ, ଝାରସୁଗୁଡ଼ା ଓ ଖୋର୍ଦ୍ଧା ଜିଲ୍ଲାରେ ଶୀତ ଲହରୀ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଆଲର୍ଟ ଜାରି କରିଛି। ସେହିପରି ପଶ୍ଚିମା ▶ପୃଷ୍ଠା-୭




## ୟୁକ୍ରେନରେ ପୁଣି ଆକ୍ରମଣ କଲା ରୁଷ: ୪ ମୃତ

କିଭ୍, ୧୩।୧ (ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନା ଧରୁନାହିଁ। କ୍ରମାଗତ ଭାବେ ଏହା ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ଏହି କ୍ରମରେ ମଙ୍ଗଳବାର ସକାଳେ ୟୁକ୍ରେନ୍‌ରେ ରୁଷ ଭୟଙ୍କର ଆକ୍ରମଣ କରିଛି। ୟୁକ୍ରେନ ଗଣମାଧ୍ୟମ ଏହାକୁ ବର୍ଷର ସବୁଠାରୁ ବଡ଼ ଆକ୍ରମଣ କହିଛି। ସୂଚନା ଅନୁଯାୟୀ, ରୁଷ ସେନା ଘଣ୍ଟାଏ ମଧ୍ୟରେ ୨୦ରୁ ଅଧିକ ବାଲିଷ୍ଟିକ୍ ମିସାଇଲ୍ ମାଡ଼ କରିଥିଲା। କିଭର ସାମରିକ ପ୍ରଶାସନ ମୁଖ୍ୟ ତିମୁର କହିଛନ୍ତି ଯେ ରାଜଧାନୀ ଉପରେ ଘନ ଘନ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏଥିରେ କେତେକ ପ୍ରତିଷ୍ଠାନ ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ଖାରକିଭ ଅଞ୍ଚଳରେ ମଧ୍ୟ ପ୍ରଚଣ୍ଡ ଆକ୍ରମଣ ହୋଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ରୁଷ୍-ସୀମାରୁ ମାତ୍ର ୩୦ କିମି ଦୂରରେ ଥିବାରୁ ଖାରକିଭକୁ କ୍ରମାଗତ ଭାବେ ଟାର୍ଗେଟ କରାଯାଉଛି। ୟୁକ୍ରେନୀୟ ଅଧିକାରୀମାନେ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ସେମାନେ ଅନ୍ତର୍ଜାତୀୟ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି।

## ପାକ୍ ସୀମାରେ ୮ ଆତଙ୍କବାଦୀ ଶିବିର ସକ୍ରିୟ: ସେନାମୁଖ୍ୟ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): 'ଅପରେସନ ସିନ୍ଦୂର' ଏବେ ବି ଜାରି ରହିଛି। ଭବିଷ୍ୟତର କୌଣସି ପ୍ରକାରର ଆତଙ୍କବାଦୀ କାର୍ଯ୍ୟକଳାପ କିମ୍ବା ସାମରିକ ଦୁଃସାହସ ପାଇଁ ଭାରତୀୟ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ଭାରତ ସମ୍ପୂର୍ଣ୍ଣ କ୍ଷମତାର ସହ ଜବାବ ଦେବ ବୋଲି ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି। ଏବେ ପାକିସ୍ତାନ ସୀମାରେ ୮ ଆତଙ୍କବାଦୀ ଶିବିର ସକ୍ରିୟ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଯଦି କୌଣସି କୁଟୀଳ ପଦକ୍ଷେପ ନିଅନ୍ତି ତେବେ ଭାରତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ। ଭାରତୀୟ ସେନାର ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଯେ ଭାରତ-ଚୀନ୍ ସୀମାରେ ପରିସ୍ଥିତି ସ୍ୱାଭାବିକ ରହିଛି, କିନ୍ତୁ ସତର୍କତା ଜରୁରୀ। । ପଶ୍ଚିମ ମୋର୍ଚ୍ଚା ଏବଂ ଜମ୍ମୁ-କାଶ୍ମୀରରେ ସ୍ଥିତି ମେ' ୧୦ରୁ ସମ୍ବେଦନଶୀଳ ଥିଲେ ମଧ୍ୟ ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ୨୦୨୫ ଠାରୁ ବର୍ତ୍ତମାନ ସୁଦ୍ଧାରେ ୩୧ ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୬୫% ପାକିସ୍ତାନୀ ଥିଲେ। ଜମ୍ମୁ-କଶ୍ମୀରରେ ସ୍ଥାନୀୟ ଆତଙ୍କବାଦୀଙ୍କ ସଂଖ୍ୟା ଏବେ ଏକକ ସଂଖ୍ୟାକୁ ହ୍ରାସ ପାଇଛି। ଆତଙ୍କବାଦୀ ନିଯୁକ୍ତି ପ୍ରାୟତଃ ବନ୍ଦ ହୋଇଯାଇଛି।

## ବାଂଲାଦେଶରେ ହିନ୍ଦୁ ଅଟୋ ଡ୍ରାଇଭରଙ୍କୁ ପିଟି ପିଟି ହତ୍ୟା

ଢାକା, ୧୩।୧ (ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଜୀବନ ଦୁର୍ବିସହ ହୋଇଗଲାଣି। ଜାଣିଶୁଣି ବାଂଲାଦେଶୀ ହିନ୍ଦୁଙ୍କୁ ନିଶାଣ କରାଯାଉଛି। ମିଥ୍ୟା ଅଭିଯୋଗ ଲଗାଇ ମାରି ଦିଆଯାଉଛି। ଏହି କ୍ରମରେ ଦକ୍ଷିଣ ବାଂଲାଦେଶର ଚଟଗାଁଓ ଡିଭିଜନ ଅନ୍ତର୍ଗତ ଫେନି ଜିଲ୍ଲାର ଦାଗନଭୁଇଁଆରେ ଆଉ ଜଣେ ହିନ୍ଦୁ ଅଟୋ ଡ୍ରାଇଭରଙ୍କୁ ହତ୍ୟା କରାଯାଇଛି। ଗତ ରବିବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିଲା। ୨୮ ବର୍ଷୀୟ ହିନ୍ଦୁ ଯୁବକ ସମୀର କୁମାର ଦାସଙ୍କୁ ନିର୍ଦ୍ଦୟ ମାଡ଼ ମାରିବା ପରେ ପିଟି ପିଟି ହତ୍ୟା କରାଯାଇଛି। ତାଙ୍କ ଅଟୋରିକ୍ସା ମଧ୍ୟ ଲୁଟି ନେଇଛନ୍ତି। ଏହାକୁ ମିଶାଇ ଗତ ୨୩ ଦିନ ମଧ୍ୟରେ ୭ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ୪୨ ଦିନରେ ୧୨ ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ଅନେକ ହିନ୍ଦୁ ପରିବାର ଉପରେ ଆକ୍ରମଣ ହୋଇଛି। ଏହା ସତ୍ତ୍ୱେ କାମଚଳା ମହମ୍ମଦ ୟୁନୁସଙ୍କ ସରକାର ଚୁପ୍ ହୋଇ ବସି ରହିଛନ୍ତି। ପୁଲିସ ସବୁ ଜାଣିଥିଲେ ବି କିଛି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ। ହାତ ଉପରେ ହାତ ବାନ୍ଧି ବସି ରହିଛି।

## ବ୍ରିଟେନରେ ଶିଖ୍ ନାବାଳିକାଙ୍କୁ ଗଣଦୁଷ୍କର୍ମ

ଲଣ୍ଡନ, ୧୩।୧ (ଏଜେନ୍ସି): ବ୍ରିଟେନରେ ପାକିସ୍ତାନୀ ଗ୍ରୁମିଂ ଗ୍ୟାଙ୍ଗ ଆତଙ୍କ ସୃଷ୍ଟି କରିଛି। ଏହି ଗ୍ୟାଙ୍ଗ ଅନେକ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ଯୌନ ଉତ୍ପୀଡ଼ନ ଦେଉଥିବା ଅଭିଯୋଗ ଲାଗି ଆସିଛି। ଏବେ ଲଣ୍ଡନରେ ରହୁଥିବା ଜଣେ ଶିଖ୍ ନାବାଳିକା (୧୪) ଏହି ଗ୍ୟାଙ୍ଗର ଫାସରେ ପଡ଼ିଛନ୍ତି। ଅପହରଣ କରିବା ପରେ ତାଙ୍କୁ ଏକ ଫ୍ଲାଟରେ ବନ୍ଦୀ କରି ରଖାଯାଇଥିଲା। ସେଠାରେ ୫-୬ ଜଣ ପୁରୁଷ ତାଙ୍କୁ ବଳାତ୍କାର କରିଥିଲେ। ଝିଅଟି ଖସିଯିବାକୁ ପ୍ରୟାସ କରିଥିଲେ ବି ତାଙ୍କୁ ଭୟଭୀତ କରି ଚୁପ୍ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଲଣ୍ଡନରେ ରହୁଥିବା ଶିଖ୍‌ମାନେ ଏହା ଜାଣିବା ମାତ୍ରେ ଅଭିଯୁକ୍ତଙ୍କ ଫ୍ଲାଟ୍ ବାହାରେ ଏକାଠି ହୋଇ ହଙ୍ଗାମା କରିଥିଲେ। କିଛି ସମୟ ମଧ୍ୟରେ ୨୦୦ ରୁ ଅଧିକ ଶିଖ୍ ସେଠାରେ ପହଞ୍ଚି ନାବାଳିକାଙ୍କୁ ମୁକ୍ତ କରିଥିଲେ। ପଶ୍ଚିମ ଲଣ୍ଡନରେ ଯୁବତୀଙ୍କ ଅପହରଣ ଏବଂ ଯୌନ ଶୋଷଣର ଏପରି ଘଟଣା ସାଧାରଣ ହୋଇଗଲାଣି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଇଂଲଣ୍ଡରେ ସମ୍ପ୍ରତି ଏପରି ମାମଲା ବୃଦ୍ଧି ପାଇଛି। ଆମେରିକୀୟ ବ୍ୟବସାୟୀ ଏଲନ ମସ୍କ ମଧ୍ୟ ଏହା ଉପରେ ଚିନ୍ତା ପ୍ରକାଶ କରିଥିଲେ। ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପାଇଁ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଥିଲେ।

## ଇସ୍ରୋର ରକେଟ ଉତ୍କ୍ଷେପଣ ବିଫଳ ସତ୍ତ୍ୱେ କାମ କରୁଛି ସ୍ପେନିସ ଉପଗ୍ରହ

ଶ୍ରୀହରିକୋଟା, ୧୩।୧ (ଏଜେନ୍ସି): ଇସ୍ରୋର ପିଏସଏଲଭି-ସି୬୨ ଅଭିଯାନ ସୋମବାର ବିଫଳ ହୋଇଯାଇଥିଲା। ଉଡ଼ାଣ ଆରମ୍ଭ କରିବାର ୮ ମିନିଟ ମଧ୍ୟରେ ପିଏସଏଲଭି ରକେଟ ନିର୍ଦ୍ଧାରିତ କକ୍ଷପଥରୁ ବିଚ୍ୟୁତ ହୋଇ ଯାଇଥିଲା। କିନ୍ତୁ ଏପରି ସମୟରେ ଭଲ ଖବର ଆସିଛି। ଏହି ରକେଟରେ ସ୍ପାନିସ୍ କମ୍ପାନୀ ଏକ ଉପଗ୍ରହ ପଠାଇ ଥିଲା। ଏହା ମଙ୍ଗଳବାର ସଙ୍କେତ ଦେଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସ୍ପାନିସ୍ ଷ୍ଟାର୍ଟଅପ୍ ଅର୍ବିଟାଲ୍ ପାରାଡାଇମ୍ କହିଛି ଯେ ଏହାର କେଷ୍ଟ୍ରେଲ୍ ଇନିସିଆଲ୍ ଡେମୋନଷ୍ଟ୍ରେଟର୍ ତଥା କେଆଇଡି ଉପଗ୍ରହ ଯାନ୍ତ୍ରିକ ତ୍ରୁଟି ପୂର୍ବରୁ ରକେଟ୍ ଠାରୁ ଅଲଗା ହୋଇସାରିଥିଲା। ଏଥିଯୋଗୁଁ ଏହାର କୌଣସି କ୍ଷତି ହୋଇନାହିଁ। ବର୍ତ୍ତମାନ ଏହି ଉପଗ୍ରାହର ପଥ ଅନୁଧ୍ୟାନ କରାଯାଉଛି। ପରେ ପୂର୍ଣ୍ଣ ଯାନ୍ତ୍ରିକ ତଥ୍ୟ ଏବଂ ଏହାର ଗତିପଥ ବିଶ୍ଳେଷଣ ପରେ ଏକ ବିସ୍ତୃତ ରିପୋର୍ଟରେ ପ୍ରକାଶ କରାଯିବ।

## ବାପାମାଆଙ୍କ ସେବା ନ କଲେ ସରକାରୀ ଚାକିରିଆଙ୍କ ଦରମା କଟିବ



ହାଇଦରାବାଦ, ୧୩।୧ (ଏଜେନ୍ସି): ଏଣିକି ବୃଦ୍ଧ ବାପାମାଆଙ୍କ ସେବା ନ କଲେ ସରକାରୀ କର୍ମଚାରୀମାନଙ୍କ ଦରମା କାଟି ଦିଆଯିବ। ଏହି ଦରମାକୁ ସିଧାସଳଖ ତାଙ୍କ ବାପାମାଆଙ୍କ ଆକାଉଣ୍ଟଙ୍କୁ ପଠାଯିବ। ତେଲଙ୍ଗାନା ସରକାରୀ ଆଗାମୀ ବଜେଟ ଅଧିବେଶନରେ ଏଭଳି ଏକ ଆଇନ ଆଣିବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଏହି ଘୋଷଣା କରିଛନ୍ତି। ରାଜ୍ୟର ବୃଦ୍ଧ ଏବଂ ଦିବ୍ୟାଙ୍ଗଙ୍କ ସୁରକ୍ଷା ପାଇଁ ସରକାର ଏହି ପଦକ୍ଷେପ ନେବାକୁ ଯାଉଛନ୍ତି। ଏହି ଆଇନରେ ବାପାମାଆଙ୍କ ସେବା ନ କଲେ ସରକାରୀ କର୍ମଚାରୀଙ୍କ ଦରମାର ୧୦ ପ୍ରତିଶତ କଟାଯିବ। ଏହି ଟଙ୍କା ସିଧାସଳଖ ପିତାମାତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ବୃଦ୍ଧ ପିତାମାତାଙ୍କ ଦ୍ୱାରା ସେମାନଙ୍କ ପିଲାମାନଙ୍କ ବିରୋଧରେ ଲଗାଯାଇଥିବା ଅଭିଯୋଗକୁ ଗମ୍ଭୀରତାର ସହ ନିଆଯିବା ଉଚିତ। କିଛି କର୍ମଚାରୀ ସେମାନଙ୍କ ଶାଶୁଶଶୁରଙ୍କୁ ପ୍ରାଧାନ୍ୟ ଦେଉଛନ୍ତି। ସେମାନଙ୍କୁ ବଡ଼ କରି ଶିକ୍ଷା ଦେଇଥିବା ବାପାମାଆଙ୍କୁ ଭୁଲି ଯାଉଛନ୍ତି। ନୂଆ ଆଇନରେ ବାପାମାଆଙ୍କ ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରାଯିବ। ପ୍ରଜା ଭବନରୁ ରେଟ୍ରୋଫିଟେଡ୍ ମୋଟରସାଇକେଲ୍, ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ୍, ବ୍ୟାଟେରୀ ଚାଳିତ ହ୍ୱିଲଚେୟାର, ଲାପଟପ୍, ଶ୍ରବଣ ଯନ୍ତ୍ର, ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଆଧୁନିକ ଉପକରଣର ମାଗଣା ବଣ୍ଟନ ଶୁଭାରମ୍ଭ କରି ସେ ଏହି ଟିପ୍ପଣୀ ଦେଇଥିଲେ। ସରକାର ବରିଷ୍ଠ ନାଗରିକଙ୍କ ପାଇଁ ଡେ-କେୟାର ସେଣ୍ଟର ସ୍ଥାପନ କରୁଛନ୍ତି ବୋଲି କହିଥିଲେ।

# ଇରାନରେ ଭୟଙ୍କର ଦମନ

## ଦୁଇ ସପ୍ତାହରେ ୫ ହଜାର ବିରୋଧୀଙ୍କୁ ହତ୍ୟା

ତେହରାନ, ୧୩।୧ (ଏଜେନ୍ସି): ଇରାନ ।।ରେ ଦରଦାମ ବୃଦ୍ଧି ପ୍ରତିବାଦରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଏବେ ଭୟଙ୍କର ଆକାର ଧାରଣ କରିଛି। ଆନ୍ଦୋଳନକୁ ଦମନ କରିବା ଲାଗି ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଥିବାରୁ ଇରାନ ଭିତରେ ଏବଂ ବାହାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲାଣି। ଏହି ଆନ୍ଦୋଳନ ଆଉ ଦରଦାମ ବୃଦ୍ଧିରେ ସୀମିତ ରହିନାହିଁ। ସର୍ବୋଚ୍ଚ ନେତା ଅଲୀ ଖାମନେଇଙ୍କୁ ବିଦା କରିବା ଲାଗି ଆନ୍ଦୋଳନ ଜୋର ଧରିଲାଣି। ଦେଶର ସମସ୍ତ ୩୧ଟି ପ୍ରଦେଶରେ ବ୍ୟାପିଯାଇଥିବା ଏହି ଆନ୍ଦୋଳନରେ ଯୁବକ ଓ ମହିଳାମାନେ ମଧ୍ୟ ସାମିଲ ହୋଇଛନ୍ତି। ଦରଦାମ ବୃଦ୍ଧି ସହିତ ନାରୀ ନିର୍ଯାତନାକୁ ନେଇ ଦୀର୍ଘ ବର୍ଷ ହେଲା ଲାଗି ରହିଥିବା ଅସନ୍ତୋଷ ଏବେ ବିସ୍ଫୋରଣ ହେବାରେ ଲାଗିଛି। ଖାମନେଇ ସରକାରଙ୍କ ଦମନ ନୀତି ସତ୍ତ୍ୱେ ଆନ୍ଦୋଳନ ବ୍ୟାପିବାରେ ଲାଗିଛି।

- ଆନ୍ଦୋଳନକାରୀଙ୍କୁ ଆଖିବୁଜା ଗୁଳିମାଡ଼
- ନେତାମାନଙ୍କୁ ଫାଶୀ ଦିଆଯାଉଛି




ଏହି ଆନ୍ଦୋଳନ ଭୟଙ୍କର ରୂପ ଧାରଣ କରିଥିବାରୁ ଏହାକୁ ଦୃଢ଼ ହସ୍ତରେ ଦମନ କରିବାରେ ଲାଗି ପଡ଼ିଛନ୍ତି ସୁରକ୍ଷା ବାହିନୀ। ସୁରକ୍ଷା ବାହିନୀ ପକ୍ଷରୁ ଆନ୍ଦୋଳନକାରମାନଙ୍କ ଉପରେ ଆଖିବୁଜା ଗୁଳିମାଡ଼ କରାଯାଉଛି। ଏହାସହିତ ଅନେକ ଯୁବ ଆନ୍ଦୋଳନକାରୀଙ୍କୁ ଫାଶୀ ଦିଆଯାଉଥିବାର ଖବର ମଧ୍ୟ ମିଳିଛି। ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଦୁଇ ସପ୍ତାହ ମଧ୍ୟରେ ଇରାନରେ ସୁରକ୍ଷା ବାହିନୀ କାର୍ଯ୍ୟାନୁଷ୍ଠାନରେ ୫ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୧୦ ହଜାରରୁ ଅଧିକ ଲୋକଙ୍କୁ ଗିରଫ କରାଗଲାଣି। ତେବେ ୨ ହଜାର ଲୋକ ପ୍ରାଣ ହରାଇଥିବା ଇରାନ ସରକାର ସ୍ୱୀକାରା କରିଛନ୍ତି। ଇରାନରେ ଇଣ୍ଟରନେଟ୍ ଏବଂ ଫୋନ ସେବା ବନ୍ଦ ରହିଥିବାରୁ ପ୍ରକୃତ ତଥ୍ୟ ମିଳିପାରୁ ନାହିଁ। ତେବେ ଆନ୍ଦୋଳନକୁ ନେଇ ସମଗ୍ର ଇରାନରେ ଉତ୍ତେଜନା ଲାଗି ରହିଛି। ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସରକାରୀ ସଂପତ୍ତିରେ ନିଆଁ ଲଗାଇଦେଉଛନ୍ତି। ସେମାନଙ୍କୁ ଦେଖିବା ମାତ୍ରେ ନେସନାଲ ଗାର୍ଡ ଗୁଳିମାଡ଼ କରୁଛନ୍ତି।

ଇରାନ ପରିସ୍ଥିତିକୁ ନେଇ ବିଶ୍ୱବ୍ୟାପୀ ଉଦବେଗ ପ୍ରକାଶ ପାଇଲାଣି। ଇରାନରେ ଆନ୍ଦୋଳନକାରୀଙ୍କୁ ଦମନ କରିବା ଲାଗି ଖାମନେଇ ପ୍ରଶାସନ ଯେଉଁଭଳି ନରସଂହାର ଚଳାଇଛି, ତାହାକୁ ନେଇ ଆମେରିକା ଉଦ ।।ବେଗ ପ୍ରକାଶ କରିବା ସହିତ ଇରାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆନ୍ଦୋଳନକାରୀଙ୍କୁ ସହାୟତା ଯୋଗାଇବା ଲାଗି ତାଙ୍କ ଦେଶ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ଅଛି। ଏଥିପାଇଁ ତାଙ୍କ ସେନା ପ୍ରସ୍ତୁତ ହୋଇ ରହିଛନ୍ତି। ତେବେ ଆକ୍ରମଣ ହେଲେ ଏହାର କଡ଼ା ଜବାବ ଦିଆଯିବ ବୋଲି ଇରାନ ପକ୍ଷରୁ ମଧ୍ୟ ଆମେରିକା ଓ ଇସ୍ରାଏଲକୁ ଧମକ ଦିଆଯାଇଛି।

## କାନାଡ଼ାର ସବୁଠାରୁ ବଡ଼ ସୁନା ଲୁଟ୍

ଟରଣ୍ଟୋ, ୧୩।୧ (ଏଜେନ୍ସି): କାନାଡ଼ାର ସବୁଠାରୁ ବଡ଼ ସୁନା ଚୋରି ମାମଲାରେ ପୁଲିସକୁ ବଡ଼ ସଫଳତା ମିଳିଛି। ଏହି ମାମଲାରେ ପୁଲିସ ଅଷ୍ଟମ ଅଭିଯୁକ୍ତ ଅର୍ସଲାନ ଚୌଧୁରୀଙ୍କୁ ଗିରଫ କରିଛି। ଦୁବାଇରୁ ଫେରୁଥିବାବେଳେ ଟରଣ୍ଟୋ ପିୟର୍ସନ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରୁ ତାଙ୍କୁ ଧରା ଯାଇଥିଲା। ପୁଲିସ ସୂଚନା ଅନୁଯାୟୀ, ୨୦୨୩ରେ ଟରଣ୍ଟୋ ବିମାନବନ୍ଦରରୁ ୧୮୦ କୋଟି ଟଙ୍କାର ୪୦୦ କେଜି ସୁନା ଏବଂ ୨.୫ ନିୟୁତ ଡଲାରର ବିଦେଶୀ ମୁଦ୍ରା ଚୋରି ହୋଇଥିଲା। ଏହା ଜୁରିଚ୍‌ରୁ ଆସିଥିଲା। ମାତ୍ର ବିମାନବନ୍ଦରରୁ ଏହାକୁ ଚୋରି କରି ନିଆଯାଇଥିଲା। ଏହି ମାମଲାର ଅନ୍ୟ ଜଣେ ଅଭିଯୁକ୍ତ ଭାରତରେ ଲୁଚିଥିବା ଦାବି କରାଯାଉଛି। ଚୌଧୁରୀ ବିରୋଧରେ ୫,୦୦୦ ଡଲାରରୁ ଅଧିକ ଚୋରି, ଅପରାଧରୁ ପ୍ରାପ୍ତ ସମ୍ପତ୍ତି ରଖିବା ଏବଂ ଷଡ଼ଯନ୍ତ୍ର ଅଭିଯୋଗ ଲାଗିଛି। ଏହି ଗିରଫ ଅନ୍ତର୍ଜାତୀୟ ସ୍ତରରେ 'ପ୍ରୋଜେକ୍ଟ ୨୪କେ' ନାମରେ ଚାଲିଥିବା ଯାଞ୍ଚର ଅଂଶବିଶେଷ।

- ଅଷ୍ଟମ ଅଭିଯୁକ୍ତ ଗିରଫ: ଅନ୍ୟ ଜଣେ ଭାରତରେ ଲୁଚିଛି
- ୨ ବର୍ଷ ତଳେ ଚୋରି କରିଥିଲେ ୧୮୦ କୋଟିର ସୁନା

ଏହି ମାମଲାରେ ଏ ପର୍ଯ୍ୟନ୍ତ ଆଠ ଜଣଙ୍କୁ ଗିରଫ କରାଗଲାଣି। ଅନ୍ୟ ଜଣେ ଅଭିଯୁକ୍ତ ଏୟାର କାନାଡାର ପୂର୍ବତନ କର୍ମଚାରୀ ସିମରନ ପ୍ରୀତ ପାନେସର ବୋଲି ଜଣାପଡ଼ିଛି। ସେ ଭାରତରେ ଲୁଚି ରହିଛନ୍ତି। ପ୍ରୀତି ଏୟାରଲାଇନ୍ସର ସିଷ୍ଟମକୁ ହେରଫେର କରି ଚାଲାଣକୁ ଅନ୍ୟତ୍ର ପଠାଇବାରେ ସାହାଯ୍ୟ କରିଥିଲେ। ଗତ ବର୍ଷ ସେ ଚଣ୍ଡିଗଡ଼ର ଉପକଣ୍ଠରେ ଥିବା ଏକ ଭଡା ଘରେ ରହୁଥିବା ଜଣା ପଡ଼ିଥିଲା। କାନାଡାରେ ତାଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଛି। ସେହିପରି ଅନ୍ୟତମ ଅଭିଯୁକ୍ତ ବ୍ରାମ୍ପଟନ୍ ନିବାସୀ ଅର୍ଚ୍ଚିତ ଗ୍ରୋଭରଙ୍କୁ ଭାରତରୁ ଆସିବା ସମୟରେ ୨୦୨୪ ମେ'ରେ ପିଅର୍ସନ ଅନ୍ତର୍ଜାତୀୟ ବିମାନବନ୍ଦରରେ ଗିରଫ କରାଯାଇଥିଲା।

## ଗ୍ରୀନଲାଣ୍ଡ କବ୍‌ଜା ପାଇଁ ଆମେରିକା ଆଣିଲା ବିଲ୍

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ଗ୍ରୀନଲାଣ୍ଡ ହାସଲ କରିବା ଜିଦ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଟଳ ରହିଛନ୍ତି। ଆମେରିକାର କିଛି ସାଂସଦ ବି ଏପରି ହେଉ ବୋଲି ଚାହୁଁଛନ୍ତି। ୟୁରୋପୀୟ ରାଷ୍ଟ୍ରଙ୍କ ତୀବ୍ର ବିରୋଧ ସତ୍ତ୍ୱେ ଜିଦିଆ ଟ୍ରମ୍ପ ଶୁଣିବାକୁ ନାରାଜ। ଏବେ ଆମେରିକା ସଂସଦରେ ଗ୍ରୀନଲାଣ୍ଡ କବ୍‌ଜା ପାଇଁ ଏକ ବିଲ୍ ଆଗତ ହୋଇଛି। ଆମେରିକା ସାଂସଦ ର୍ୟାଣ୍ଡି ଫାଇନ ଏହି ବିଲ୍ 'ଦ ଗ୍ରୀନଲାଣ୍ଡ ଆନେକ୍ସେସନ ଆଣ୍ଡ ଷ୍ଟେଟହୁଡ ଆକ୍ଟ' ଉପସ୍ଥାପନ କରିଛନ୍ତି। ଏହା ଗ୍ରୀନଲାଣ୍ଡକୁ ଆମେରିକାର ୫୧ ତମ ରାଜ୍ୟ କରିବାକୁ ଅଧିକାର ଦେଉଛି। ସାମାଜିକ ଗଣମାଧ୍ୟମରେ ଫାଇନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରୁଷ ଏବଂ ଚୀନର ପ୍ରଭାବକୁ ରୋକିବା ପାଇଁ ଏହି ବିଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରେ ରାଜ୍ୟ ମାନ୍ୟତା ପାଇଁ ଆବଶ୍ୟକ ସଂସ୍କାର ଆଣିବାକୁ ଏକ ସମ୍ପୂର୍ଣ୍ଣ ରିପୋର୍ଟ ସଂସଦରେ ଉପସ୍ଥାପନ କରାଯିବ। ଏବେ ବିଲ୍ ବିଚାରାଧୀନ ରହିଛି। ଏହାକୁ ଗୃହ ଏବଂ ସିନେଟ୍ ଉଭୟରେ ପାରିତ କରିବାକୁ ହେବ।

- ୫୧ ରାଜ୍ୟର ଅଧିକାର ମିଳିବ
- ପସନ୍ଦ କର କି ନ କର ଫରକ ପଡ଼ିବନି: ଟ୍ରମ୍ପ

ବିଶେଷଜ୍ଞଙ୍କ ଅନୁଯାୟୀ, ଏହାକୁ ପାରିତ ଅତ୍ୟନ୍ତ କାଠିକର ହେବ। କାରଣ ଏହା ଅନ୍ତର୍ଜାତୀୟ ଆଇନ ବିରୋଧୀ। ଡେନମାର୍କ ଗତ ୩୦୦ ର୍ଷ ଧରି ଗ୍ରୀନଲାଣ୍ଡକୁ ନିୟନ୍ତ୍ରଣ କରିଆସିଛି। ଅନ୍ୟପଟେ ରାଷ୍ଟ୍ରପତି ଟ୍ରମ୍ପ ଏହି ବିଲ୍‌କୁ ସମର୍ଥନ କରିଛନ୍ତି। ଗ୍ରୀନଲାଣ୍ଡ ଆମେରିକାର ପ୍ରତିରକ୍ଷା ପାଇଁ ଅତ୍ୟାବଶ୍ୟକ ବୋଲି ସେ କହିଛନ୍ତି। ଅନ୍ୟ ଦେଶମାନେ ଏହାକୁ ପସନ୍ଦ କରନ୍ତୁ କି ନାହିଁ ସେ ଏହି ଦିଗରେ ପଦକ୍ଷେପ ନେଉଥିବା ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଗ୍ରୀନଲାଣ୍ଡର ଲୋକଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଟ୍ରମ୍ପ ପ୍ରଶାସନ ମଧ୍ୟ ବିଚାର କରୁଛି। ଡେନମାର୍କ ଏବଂ ଗ୍ରୀନଲାଣ୍ଡର ଅଧିକାରୀମାନେ ଟ୍ରମ୍ପଙ୍କ ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଛନ୍ତି। ଏହାକୁ ଅପମାନଜନକ ବୋଲି କହିଛନ୍ତି। ଯଦି ଆମେରିକା ସାଂସଦ ଆଣିଥିବା ବିଲ୍ ଗୃହୀତ ହୁଏ ତେବେ ଆମେରିକାର ରାଷ୍ଟ୍ରପତିଙ୍କୁ ଡେନମାର୍କ ସହିତ ଆଲୋଚନା ଏବଂ ଅନ୍ୟାନ୍ୟ ଉପାୟରେ ଗ୍ରୀନଲାଣ୍ଡକୁ ଆମେରିକୀୟ ଅଞ୍ଚଳରେ ମିଶାଇବା ପାଇଁ ସମସ୍ତ କ୍ଷମତା ମିଳିବ।

## ଦୁର୍ନୀତି ବିରୋଧୀ ଆଇନକୁ ନେଇ ବିଚାରପତିଙ୍କ ଭିନ୍ନ ମତ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି):ଦୁର୍ନୀତି ମାମଲାରେ ସରକାରୀ କର୍ମଚାରୀଙ୍କ ବିରୋଧରେ ଯାଞ୍ଚ ପୂର୍ବରୁ ଅନୁମତି ନେବାର ବାଧ୍ୟତାମୂଳକ ନିୟମ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହାକୁ ନେଇ ଜଷ୍ଟିସ ନାଗରତ୍ନା ଏବଂ ଜଷ୍ଟିସ ବିଶ୍ୱନାଥନଙ୍କ ଖଣ୍ଡପୀଠ ପରସ୍ପର ଭିନ୍ନ ମତ ଦେଇଛନ୍ତି। ଜଣେ ବିଚାରପତି ଏହି ଆଇନକୁ ସମର୍ଥନ କରିଥିବା ବେଳେ ଅନ୍ୟ ଜଣେ ଅସାମ୍ବିଧାନିକ କହି ବିରୋଧ କରିଛନ୍ତି। ତେଣୁ ମାମଲାକୁ ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନିକଟକୁ ପଠାଇ ଦିଆଯାଇଛି। ବଡ଼ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହେବ। ଏହି ମାମଲା ଦୁର୍ନୀତି ନିରୋଧୀ ଆଇନ (ପିସି ଆକ୍ଟ)ର ଧାରା ୧୭ ଏର ସାମ୍ବିଧାନିକ ବୈଧତା ସହ ଜଡ଼ିତ। ଏଥିରେ କୌଣସି ସରକାରୀ କର୍ମଚାରୀଙ୍କ ବିରୋଧରେ ଯାଞ୍ଚ ପୂର୍ବରୁ ସରକାରଙ୍କଠାରୁ ଅନୁମତି ନେବାକୁ ପଡ଼ିଥାଏ। ଏହାକୁ ନେଇ ବିବାଦ ହୋଇଛି।



- ଧାରା ୧୭ ଏକୁ ଅସାମ୍ବିଧାନିକ କହିଲେ ଜଷ୍ଟିସ ନାଗରତ୍ନା
- ସମର୍ଥନରେ ବାହାରିଲେ ଜଷ୍ଟିସ ବିଶ୍ୱନାଥନ

ଜଷ୍ଟିସ ବି.ଭି. ନାଗରତ୍ନା ଧାରା ୧୭ ଏକୁ ଅସାମ୍ବିଧାନିକ ଷଣା କରି ଏହାକୁ ବାତିଲ୍ କରିବାକୁ କହିଛନ୍ତି। ଏହି ଧାରା ଆଇନର ଉଦ୍ଦେଶ୍ୟ ବିରୋଧୀ। ଦୁର୍ନୀତିଗ୍ରସ୍ତଙ୍କୁ ରକ୍ଷା କରେ ବୋଲି ସେ ମତ ଦେଇଛନ୍ତି। ପୂର୍ବ ଅନୁମତିର ଆବଶ୍ୟକତା ଆଇନରେ ରହିଥିବା ଉଦ୍ଦେଶ୍ୟର ବିରୋଧୀ। ଏହା ତଦନ୍ତକୁ ବନ୍ଦ କରିଦିଏ ଏବଂ ଦୁର୍ନୀତିଗ୍ରସ୍ତଙ୍କୁ ରକ୍ଷା କରେ । ଦେଶରେ ଦୁର୍ନୀତି ବ୍ୟାପକ ଥିବାରୁ କଡ଼ା ଆଇନ ଆବଶ୍ୟକ ବୋଲି ଜଷ୍ଟିସ ନାଗରତ୍ନା କହିଛନ୍ତି। ସେହିପରି ଜଷ୍ଟିସ ବିଶ୍ୱନାଥନ ଧାରା ୧୭ ଏକୁ ସାମ୍ବିଧାନିକ ଦର୍ଶାଇଛନ୍ତି। ତେବେ ଲୋକପାଳ କିମ୍ବା ରାଜ୍ୟର ଲୋକାୟୁକ୍ତଙ୍କ ଏଥିପାଇଁ ଅନୁମତି ଦିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ସରକାରୀ ଅଧିକାରୀଙ୍କୁ ଆକ୍ରୋଶମୂଳକ ମାମଲାରୁ ରକ୍ଷା କରିବା ପାଇଁ ଏହି ଧାରା ଏକ ନ୍ୟାୟୋଚିତ ପଦକ୍ଷେପ ଭାବେ କାମ କରେ । ଏହାକୁ ବାତିଲ କରିବା ଅନ୍ୟାୟକୁ ପ୍ରୋତ୍ସାହନ ସଦୃଶ ହେବ। 'ସତ୍ୟବାଦୀ ଓ ସମ୍ମାନିତ ବ୍ୟକ୍ତି ପାଇଁ ମୃତ୍ୟୁ ବି ଅପମାନଠାରୁ ଭଲ। ସୋସିଆଲ ମିଡିଆ ଯୁଗରେ କୋର୍ଟରେ ପରେଡ଼ କରି ଅପରାଧମୁକ୍ତ ପ୍ରମାଣିତ ହେଲେ ବି ଏହା ଦଣ୍ଡିତ ହେବା ଭଳି ସ୍ଥିତି ସୃଷ୍ଟି କରିବ। ଏହା ଧାରାକୁ ହଟାଇଲେ ନୀତିରେ ଅଚଳାବସ୍ଥା ଆସିବ। ଏହାକୁ ଉଚ୍ଛେଦ କରିବା ଦ୍ୱାରା ଗାଧୁଆ ପାଣିରେ ଶିଶୁକୁ ଫିଙ୍ଗିବା ଭଳି ହେବ। ଏହି ଆଇନ ଦ୍ୱାରା ସଚ୍ଚୋଟ ଅଧିକାରୀ ଦେଶ ସେବା ପାଇଁ ଆଗକୁ ଆସିବେ।

ଏନ୍‌ଜିଓ ସେଣ୍ଟର୍ ଫର୍ ପବ୍ଲିକ୍ ଇଣ୍ଟ୍ରେଷ୍ଟ ଲିଟିଗେସନ୍ (ସିପିଆଇଏ) ପକ୍ଷରୁ ଏହି ମାମଲା ଦାଏର କରାଯାଇଥିଲା। ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଆବେଦନକାରୀଙ୍କ ପକ୍ଷରୁ ବିତର୍କ କରିଥିଲେ। ୨୦୧୮ ରେ ସଂଶୋଧନ କରି ଧାରା ୧୭ଏ ଯୋଡ଼ା ଯାଇଥିଲା। ଏହା ଦୁର୍ନୀତି ବିରୋଧୀ ଅଭିଯାନକୁ ବାଧା ଦେଉଛି ଅଭିଯୋଗ କରାଯାଇଥିଲା।

# ନିର୍ବାଚନମୁହାଁ ରାଜ୍ୟମାନଙ୍କରେ ଫାଇଲ ଖୋଲୁଛି ଇଡି

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ନିର୍ବାଚନ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର କାର୍ଯ୍ୟାନୁଷ୍ଠାନ ଚର୍ଚ୍ଚାରେ ରହିଛି। ଯେଉଁ ରାଜ୍ୟରେ ନିର୍ବାଚନ ହେବାକୁ ଯାଉଛି, ସେହି ରାଜ୍ୟରେ ଚଢ଼ଉ କରି ଅପକୀର୍ତ୍ତି ଅର୍ଜନ କରିଛି ଏହି କେନ୍ଦ୍ରୀୟ ଏଜେନ୍ସି। ଆର୍ଥିକ ଅପରାଧ, କଳା ଧନ ଏବଂ ମନି ଲଣ୍ଡରିଂ ଉପରେ ଲଗାମ ଲଗାଇବା ପାଇଁ ଉଦ୍ଦିଷ୍ଟ ଏହି ଯାଞ୍ଚ ଏଜେନ୍ସି ନିଜର କାର୍ଯ୍ୟକଳାପ ଏବଂ ସମୟ ଜ୍ଞାନକୁ ନେଇ ସର୍ବଦା ବିବାଦରେ ରହିଆସିଛି। ଚଳିତ ବର୍ଷ ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗରେ ଚଢ଼ଉ ଇଡିର ଆଭିମୁଖ୍ୟ ଉପରେ ପ୍ରଶ୍ନ ସୃଷ୍ଟି କରିଛି। କିଛି ଦିନ ତଳେ କୋଲକାତାରେ ଆଇ-ପାକ ସମ୍ବନ୍ଧିତ ଠିକଣାରେ ଚଢ଼ଉକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଇଡି ମୁହାଁମୁହିଁ ହୋଇଥିଲେ। ଉଭୟେ ଏ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହା ପୂର୍ବରୁ ଗତ ୪ ବର୍ଷରେ ୩ ରାଜ୍ୟ ଝାଡ଼ଖଣ୍ଡ, ଦିଲ୍ଲୀ, ମହାରାଷ୍ଟ୍ରରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ନିର୍ବାଚନର ଠିକ୍ ପୂର୍ବରୁ ଇଡି କାର୍ଯ୍ୟାନୁଷ୍ଠାନ ନେଇ ସମସ୍ତଙ୍କୁ ଚକିତ କରିଦେଇଥିଲା। ମାମଲା ସୁପ୍ରିମକୋର୍ଟ ମଧ୍ୟ ପହଞ୍ଚି ଥିଲା। ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମାଲୋଚନା ସତ୍ତ୍ୱେ ଯାଞ୍ଚ ଏଜେନ୍ସିର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ଆସି ନାହିଁ।

- ପଶ୍ଚିମବଙ୍ଗ ପୂର୍ବରୁ ୩ ରାଜ୍ୟରେ ଚାଲିଥିଲା ସମାନ ଧାରା
- ଏବେ ଆସାମ, କେରଳ, ପୁଡୁଚେରୀରେ ଚଢ଼ଉ ପାଇଁ ପ୍ରସ୍ତୁତି

ଚଳିତ ବର୍ଷ ପଶ୍ଚିମବଙ୍ଗ ସମେତ ତାମିଲନାଡୁ, କେରଳ, ଆସାମ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ସବୁ ରାଜ୍ୟରେ ଇଡି ପୁରୁଣା ମାମଲାର ଫାଇଲ ଖୋଲିବା ଆରମ୍ଭ କରିଦେଇଥିବା ସୂଚନା ମିଳିଛି। ଆସାମରେ ଏବେ ବିଜେପି ସରକାର ରହିଛି। ତେଣୁ ବିରୋଧୀ କଂଗ୍ରେସ ଏବଂ ଏଆଇୟୁଡିଏଫ ସମ୍ବନ୍ଧିତ ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନର ଭୟ ରହିଛି। ଏପରି ହେଲେ ସେମାନଙ୍କର ନିର୍ବାଚନୀ ପାଣ୍ଠି ନେଟୱର୍କ ଉପରେ ପ୍ରଭାବ ପଡ଼ିପାରେ। ସେହିପରି ମଦ, ରିୟଲ ଇଷ୍ଟେଟ ଏବଂ ସେଲ୍ କମ୍ପାନୀଙ୍କ ସହ ଜଡ଼ିତ ମାମଲାରେ କ୍ଷମତାସୀନ ଡିଏମକେର ସମସ୍ୟା ସୃଷ୍ଟି ହୋଇପାରେ। କେରଳରେ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ ସୁନା ଚାଲାଣ ମାମଲାରେ ଫସିଛନ୍ତି। ଏହି ମାମଲାରେ ତାଙ୍କ ଘନିଷ୍ଠ ଆଇଏଏସ ଅଧିକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ସମବାୟ ବ୍ୟାଙ୍କ ଦୁର୍ନୀତି ମାମଲାର ମଧ୍ୟ ଏଲଡିଏଫ ସରକାରଙ୍କ ମୁଣ୍ଡ ବିନ୍ଧା ସୃଷ୍ଟି କରିପାରେ। ଏହା ବ୍ୟତୀତ ପୁଡୁଚେରୀରେ ବ୍ୟବସାୟୀ ଏବଂ ରାଜନେତାଙ୍କ ସାଣ୍ଟଗାଣ୍ଠ ଇଡିର ରାଡାରରେ ରହିଛି।

ପୂର୍ବରୁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଗିରଫ ପରେ ଚାପ ସୃଷ୍ଟି ହୋଇଥିଲା। ଦିଲ୍ଲୀରେ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ଯୋଗୁଁ ଆପ୍‌ର ରାଜନୈତିକ ଗଣିତ ବିଗିଡ଼ି ଯାଇଥିଲା। ମହାରାଷ୍ଟ୍ରରେ ଶିବସେନା ଏବଂ ଏନସିପି ସମ୍ବନ୍ଧିତ ମାମଲା ଯୋଗୁଁ ଦଳ ଭାଙ୍ଗି ସରକାର ଭୁଶୁଡ଼ି ଥିଲା। ଅନେକ ଥର ଆରୋପପତ୍ର ଦାଏର ପୂର୍ବରୁ ରାଜନୈତିକ ସମୀକରଣ ମଧ୍ୟ ବଦଳି ଯାଇଥିଲା। କିନ୍ତୁ, ଏଜେନ୍ସିର କାମ କେବଳ ଯାଞ୍ଚ କରିବା ଏବଂ ରାଜନୀତି ସହ କୌଣସି ଦେବାନେବା ନାହିଁ ବୋଲି ଇଡି ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ ଇଡି ଗତ ୮ ତାରିଖରେ କୋଇଲା ଚୋରା ଚାଲାଣ ସହ ଜଡିତ ୨,୭୪୨ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲା ମମତାଙ୍କ ରଣନୀତିକାର ଆଇ-ପାକ କାର୍ଯ୍ୟାଳୟ ଏବଂ ଏହାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ଘରେ ଇଡି ଚଢ଼ଉ କରିଥିଲା। ୨୦୨୦ ନଭେମ୍ବର ୨୭ରେ ଏହି ମାମଲାରେ ସିବିଆଇ ଏକ ଏତଲା ଦାଏର କରିଥିଲା। ଏହାର ଦିନକ ପରେ ତଦନ୍ତ ଆରମ୍ଭ କରିଥିଲା। ପାଞ୍ଚ ବର୍ଷ ହେଲା ଏହି ମାମଲା ପଡ଼ି ରହିଥିଲା। ମାତ୍ର ମାର୍ଚ୍ଚ-ଏପ୍ରିଲରେ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଇଡି ଚଢ଼ଉ କରିଛି। ଆଇ-ପାକ ଏକ ରାଜନୈତିକ ପରାମର୍ଶଦାତା ସଂସ୍ଥା। ଏହା ରାଜନୈତିକ ଦଳଗୁଡ଼ିକ ପାଇଁ ନିର୍ବାଚନ ରଣନୀତି ପ୍ରସ୍ତୁତ କରିଥାଏ। ହାୱାଲା ମାଧ୍ୟମରେ ଆଇ-ପାକକୁ ୨୦ କୋଟି ଟଙ୍କା ସ୍ଥାନାନ୍ତର ହୋଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଇଡି ସୁପ୍ରିମକୋର୍ଟରେ ଆବେଦନ ଦାଏର କରି ତଦନ୍ତରେ ରାଜ୍ୟ ସରକାର ବାଧା ସୃଷ୍ଟି ଏବଂ ପ୍ରମାଣ ନଷ୍ଟ କରୁଥିବା ଅଭିଯୋଗ ଲଗାଇଛି।

## ଚାଷୀ ବିରୋଧୀ ମନ୍ତବ୍ୟକୁ ତୀବ୍ର ନିନ୍ଦା

# ଉପମୁଖ୍ୟମନ୍ତ୍ରୀ କ୍ଷମାପ୍ରାର୍ଥନା ନ କଲେ ଆନ୍ଦୋଳନ

ବଲାଙ୍ଗିର,୧୩।୧(ସମିସ): ଧନୁଯାତ୍ରା ମଞ୍ଚରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଚାଷୀ ଆନ୍ଦୋଳନକୁ 'ନୌଟଙ୍କି' ଓ ସୋନପୁରରେ ଏକ ସମାବେଶରେ ଚାଷୀଙ୍କୁ 'ଦଲାଲ' ଆକ୍ଷେପ ରାଜ୍ୟର ଚାଷୀଙ୍କ ମନରେ ସୃଷ୍ଟି କରିଛି କ୍ଷୋଭ । ଧାନ କିଣାରେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପରିବର୍ତ୍ତେ ସେମାନଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟକୁ ଚାଷୀମାନେ ଗ୍ରହଣ କରିପାରୁ ନାହାନ୍ତି । ଉପମୁଖ୍ୟମନ୍ତ୍ରୀ ଏଥିପାଇଁ କ୍ଷମା ପ୍ରାର୍ଥନା ନ କଲେ ସାରା ରାଜ୍ୟରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ବଲାଙ୍ଗିର ମିଳିତ କୃଷକ ମଞ୍ଚ ପକ୍ଷରୁ ସ୍ଥାନୀୟ ଭବନରେ ସାମ୍ବାଦିକ ଭବନରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଚାଷୀଙ୍କ ପ୍ରତି କରାଯାଉଥିବା ଅତ୍ୟାଚାରକୁ ନିନ୍ଦା କରାଯାଇଛି । ବରିଷ୍ଠ ଚାଷୀନେତା ତଥା ଆବାହକ ଆକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ମିଳିତ କୃଷକ ମଞ୍ଚ ପକ୍ଷରୁ ଆୟୋଜିତ ହୋଇଥିବା ଏହି ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଚାଷୀଙ୍କ ପ୍ରତି ଦେଇଥିବା ବିବାଦୀୟ ମନ୍ତବ୍ୟ ପ୍ରତ୍ୟାହାର ସହ ଚାଷୀଙ୍କୁ କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଛି । ନଚେତ୍ ଚାଷୀ ରାସ୍ତାକୁ ଓହ୍ଲାଇବାକୁ ମିଳିତ କୃଷକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି । ସୁବର୍ଣ୍ଣପୁର ଲୋକ ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀଙ୍କୁ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିବାଦ କରୁଥିବା ନବ ନିର୍ମାଣ କୃଷକ ସଂଗଠନ ଚାଷୀନେତାଙ୍କୁ ବିଜେପି କର୍ମୀ ଓ ପୁଲିସ ମାଡ଼ ମାରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଓ ସମସ୍ତ ଚାଷୀଙ୍କୁ ଟୋକନ ଯୋଗାଇ ଦିଆଯାଇ ସମସ୍ତ ଧାନ ନିର୍ଦ୍ଧାରିତ ତାରିଖ ମଧ୍ୟରେ ୩୧୦୦ ଟଙ୍କାରେ କିଣିବାକୁ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ଚାଷୀନେତା ଦାବି କରିଛନ୍ତି । ୨୬ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ୨୬ରୁ ୩୧ ମଧ୍ୟରେ ଚାଷୀ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ମିଳିତ କୃଷକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଧନୁଯାତ୍ରା ମଞ୍ଚରେ ଚାଷୀଙ୍କ ପ୍ରତି ଦେଇଥିବା ଅପମାନ ସୂଚକ ମନ୍ତବ୍ୟ, ସୁବର୍ଣ୍ଣପୁର ଲୋକ ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରତିବାଦ କରୁଥିବା ନବ ନିର୍ମାଣ କୃଷକ ସଂଗଠନ ଜିଲ୍ଲା ସଂଯୋଜକ ଓ ଚାଷୀଙ୍କୁ ବିଜେପି କର୍ମୀ ଓ ପୁଲିସ ଆକ୍ରମଣ, ଅତାବିରାରେ କୃଷକ ଆନ୍ଦୋଳନ ସମୟରେ ଆନ୍ଦୋଳନକାରୀ କୃଷକଙ୍କୁ ଗିରଫ ଘଟଣା ସରକାରଙ୍କ ଚାଷୀ ବିରୋଧୀ ମନୋଭାବକୁ ଦର୍ଶାଉଛି ବୋଲି ଚାଷୀନେତାମାନେ କହିଛନ୍ତି । ଏହି ଅବସରରେ ଜିଲ୍ଲା କୃଷକ ମହାସଂଘ ସଭାପତି ଯତୀ ପଧାନ, ସମ୍ପାଦକ ସୌମେନ୍ଦ୍ର ପରିଚ୍ଛା(ଚଗଲା), କୋଷାଧ୍ୟକ୍ଷ ମଧୁସୂଦନ କ୍ଷେତୀ, ନବ ନିର୍ମାଣ କୃଷକ ସଂଗଠନ ବଲାଙ୍ଗିର ଜିଲ୍ଲା ସଂଯୋଜକ ହିମାଂଶୁ ଶେଖର ସାହୁ, କୋଶଲି କିଶାନ ସଭା କାର୍ଯ୍ୟକାରୀ ସଭାପତି କୌସ୍ତୁଭ ସାହୁ, ବଲାଙ୍ଗିର ଜିଲ୍ଲା କୃଷକ ସଂଗଠନ ସଭାପତି ବିଭୁଦତ୍ତ ମିଶ୍ର ପ୍ରମୁଖ ଚାଷୀନେତା ମଞ୍ଚାସୀନ ଥିଲେ ।

## ଧାନମଣ୍ଡି ପ୍ରସଙ୍ଗରେ ସରକାରଙ୍କ ଡାହା ମିଛ

# ୨୦ରେ ବରଗଡ଼ରେ ଚାଷୀ ସମାବେଶ

ଭୁବନେଶ୍ୱର, ୧୩।୧(ସମିସ): ରାଜ୍ୟର ମଣ୍ଡିଗୁଡ଼ିକରେ ଏବେ ଭୟଙ୍କର ଅବ୍ୟବସ୍ଥା ଦେଖାଦେଇଛି । ଗତ ବର୍ଷମାନଙ୍କରେ କେବେ ଏଭଳି ସ୍ଥିତି ଦେଖା ଦେଇନଥିଲା । ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ମଣ୍ଡିରେ

- ଆନ୍ଦୋଳନକୁ ଓହ୍ଲାଇବ କିଷାନ କଂଗ୍ରେସ
- ୨୦ରେ ବରଗଡ଼ଠାରେ ଚାଷୀ ପ୍ରତିବାଦ ସମାବେଶ

୧୦ ହଜାରରୁ ୧୫ ହଜାର ପର୍ଯ୍ୟନ୍ତ ଧାନବସ୍ତା ପାହାଡ଼ ଭଳି ଗଦା ହୋଇ ପଡ଼ିରହିଛି । ହେଲେ ଏହି ଧାନ ଉଠାଇବା ପାଇଁ ସରକାରଙ୍କର ଆଦୌ ଆନ୍ତରିକତା ନାହିଁ । ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କିଷାନ କଂଗ୍ରେସ ଏପରି ଅଭିଯୋଗ କରିଛି । ମଣ୍ଡିରେ ଲାଗି ରହିଥିବା ଅବ୍ୟବସ୍ଥା ଏବଂ ଚାଷୀଙ୍କୁ ହଇରାଣ ପ୍ରତିବାଦରେ ଆସନ୍ତା ୨୦ ତାରିଖରେ ରାଜ୍ୟର ଭାତହାଣ୍ଡି ଭାବେ ପରିଚିତ ବରଗଡ଼ଠାରେ ଚାଷୀମାନଙ୍କୁ ନେଇ ପ୍ରତିବାଦ ସମାବେଶ କରିବାକୁ ଦଳ ନିଷ୍ପତ୍ତି ନେଇଛି ।

ଗତ ଜାନୁଆରୀ ୬ରୁ ୧୨ତାରିଖ ପର୍ଯ୍ୟନ୍ତ କିଷାନ କଂଗ୍ରେସର ଏକ ରାଜ୍ୟସ୍ତରୀୟ ଟିମ୍ ଅଧ୍ୟକ୍ଷ ଅଭୟ ସାହୁଙ୍କ ନେତୃତ୍ୱରେ ଦକ୍ଷିଣ ଓଡ଼ିଶା ଗସ୍ତ କରି ବାସ୍ତବ ସ୍ଥିତି ଦେଖିଥିଲା । ଦଳ ପକ୍ଷରୁ କୁହାଯାଇଛି, ଉଭୟ ପୁରୁଷ ଓ ମହିଳା ଚାଷୀମାନେ ୬ ଡିଗ୍ରୀ ଥଣ୍ଡାରେ ଦିନରାତି ନିଜ ଅମଳକୁ ଜଗି ରହିଛନ୍ତି । ଏହି ଅବ୍ୟବସ୍ଥା ଅତ୍ୟନ୍ତ ଦୁର୍ଦ୍ଦିନ ଭିତରକୁ ଚାଷୀଙ୍କୁ ଠେଲି ଦେଇଛି । ମଣ୍ଡିମାନଙ୍କର ଅବ୍ୟବସ୍ଥା ଦେଖିଲା ପରେ ସରକାର ଓ ମିଲର୍‌ମାନଙ୍କର ମଧୁଚନ୍ଦ୍ରିକା ପଦାକୁ ଆସିଛି । ସରକାର ଜାଣିଶୁଣି ମିଲର୍‌ମାନଙ୍କର ଧର୍ମଘଟ କରି



ଏଭଳି ଅଚଳାବସ୍ଥା ସୃଷ୍ଟି କରିଛନ୍ତି । ଫଳରେ ଚାଷୀ ଅଧିକ ଦିନ ଅପେକ୍ଷା ନ କରି ଅଭାବୀ ବିକ୍ରିର ଶିକାର ହେବ ଏବଂ ମିଲର୍‌ମାନଙ୍କୁ ସରକାର ଫାଇଦାରେ ରଖି ତାଙ୍କଠୁ ହଜାରହଜାର କୋଟି ଟଙ୍କା ନିର୍ବାଚନୀ ଚାନ୍ଦା ଆଦାୟ କରିବେ । ଧାନ ଅମଳ ପରେ ପଞ୍ଜୀକରଣ, କଟନୀଛଟନୀ ମାନ ନିର୍ଦ୍ଧାରଣ, ନକଲ ପ୍ଲଟ ଓ ଶେଷରେ ମିଲର ଷ୍ଟ୍ରାଇକ୍ ଭଳି କେତେକ ଅବାଞ୍ଛିତ ପ୍ରସଙ୍ଗ ଉଠାଇ ସରକାର ଚାଷୀମାନଙ୍କୁ ଓ ଚାଷକୁ ବଳି ପକାଇଛନ୍ତି ବୋଲି ଦଳ କହିଛି ।

ଅନ୍ୟପଟେ, ପୂର୍ବରୁ ଏମ୍‌ଏସ୍‌ପି ୨୩୦୦ ଟଙ୍କା ଥିଲା ବେଳେ ଏବେ କେନ୍ଦ୍ର ସରକାର ୬୯ଟଙ୍କା ବଢ଼ାଇଛନ୍ତି । ରାଜ୍ୟ ସରକାରଙ୍କ ୮୦୦ ଟଙ୍କା ଇନପୁଟ ସବ୍‌ସିଡି ମିଶାଇଲେ କୁଇଣ୍ଟାଲ ପିଛା ଚାଷୀଙ୍କୁ ସରକାର ୩୧୬୯ ଟଙ୍କା ଦେବା କଥା । ମାତ୍ର ସରକାର ଏହା ଦେଉନାହାନ୍ତି । ତେଣୁ ସରକାର ପ୍ରତ୍ୟେକ ଚାଷୀର ସମସ୍ତ ବଳକା ଧାନକୁ ବିନା କଟନୀ ଛଟନୀରେ, ବିନା ମାନ ନିର୍ଦ୍ଧାରଣରେ କୁଇଣ୍ଟାଲ ପିଛା ୩୧୬୯ ଟଙ୍କା ଦେଇ କିଣିବାକୁ କିଷାନ କଂଗ୍ରେସ ଦାବି କରିଛି । ଏହାସହ ଚାଷୀଙ୍କୁ ଧାନ ଅଖାର ବଜାର ଦର ଓ ପରିବହନ ଖର୍ଚ୍ଚ ପ୍ରଦାନ କରିବାକୁ ମଧ୍ୟ ଦାବି ହୋଇଛି ।

ରାଜ୍ୟର ଚାଷୀ, ଚାଷ ଓ ଧାନମଣ୍ଡିରେ ଦୁରବସ୍ଥା ଲାଗି ରହିଥିବା ବେଳେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ସମୟରେ ଯେଉଁ ଚାଷୀ ଓ ଚାଷବିରୋଧୀ ବିବୃତ୍ତିମାନ ଦେଉଛନ୍ତି ଏବଂ ଖୋଦ୍ କୃଷିମନ୍ତ୍ରୀ ମଧ୍ୟ 'ନୌଟଙ୍କି', ଗୋବରଖତ ଓ ଅନ୍ୟାନ୍ୟ ଚାଷୀ ବିରୋଧୀ ମନ୍ତବ୍ୟ ଦେଉଛନ୍ତି, ତାହା ଅତ୍ୟନ୍ତ ଲଜ୍ଜାଜନକ । ତେଣୁ ତୁରନ୍ତ ମନ୍ତ୍ରୀଦ୍ୱୟ ଇସ୍ତଫା ଦିଅନ୍ତୁ ବୋଲି ଦଳ ଦାବି କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ, ବରିଷ୍ଠ କୃଷକ କଂଗ୍ରେସ ଉପସଭାପତି ଡ. କାର୍ତ୍ତିକ ଚନ୍ଦ୍ର ବରାଳ, ଅରୁଣ ଜେନା, ଉପସଭାପତି ଶିତିକଣ୍ଠ ମହାନ୍ତି, କୃଷକ କଂଗ୍ରେସ ମିଡ଼ିଆ ବିଭାଗ ମନୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ମିଳୁନି ଦରମା

# ପଡ଼ିଛି ଫାଇଲ୍; ଅସହାୟ ବିତ୍ତ ଅଧିକାରୀ

ଭୁବନେଶ୍ୱର, ୧୩।୧ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଗତ ଡିସେମ୍ବର ମାସର ଦରମା ମିଳିନି । ମାସର ଶେଷ କାର୍ଯ୍ୟ ଦିବସରେ ଦରମା ଦେବାର ପ୍ରାବଧାନ ରହିଥିବା ବେଳେ ଜାନୁଆରୀ ମାସକୁ ୧୨ଦିନ ବିତିଥିଲେ ମଧ୍ୟ ସରକାର ଦରମା ଦେଇନାହାନ୍ତି । ଚଳିତ ସପ୍ତାହରେ ମଧ୍ୟ ଦରମା ପ୍ରଦାନ କରାଯାଇପାରିବ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗର ବିତ୍ତ ଅଧିକାରୀ କହିବା ପରେ ଅଧ୍ୟାପକ/ଅଧ୍ୟାପିକାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଉଚ୍ଚଶିକ୍ଷା ବିଭାଗର ବିତ୍ତ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୪୮୮ ଓ ୬୬୨ବର୍ଗ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀଙ୍କୁ ଦରମା ପ୍ରଦାନ କରିବାରେ ବିଳମ୍ବ ହେଉଛି । ଏପରିକି, ଆହୁରି ପାଞ୍ଚରୁ ସାତ ଦିନ ପର୍ଯ୍ୟନ୍ତ ବିଳମ୍ବ ହୋଇପାରେ । ୪୮୮ବର୍ଗର ଦରମା ଫାଇଲ୍ ଗତ ଗୁରୁବାରଠାରୁ ଅର୍ଥାତ୍ ପ୍ରାୟ ୫ଦିନ ହେବ ସରକାରଙ୍କ ପାଖରେ ପଡ଼ି ରହିଛି । ଫଳରେ ଦରମା ପ୍ରଦାନ କରାଯାଇପାରୁନାହିଁ । ଅନୁରୂପ ଭାବେ ୬୬୨ ବର୍ଗ ମହାବିଦ୍ୟାଳୟଗୁଡ଼ିକର ଆବଶ୍ୟକ ତଥ୍ୟ ଆକାଉଣ୍ଟ-୨ ସେକ୍ସନ୍ ପାଖରେ ଏଯାଏ ପହଞ୍ଚି ନାହିଁ । ହିମସ୍ ପୋର୍ଟାଲ୍ ମାଧ୍ୟମରେ ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ସୁଦ୍ଧା ସମସ୍ତ ତଥ୍ୟ ପହଞ୍ଚିବ ବୋଲି ଆଶା ରହିଛି । ଏହାପରେ ଯାଇ ସରକାରଙ୍କଠାରୁ ପାଣ୍ଠି ମଞ୍ଜୁର ପାଇଁ ଫାଇଲ୍ ପ୍ରକ୍ରିୟା ଆରମ୍ଭ କରାଯିବ । ଅର୍ଥାତ୍ ଆସନ୍ତା ସପ୍ତାହରେ ମଧ୍ୟ ଦରମା ପ୍ରଦାନ କରିବା ଏକ ପ୍ରକାର ଅସମ୍ଭବ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି । ଅପରପକ୍ଷେ, ସରକାର ପାଣ୍ଠି ମଞ୍ଜୁର କରୁନଥିବାରୁ ସେ ନିଜକୁ ଅସହାୟ ବୋଲି କହିଛନ୍ତି । ସେମାନଙ୍କ ଦରମା ପାଇଁ କ୍ୟାମ୍ପସ୍-୧ ଏବଂ କ୍ୟାମ୍ପସ୍-୨ ମଧ୍ୟରେ ଦୌଡ଼ୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ସରକାର ପାଣ୍ଠି ମଞ୍ଜୁର କରିବା ପରେ ସେହିଦିନ ହିଁ ଦରମା ପ୍ରଦାନ କରିବାକୁ ପ୍ରୟାସ କରିବେ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ହ୍ୱାଟସଆପ୍ ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି । ଉଚ୍ଚ ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ କର୍ମଚାରୀଙ୍କୁ ଦରମା ଦେବାରେ ସରକାର କାହିଁକି ବିଳମ୍ବ କରୁଛନ୍ତି, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବହୁ କର୍ମଚାରୀ ଦରମା ଟଙ୍କାକୁ ଅପେକ୍ଷା କରି ରହିଥିବା ବେଳେ ସରକାର କୌଣସି କାରଣ ବିନା ଉପେକ୍ଷା କରୁଥିବା ଅଧ୍ୟାପକମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷେ, ଦରମା ଫାଇଲ୍‌କୁ ମଞ୍ଜୁରୀ ମିଳୁ ନଥିବାରୁ ରାଜ୍ୟରେ ଶାସନ ବ୍ୟବସ୍ଥା କିଏ ଚଳାଉଛି ବୋଲି ପ୍ରଶ୍ନ କରିବା ସହ ରାଜ୍ୟକୁ ଭଗବାନ ଭରସା ବୋଲି ଅନେକ ସାମାଜିକ ଗଣମାଧ୍ୟମରେ ମତବ୍ୟକ୍ତ କରିଛନ୍ତି ।

# ୧୭ରୁ ପ୍ରତି ଜିଲ୍ଲାରେ ସମବାୟବିତ୍‌ଙ୍କୁ ଭେଟିବ କଂଗ୍ରେସ

ଭୁବନେଶ୍ୱର,୧୩।୧(ସମିସ): ସବୁବର୍ଗର ଲୋକଙ୍କ ଅର୍ଥନୈତିକ ପ୍ରଗତିରେ ସମବାୟ ଏକ ବଳିଷ୍ଠ ମାଧ୍ୟମ । ସମବାୟ ସଂସ୍ଥାଗୁଡ଼ିକ ଯେତିକି ସଶକ୍ତ ଓ କ୍ରିୟାଶୀଳ ହେବ, ସଭ୍ୟ ସଭ୍ୟାମାନଙ୍କର ସେତିକି ବିକାଶ ହେବା ସହ ରାଜ୍ୟ ଅର୍ଥନୀତିରେ ଅଭିବୃଦ୍ଧି ଘଟିବ । କିନ୍ତୁ, ବର୍ତ୍ତମାନ ବିଜେପି ସରକାରରେ ସମବାୟ ସଂସ୍ଥାଗୁଡ଼ିକ ଦେବାଳିଆ ଆଡ଼କୁ ଗତି କରି ଚାଲିଛି । ଭିତ୍ତିଭୂମି ଓ ମାନବ ସମ୍ବଳର ଅଭାବ, ପରିଚାଳନାଗତ ତ୍ରୁଟି, ନିର୍ବାଚନରେ ସ୍ୱଚ୍ଛତା ନ ରହିବା, ସମବାୟ ସଂସ୍ଥାର କର୍ମଚାରୀମାନଙ୍କ ଦୀର୍ଘ ଦିନର ନ୍ୟାଯ୍ୟ ଦାବି ପୂରଣ ନ ହେବା ଆଦି ଏହାର କାରଣ ବୋଲି ପିସିସି ସମବାୟ ବିଭାଗ ମୁଖ୍ୟ ଅମିୟ ପଟ୍ଟନାୟକ କହିଛନ୍ତି । ତେଣୁ, ସମବାୟକୁ ସମୃଦ୍ଧ କରିବାକୁ ପିସିସି ସମବାୟ ପ୍ରକୋଷ୍ଠ ଆସନ୍ତା ୧୭ତାରିଖରୁ ପର୍ଯ୍ୟାୟକ୍ରମେ ପ୍ରତି ଜିଲ୍ଲାସ୍ତରରେ ସମବାୟବିତ୍‌ମାନଙ୍କୁ ନେଇ ବୈଠକ ଓ କର୍ମଶାଳା ଆୟୋଜନ କରିବ । ଏଥିରେ ସମବାୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର କରାଯିବା ସହ ସମବାୟବିତ୍‌ମାନଙ୍କ ଅନୁଭୂତିପୂର୍ଣ୍ଣ ମତାମତକୁ ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଆସନ୍ତା ୧୭ ତାରିଖ ଦିନ ପ୍ରଥମେ ଗଞ୍ଜାମ ଜିଲ୍ଲାର ବାପୁଜୀ ଆଶ୍ରମଠାରେ ଜିଲ୍ଲା କଂଗ୍ରେସ ସମବାୟ ପ୍ରକୋଷ୍ଠର ପ୍ରଥମ ବୈଠକ ଅନୁଷ୍ଠିତ ହେବ । ପ୍ରତି ଜିଲ୍ଲାସ୍ତରରେ ଆୟୋଜିତ ହେବାକୁ ଥିବା କର୍ମଶାଳାରେ ପ୍ରାଥମିକଠାରୁ ଶୀର୍ଷ ସମବାୟ ସଂସ୍ଥା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ କଂଗ୍ରେସପ୍ରେମୀ ସମବାୟବିତ୍‌ମାନେ ଅଂଶଗ୍ରହଣ କରିବାକୁ ରାଜ୍ୟ ପ୍ରକୋଷ୍ଠର ଉପାଧ୍ୟକ୍ଷ ବୃନ୍ଦାବନ ଖଟେଇ ଅନୁରୋଧ କରିଛନ୍ତି ।

# ଓଏଚ୍‌ଆର୍‌ସିରେ ସ୍ୱତନ୍ତ୍ର ଛୁଟି; ଆବେଦନକାରୀ ହଟହଟା


ଭୁବନେଶ୍ୱର, ୧୩।୧(ସମିସ): ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି) ରେ ଶୁଣାଣି ପାଇଁ ମାମଲାର ତାଲିକା ହୋଇଛି । ଆବେଦନକାରୀଙ୍କ ସମେତ ଅପର ପକ୍ଷ ମଧ୍ୟ ହାଜର ହେଉଛନ୍ତି । ଓଏଚ୍‌ଆର୍‌ସିରେ ସ୍ୱତନ୍ତ୍ର ଛୁଟି ହୋଇଥିବାରୁ ମାମଲାର ଶୁଣାଣି ହେଉନାହିଁ । ଫଳରେ ଆବେଦନକାରୀ ନିରାଶ ହୋଇ ଫେରୁଛନ୍ତି । ତେଣୁ ମାମଲାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନକାରୀ ଦାବି କରିଛନ୍ତି ।

ସୂଚନା ଅନୁଯାୟୀ, ସରକାରୀ ଛୁଟି ଦିବସ ବ୍ୟତୀତ ଆୟୋଗଙ୍କ ପକ୍ଷରୁ ପ୍ରକାଶିତ ବାର୍ଷିକ କ୍ୟାଲେଣ୍ଡରରେ ବର୍ଷକୁ ଅଧିକ ୭ ଟି ଛୁଟି ରହିଛି । ସେହି ଅନୁଯାୟୀ ସୋମବାର ଓ ମଙ୍ଗଳବାରକୁ ପୂର୍ବରୁ ଛୁଟି ଘୋଷଣା କରାଯାଇଛି । କାର୍ଯ୍ୟାଳୟ ଖୋଲା ରହିବା ସହ ସମସ୍ତ କର୍ମଚାରୀମାନେ ଆସିବେ । ମାତ୍ର ଏହି ସମୟରେ ବିଚାରପତିମାନେ ଛୁଟିରେ ରହୁଥିବାରୁ ମାମଲାର ଶୁଣାଣି ହେବ ନାହିଁ । ଏ ସମ୍ପର୍କରେ ଅଧିକାରୀମାନଙ୍କ ନିକଟରେ ସୂଚନା ଥିବା ସତ୍ତ୍ୱେ ଅନେକ ମାମଲାର ଶୁଣାଣି ପାଇଁ ସୋମବାର ଓ ମଙ୍ଗଳବାର ନୋଟିସ କରାଯାଇଛି । ସୋମବାର ଦିନ ଶୁଣାଣି ପାଇଁ ଆୟୋଗ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀଙ୍କ କୋର୍ଟରେ ୨୦ ଟି

**ମନମାନି କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ମାମଲା ତାଲିକାଭୁକ୍ତ ହୋଇଥିବାବେଳେ ସଦସ୍ୟ ଅସୀମ ଅମିତାଭ୍ ଦାସଙ୍କ କୋର୍ଟରେ ୧୭ ଓ ଚିତ୍ତରଞ୍ଜନ ମହାପାତ୍ରଙ୍କ କୋର୍ଟରେ ୧୫ ଟି ମାମଲା ତାଲିକାଭୁକ୍ତ ହୋଇଥିଲା । ଅନୁରୂପ ଭାବେ ଆଜି ଅର୍ଥାତ୍ ମଙ୍ଗଳବାର ଦିନ ମୋଟ୍ ୮୮ଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା । ଅର୍ଥାତ୍ ୨ ଦିନରେ ମୋଟ୍ ୧୪୦ ଟି କେସ୍ ଶୁଣାଣି ପାଇଁ ଉଭୟ ପକ୍ଷ ଆୟୋଗଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ମଧ୍ୟ ବିଚାରପତି ଛୁଟିରେ ଥିବାରୁ କୌଣସି ଶୁଣାଣି ହୋଇନାହିଁ । ଅଧିକାରୀମାନେ ଛୁଟି ସମ୍ପର୍କରେ ଅବଗତ ଥାଇ ମଧ୍ୟ କାହିଁକି ସେହିଦିନ ଶୁଣାଣି ତାରିଖ ଧାର୍ଯ୍ୟ କରାଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଅନ୍ୟପକ୍ଷରେ ବିଚାରପତିଙ୍କ ଛୁଟି ଥିବାରୁ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟ ଦେଖା ମିଳୁନି । ରିସେପସନ୍ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ଚୌକି ଖାଲି ପଡ଼ିଛି । ବହୁ ଆବେଦନକାରୀ ଓ ପ୍ରତିପକ୍ଷ ଦୀର୍ଘ ସମୟ ଅପେକ୍ଷା କରିଥିଲେ ମଧ୍ୟ ସେମାନଙ୍କ ଠାରୁ ହାଜିରା ମଧ୍ୟ ଗ୍ରହଣ କରାଯାଇ ନାହିଁ । ସେମାନଙ୍କୁ ପୁନଃ ତାରିଖ ଦିଆଯିବ ଓ ସେହି ଦିନ ପୁଣି ଆସିବାକୁ ପରାମର୍ଶ ଦେଇ କର୍ମଚାରୀମାନେ ନିଜର ଦାୟିତ୍ୱ ସାରି ଦେଇଛନ୍ତି । ମାତ୍ର ଆବେଦନକାରୀ ସେମାନଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କୋର୍ଟଙ୍କ ଛୁଟି ସତ୍ତ୍ୱେ କାହିଁକି କେସ୍ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା ବୋଲି ପ୍ରଶ୍ନ କରିଛନ୍ତି । ମନମାନି କରି ଶତାଧିକ ଲୋକଙ୍କୁ ହଇରାଣ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।








## ଆସିଲା ଗଣନା ରିପୋର୍ଟ

# ଶିମିଳିପାଳରେ ୮୪ କୁମ୍ଭୀର

ବାରିପଦା, ୧୩।୧(ସମିସ): ଶିମିଳିପାଳରେ କୁମ୍ଭୀର ସଂଖ୍ୟା ୮୪କୁ ବୃଦ୍ଧି ପାଇଛି । ଗତବର୍ଷ ଗଣନା ବେଳେ ୮୧ଟି କୁମ୍ଭୀର ଠାବ କରାଯାଇଥିବା ବେଳେ ଏବର୍ଷ ସଂଖ୍ୟା ଆଉ ୩ଟି ବଢ଼ିଛି । ଜାନୁଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ତିନିଦିନିଆ କୁମ୍ଭୀର ଗଣନା ରିପୋର୍ଟ ଆସିବା ପରେ ଏହା ଜଣାପଡ଼ିଛି । ଶିମିଳିପାଳ ଦକ୍ଷିଣ ବନଖଣ୍ଡରେ ୭୮ଟି କୁମ୍ଭୀର ଥିବା ବେଳେ ଉତ୍ତର ବନଖଣ୍ଡରେ ଗୋଟିଏ, ରାମତୀର୍ଥରେ



- ଗତବର୍ଷ ତୁଳନାରେ ବଢ଼ିଲେ ୩ଟି
- ପଶ୍ଚିମ ଦେଓ ନଦୀରେ ସର୍ବାଧିକ ୬୦

୫ଟି କୁମ୍ଭୀର ରହିଛନ୍ତି । ପଶ୍ଚିମ ଦେଓ ନଦୀରେ ସର୍ବାଧିକ ୬୦ଟି କୁମ୍ଭୀର ରହିଛନ୍ତି । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସୂଚନାନୁଯାୟୀ, ଶିମିଳିପାଳ ଅଭୟାରଣ୍ୟ ଓ ପାଦଦେଶରେ ଥିବା ନଦୀ, ନାଳ ଆଦି ୮ଟି ଜଳଉତ୍ସର ୨୦ଟି ସ୍ଥାନରେ କୁମ୍ଭୀର ଗଣନା କରାଯାଇଥିଲା । ୱେଷ୍ଟ ଦେଓ, ଇଷ୍ଟ ଦେଓ, ଖଇରୀ, ଖଡ଼ଖାଇ, ଠକଠକି ନଦୀ, ସାଲନ୍ଦୀ ନଦୀ ଓ ଖଡ଼ଖାଇ ନାଳ, ବୁଢ଼ାବଳଙ୍ଗ ଆଦି ନଦୀ କୂଳ ସମେତ ରାମତୀର୍ଥସ୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ମିଶାଇ ପ୍ରାୟ ୨୦ଟି ସ୍ଥାନରେ ଗଣନା କରାଯାଇଥିଲା । ଅଭୟାରଣ୍ୟରେ ୨୦୨୧ ଗଣନାରେ ୮୧ଟି, ୨୦୨୨ରେ ୮୩ଟି, ୨୦୨୩ରେ ୮୬ଟି କୁମ୍ଭୀର ଠାବ କରାଯାଇଥିବା ବେଳେ ୨୦୨୪ ଗଣନାରେ ୪ଟି କୁମ୍ଭୀର ସଂଖ୍ୟା ହ୍ରାସ ପାଇ ମୋଟ ୮୨ଟି କୁମ୍ଭୀର ରହିଥିଲା । ସେହିପରି ୨୦୨୫ ଗଣନାରେ ସଂଖ୍ୟା ୮୧କୁ ଖସି ଆସିଥିଲା । ତେବେ ଏବର୍ଷ ସଂଖାରେ ୩ଟି ବୃଦ୍ଧି ଘଟି ସଂଖ୍ୟା ୮୪ରେ ପହଞ୍ଚିଥିବା ଜଣାପଡ଼ିଛି ।

# ବ୍ରାହ୍ମୀ ଇନଷ୍ଟିଚ୍ୟୁଟ୍ ଅଫ୍ ଚିଲ୍ଡ୍ରେନ୍‌କୁ ଶ୍ରେଷ୍ଠ ରାଜ୍ୟ ପୁରସ୍କାର




କେନ୍ଦୁଝର, ୧୩।୧(ସମିସ): ଆସାନୀ ଆବାକସ ଅନୁଷ୍ଠାନଗୁଡିକର ରାଜ୍ୟସ୍ତରୀୟ ୨୦୨୫-୨୬ର ବାର୍ଷିକ ଉତ୍ସବ ଭୁବନେଶ୍ୱରସ୍ଥିତ ସିଁଆଇଏସ୍ତି କ୍ୟାମ୍ପସରେ ପାଳିତ ହୋଇଯାଇଛି। ଏଥିରେ କେନ୍ଦୁଝରସ୍ଥିତ ବ୍ରାହ୍ମୀ ଇନଷ୍ଟିଚ୍ୟୁଟ୍ ଅଫ୍ ଚିଲ୍ଡ୍ରେନ୍‌ରୁ ୩୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆବାକସରେ ସୁପର ଚାମ୍ପିଅନ୍ ଭାବରେ ଶିବାଂଶ କୁମାର ରାମ, ଚାମ୍ପିଅନ୍ ଭାବରେ ସୌମିତ୍ର ପରିଡା, ଦୂରଭିସ ରାଠୋର, ଭିତିଶା ବିଶ୍ୱାଳ, ଲରଣ୍ୟା ଷଡଙ୍ଗୀ, ପ୍ରଥମ ସ୍ଥାନରେ କ୍ରିତିକା ସାମଲ, ଅପୂର୍ବ କୁମାର ରାମ, ଶ୍ରୀଯାନ ସବିର ବିଶ୍ୱାଳ ପୁରସ୍କୃତ ହୋଇଛନ୍ତି। ବୈଦିକ ଗଣିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ସୌମିତ୍ର ପରିଡା, ଆକୃତି ସୁଚରିକା ସାହୁ, ଦ୍ୱିତୀୟ ସ୍ଥାନରେ ଦ୍ୱୀତିଅର୍ଣ୍ଣା ଦେବଦର୍ଶିନୀ, ତାନଭି ମହାନ୍ତ, ଆୟନସ ଜେନା, କ୍ରିତିକା ସାମଲ, ଦିକ୍ଷିତା ମଙ୍ଗରାଜ, ରିତିମା ରିତୁଶ୍ରୀ ବିଶ୍ୱାଳ, ପ୍ରତ୍ୟୁଷ ରଞ୍ଜନ ରାଉତ, ପଲିପ୍ସା ପ୍ରିୟଦର୍ଶିନୀ ରାଉତ ପୁରସ୍କୃତ ହୋଇଛନ୍ତି। ଇଂରାଜୀ ରଚନା ଲିଖନରେ ସୌମିତ୍ର ପରିଡା ପ୍ରଥମ ସ୍ଥାନରେ ପୁରସ୍କୃତ ହୋଇଛନ୍ତି। ଅନ୍ୟ ଛାତ୍ରଛାତ୍ରୀମାନେ ଆବାକସ ରଚନା ଲିଖନ, ହସ୍ତାକ୍ଷର ଲିଖନ ଓ ଚିତ୍ରାଙ୍କନରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ପୁରସ୍କୃତ ହୋଇଛନ୍ତି। କେନ୍ଦୁଝରସ୍ଥିତ ଆସାନୀ ଆବାକସର ୟୁନିଟ୍ ଭାବରେ ବ୍ରାହ୍ମୀ ଇନଷ୍ଟିଚ୍ୟୁଟ୍ ଅଫ୍ ଚିଲ୍ଡ୍ରେନ୍‌କୁ ଆବାକସ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଶ୍ରେଷ୍ଠ ଅନୁଷ୍ଠାନ ଭାବରେ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ଅମରବର ଖଟୁଆ, ନିର୍ଦ୍ଦେଶିକା ସରୋଜିନୀ ପୃଷ୍ଟି, ଅଧକ୍ଷା ସୀତା ନାୟକ, ଶିକ୍ଷକ ସୁଦାମ ନାଏକ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ପିତାମାତା ଯୋଗଦେଇଥିବାରୁ ଅନୁଷ୍ଠାନ ତରଫରୁ ନିର୍ଦ୍ଦେଶକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ରାସ୍ତା ମରାମତି ନାମରେ ମୃତ୍ୟୁଯନ୍ତା; ପିଚୁ ଉପରେ ମୋରମ୍ ବିଛା

# ଲୋକଙ୍କୁ ମରଣମୁହଁକୁ ଠେଲୁଛି ପୂର୍ତ୍ତ ବିଭାଗ

ତେଲକୋଇ, ୧୩।୧(ସମିସ): ରାସ୍ତା ଉପରେ ବାଲି, ମାଟି, ମୋରମ, ଚିପ୍ସ ଆଦି ନ ପକାଯାଇଛି। ସରକାରଙ୍କ ନିୟମକୁ ଉଲ୍ଲଙ୍ଘନ କରି ଏଭଳି ମୋରମ୍ ପକାଯିବା ଯୋଗୁଁ ଅନେକ ସ୍କୁଟି ଓ ବାଇକ୍ ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। ପୂର୍ତ୍ତ ବିଭାଗ ରାସ୍ତା ମରାମତି ନାଁରେ ମୃତ୍ୟୁଯନ୍ତା ବସାଇଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ତେଲକୋଇ ବିମଳା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଜରିଆରେ ୪୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଛି। ୪ ବର୍ଷ ହେବ ଉକ୍ତ ରାସ୍ତା ନିର୍ମାଣ ହେଉଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ି ରହିଛି। ବିଭିନ୍ନ ସ୍ଥାନରେ ଖାଲଖମା ସାଙ୍ଗକୁ ରାସ୍ତା ମଝିରେ ପିଚୁ ଉଠି ଯାଇଛି। ମକର ପର୍ବ ଆରମ୍ଭ ହେଉଥିବା ବେଳେ ନିଜ ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଯାଇ ପୂର୍ତ୍ତ ବିଭାଗ ଡବ୍ଲ୍ୟୁଏମ ବଦଳରେ ତରବର ଭାବେ ରାସ୍ତା ଉପରେ ମୋରମ ବିଛାଇ ଦେଇଛି। ତେଲକୋଇ କଲେଜ ଛକଠାରୁ ଖୁଣ୍ଟାପଡ଼ା ଗ୍ରାମ ନାଠିଗୁଡା ପର୍ଯ୍ୟନ୍ତ ମୋରମ ବିଛା ଯାଇଛି। ଏହି ମୋରମ



ଏବେ ପଥଚାରୀଙ୍କ ପାଇଁ କାଳ ସାଜିଛି। ଏହା ରାସ୍ତା ଉପରେ ଭାସମାନ ଅବସ୍ଥାରେ ରହିଛି। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ଖୁଣ୍ଟାପଡ଼ା ଓ ବିମଳା ମକର ମେଳା ଦେଖିଯିବାକୁ ନିର୍ଭର କରୁଥିବା ବେଳେ ତେଲକୋଇରୁ ତାଳଚେର, ଅନୁଗୁଳ, ଢେଙ୍କାନାଳ, କଟକ ଓ ଭୁବନେଶ୍ୱରକୁ ସଂଯୋଗ କରିବାରେ ମୁଖ୍ୟରାସ୍ତା ଅଟେ। ଏହି ରାସ୍ତା ଏବେ ବ୍ୟସ୍ତ ବହୁଳ ହୋଇଛି। ପଥଚାରୀ ମୋରମରେ ଦୁର୍ଘଟଣାର ଶିକାର ହେଲେ କିଏ ଦାୟୀ ରହିବ ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ମୁଖ୍ୟ ରାସ୍ତା ଉପରେ ପୂର୍ତ୍ତ ବିଭାଗ ବେଆଇନ ଭାବେ ମୋରମ ବିଛାଇ ମଞ୍ଜୁରୀ ଅର୍ଥକୁ ଆତ୍ମସାତ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ପ୍ରକାଶ ଥାଉକି, ଏଇ ନିକଟରେ ପୁରୀ ଜିଲ୍ଲା ପିପିଲିସ୍ଥିତ ଜାତୀୟ ରାଜପଥ ଉପରେ ବାଲି ପଡ଼ିଥିବା ଯୋଗୁଁ ସ୍କୁଟିରେ ଯାଉଥିବା ସାମ୍ବାଦିକା ଓ ତାଙ୍କ ସମ୍ପର୍କୀୟ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ବରଣ କରିଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ସରକାର ଗୁରୁତ୍ୱ ଦେଇ ରାସ୍ତା ଉପରେ ମାଟି, ମୋରମ, ବାଲି ପଡ଼ିଥିଲେ ତୁରନ୍ତ ଉକ୍ତ ବିଭାଗ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏସବୁ ନ ପକାଇବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ପୂର୍ତ୍ତ ବିଭାଗର ବ୍ୟତିକ୍ରମ ଦେଖାଦେଇଛି। ଏହି ମୋରମ ଏବେ ଦୁର୍ଘଟଣାର କାରଣ ସାଜିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ବିପଦ ସାଜିଛି। ଏ ସମ୍ବନ୍ଧରେ ପୂର୍ତ୍ତ ବିଭାଗ ଅଧିକାରୀ ସମ୍ବିତ ମହାନ୍ତି କହିଛନ୍ତି, ବ୍ୟସ୍ତତା ଭିତରେ ଲୋକଙ୍କ ଦାବି ମୁତାବକ ମୋରମ ବିଛା ଯାଇଛି, ଆସନ୍ତାକାଲି ଘଟଣାସ୍ଥଳ ଅନୁଧ୍ୟାନ ପରେ ଏହାର ବ୍ୟବସ୍ଥା କରାଯିବ।

# ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ

ଆନନ୍ଦପୁର, ୧୩।୧(ସମିସ): ଘସିପୁରା ବ୍ଲକ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଉଭୟ ୟୁନିଟ ଦ୍ୱାରା ଆୟୋଜିତ ଶୀତକାଳୀନ ସପ୍ତଦିବସୀୟ ସ୍ୱତନ୍ତ୍ର ସେବା ଶିବିର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ, ପରିଚାଳନା ପରିଷଦର ପୂର୍ବତନ ସଭାପତି ଡ଼. ଗୋଲୋକ ବିହାରୀ ଆଚାର୍ଯ୍ୟ ଯୋଗଦାନ କରିଥିଲେ। ଜାତୀୟ ସେବା ଯୋଜନାର ଉଭୟ କାର୍ଯ୍ୟକ୍ରମ ଅଧିକାରୀ ମିତା ପାତ୍ର ଏବଂ ଗଣେଶ ହେମ୍ବ୍ରମ ସଭା ସଂଯୋଜନା କରିଥିଲେ। ଅଧାପକ ବିଜୟ କୁମାର ସାହୁ, ଭବାନୀ ପ୍ରସାଦ ବଳ, ମହେଶ୍ୱର ପାତ୍ର, ଦାମୋଦର ମୁଣ୍ଡା, କ୍ଷେତ୍ରବାସୀ ସୋରେନ, ଅଧାପିକା ଅଳକା ପାଢ଼ୀ, ଜ୍ୟୋତିର୍ମୟୀ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ୭ ଦିନ ମଧ୍ୟରେ ଉଭୟ ପୋଷ୍ୟଗ୍ରାମ ତୁଳସୀପୁର ଏବଂ ତରିମୂଳରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବିବିଧ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯାଇଥିଲା।

# ୧୧ଟି ନୂତନ ରୁଟ୍‌ରେ 'ମୁଖ୍ୟମନ୍ତ୍ରୀ ବସ୍ ସେବା'

କେନ୍ଦୁଝର ୧୩।୧(ସମିସ): କେନ୍ଦୁଝର ଜିଲ୍ଲାର ପରିବହନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସହଜ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଗତ ସୋମବାର ଜିଲ୍ଲାପାଳ ବିଶାଳ ସିଂହଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ବସ୍ ସେବା'ର ସଂଶୋଧିତ ରୁଟ୍‌ଗୁଡ଼ିକର ଶୁଭାରମ୍ଭ ହୋଇଯାଇଛି। ଏହି ନୂତନ ପଦକ୍ଷେପ ଦ୍ୱାରା ଜିଲ୍ଲାର ବିଭିନ୍ନ ବ୍ଲକ ଓ ସଦର ମହକୁମା ମଧ୍ୟରେ ଯୋଗାଯୋଗ ଆହୁରି ସରଳ ହେବ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ମିଳିଥିବା ଜିଲ୍ଲାରେ ସମୁଦାୟ ୧୧ଟି ରୁଟ୍‌ରେ ବସ୍ ଚଳାଚଳ ପାଇଁ ନିଷ୍ପତ୍ତି ନିଆଯାଇଛି। ୩ଟି ଜିଲ୍ଲା ସଂଯୋଗୀକରଣ ରୁଟ୍ ଏବଂ ୮ ଟି ବ୍ଲକ ସଂଯୋଗୀକରଣ ରୁଟ୍ ରହିଛି। ଜିଲ୍ଲାର ନୂତନ ସଂଯୋଗୀକରଣ ରୁଟ୍ ମଧ୍ୟରେ ଘଟଗାଁରୁ କେନ୍ଦୁଝର ସଦର (ପିପିଳିଆ ଦେଇ) ପାଟଣାରୁ କେନ୍ଦୁଝର ସଦର (ଶରଦାପୁର ଦେଇ) କେନ୍ଦୁଝର ସଦରରୁ ହରିଚନ୍ଦନପୁର ଏବଂ ବ୍ଲକ ସଂଯୋଗୀକରଣ ରୁଟ୍ ମଧ୍ୟରେ ଆନନ୍ଦପୁରରୁ ହାଟଡିହି, ଆନନ୍ଦପୁରରୁ କଦବାହାଳ (ଘସିପୁରା ଦେଇ), ହରିଚନ୍ଦନପୁରରୁ ଦେଓଗାଁ, ହରିଚନ୍ଦନପୁରରୁ ଘଟଗାଁ, ହାଟଡିହିରୁ ଘସିପୁରା, ହାଟଡିହିରୁ ଆନନ୍ଦପୁର, ସାହାରପଡାରୁ ପାଟଣା ଏବଂ ଘସିପୁରାରୁ ହାଟଡିହି ଏହି ନୂତନ ବସ୍ ସେବା ଦ୍ୱାରା ବ୍ଲକ ଏବଂ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଆହୁରି ସହଜ ହୋଇପାରିବ।

# ତରିମୂଳରେ ମା' ମଙ୍ଗଳାଙ୍କ ମାନସିକ ଗୁଆ ଓଷା

ଆନନ୍ଦପୁର, ୧୩।୧ (ସମିସ): ଘଷିପୁରା ବ୍ଲକ ତରିମୂଳ ଗ୍ରାମରେ ମା' ମଙ୍ଗଳାଙ୍କ ପୀଠରେ ଗୁଆ ପୂଜା ଓଷା ପାଳନ ପାଇଁ ସକାଳୁ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଛି। ସଂଧ୍ୟା ପର୍ଯ୍ୟନ୍ତ ମାନସିକଧାରୀ ମହିଳାମାନେ ଏଠାରେ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ତରିମୂଳର ମାନସିକ ଗୁଆ ଓଷା ଦୁଇ ଶହ ବର୍ଷ ପୁରୁଣା। ଏଠାରେ ମା' ମଙ୍ଗଳାଙ୍କୁ ପୁରୀ ଜିଲ୍ଲାର କାକଟପୁରର ପ୍ରସିଦ୍ଧ ମଙ୍ଗଳାଙ୍କ ପୀଠରୁ ଅଣାଯାଇଥିବା କୁହାଯାଏ। ପ୍ରତିବର୍ଷ ଭାଦ୍ରବ ସଂକ୍ରାନ୍ତିରେ ଏଠାକୁ ଦେଓଗାଁ ମଙ୍ଗଳା ମନ୍ଦିରରେ ଥିବା ବିଶିରୀ ଦେବତା ଆସିଥାନ୍ତି। ତରିମୂଳ ଲୋକ ନାମ ସଂକୀର୍ତ୍ତନ ଓ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ବିଶିରୀ ଦେବତାଙ୍କୁ ଗ୍ରାମକୁ ଆଣିଥାନ୍ତି। ମକର ସଂକ୍ରାନ୍ତି ପୂର୍ବଦିନ ପାରମ୍ପରିକ ରୀତିନୀତିରେ ଏହି ଗୁଆ ଓଷା ପାଳନ ହୋଇଆସୁଛି। ଯେତେ ଗୁଆ ପକାଇଲେ ମଧ୍ୟ କୁଣ୍ଡଟି କେବେ ପୁରିନଥାଏ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ପୁଜା ପାଇଁ ପଡୋଶୀ ଜିଲ୍ଲା ଜାଜପୁର ସହ ରେକୁଟିଆ, ଭଣ୍ଡାରିଡିହା, ନରସିଂହପୁର, ତୋରାଣିଆପାଳ, କେଶଦୁରାପାଳ, ନାରଙ୍ଗପୁର, ପଡ଼ିଆପାଳ, କୋଟିଆନେଣ୍ଡି, ଦେଓଗାଁ ଗ୍ରାମରୁ ହଜାର ହଜାର ମାନସିକଧାରୀ ମହିଳା ଯୋଗ ଦେଇଥିଲେ। ସଂଧ୍ୟାରେ ବିଶିରି ଦେବତାଙ୍କୁ ଗ୍ରାମପୋଖରୀରେ ବିସର୍ଜନ ଦିଆଯାଇଥିଲା। ତରିମୂଳ ଗ୍ରାମର ମାଁ ମଙ୍ଗଳାଙ୍କୁ କ୍ଷତ୍ରୀୟ ପୂଜକ ପୂଜା କରନ୍ତି। ମୁଖ୍ୟ ପୂଜକ କୁଳମଣି ବେହେରା, ନିମାଇଁ ବେହେରା, ଗଣନାଥ ବଳଙ୍କ ମାର୍ଗଦର୍ଶନରେ ମା' ମଙ୍ଗଳା ସେବା ସମିତିର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

# ବାଇକ୍‌ରୁ ପଡ଼ି ମହିଳାଙ୍କ ମୃତ୍ୟୁ

ଆନନ୍ଦପୁର, ୧୩।୧ (ସମିସ): ଘଟଗାଁ ମା' ତାରିଣୀଙ୍କ ଦର୍ଶନ ସାରି ଫେରୁଥିବା ବେଳେ ବାଇକରୁ ପଡ଼ି ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ବର୍ତ୍ତନା ଗ୍ରାମର ଲକ୍ଷ୍ମିଧର ସାହୁଙ୍କ ସ୍ତ୍ରୀ ଝରଣା। ନିଜ ପୁଅ ଅଭିନାଶ ସାହୁଙ୍କ ସାଥୀରେ ବାଇକ ଯୋଗେ ଘଟଗାଁ ମା'ତାରିଣୀଙ୍କ ଦର୍ଶନ କରିବାକୁ ଆସି ଫେରୁଥିଲେ। ହଠାତ୍ ରାମଚନ୍ଦ୍ରପୁର ଥାନା ଖଲଣା ଛକ ନିକଟରେ ମହିଳା ଜଣକ ଅସାବଧାନତା ବଶତଃ ବାଇକରୁ ଖସି ପଡିଥିଲେ। ଏହି ସମୟରେ ପଛ ପଟୁ ଆସୁଥିବା ଏକ ଟ୍ରକ ମହିଳାଙ୍କ ଉପରେ ଚଢ଼ିଯାଇଥିଲା। ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଅନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କାରଖାନାରୁ ଚୋରିବେଳେ ୪ ଗିରଫ, ୪ ଫେରାର୍

ବାଲିବନ୍ଧ, ୧୩।୧ (ସମିସ): ଝୁମ୍ପୁରା ଥାନା ବାଲିବନ୍ଧ ପଞ୍ଚାୟତ ଚିଙ୍ଗୁଡ଼ିପଶିଦଲମାପଶି ସାହି ନିକଟସ୍ଥ ଷ୍ଟାରଲାଇଟ ଆଇରନ କାରଖାନାରେ ପଶି ଚୋରି କରୁଥିବା ବେଳେ ୪ ଜଣ ଦୁର୍ବୃତ୍ତଙ୍କୁ ଗ୍ରାମବାସୀ କାବୁ କରିଥିଲେ। ସେମାନଙ୍କୁ ପୁଲିସକୁ ଜିମା ଦେଇଥିବା ବେଳେ ଆଉ ୪ ଜଣ ଫେରାର ଥିବା ଜଣାପଡିଛି। କାରଖାନା କର୍ତ୍ତୃପକ୍ଷଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁକରି ବିଭିନ୍ନ ଦିଗପ୍ରତି ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା ଖୁଣ୍ଟୁଣୀ ଥାନାଞ୍ଚଳ ମୂସୁଡ଼ିହା ଗ୍ରାମର ବୁଧୁରାମ ହେମ୍ବ୍ରମ (୨୮), ପାଦପଥର ଗ୍ରାମର ପ୍ରଶାନ୍ତ ହନଗା (୨୧), ପୁରୁଷୋତ୍ତମପୁର ଗ୍ରାମର ନନ୍ଦିଆ ହେସା (୨୭) ଏବଂ ମହାଲକ୍ଷ୍ମୀପୁର ଗ୍ରାମର ପିଲିମନ ଚାତାର (୨୩)। ସୂଚନା ଅନୁଯାୟୀ, କଟକ ଜିଲ୍ଲା ଖୁଣ୍ଟୁଣୀ ଥାନାଞ୍ଚଳରୁ ଯୋଜନାବଦ୍ଧ ଭାବେ ଏକ ଟାଟାଏସି ଗାଡ଼ିରେ ୮ ଜଣ ଦୁର୍ବୃତ୍ତ ଆସି ବିଭିନ୍ନ ସାମଗ୍ରୀ ଚୋରି କରିବା ନିମନ୍ତେ ଶନିବାର ବିଳମ୍ବିତ ରାତିରେ କାରଖାନା ଭିତରେ ପଶିଥିଲେ। ଚୋରି କରିବା ନେଇ ସାଙ୍ଗରେ ଗ୍ୟାସ କଟର ଧରି ଆସିଥିଲେ। କାରଖାନା ଭିତରେ ପଶି ଲୁହାକଳ କଟିବା ସମୟରେ ଶବ୍ଦ ହୋଇଥିଲା। ଶବ୍ଦ ଶୁଣି ପଡ଼ିଶା ଲୋକେ କାରଖାନା ଚାରିପାଖ ଘେରି ଯାଇ ୪ ଦୁର୍ବୃତ୍ତକୁ କାବୁ କରିଥିବା ବେଳେ ଆଉ ୪ ଜଣ ଦୁର୍ବୃତ୍ତ କୌଶଳକ୍ରମେ ଖସି ଫେରାର ହୋଇଯାଇଥିଲେ।

# ଧର୍ମପ୍ରାଣା ମହିଳାଙ୍କ ଦେହାନ୍ତ




ଆନନ୍ଦପୁର, ୧୩।୧ (ସମିସ): ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡା ଗ୍ରାମର ସୁବାସଚନ୍ଦ୍ର ପଟ୍ଟନାୟକଙ୍କ ପତ୍ନୀ ଶକୁନ୍ତଳା ପଟ୍ଟନାୟକ (୭୮)ଙ୍କ ପରଲୋକ ଘଟିଛି। ଦୁଇ ପୁଅ, ବୋହୂ ସହ ନାତିନାତୁଣୀଙ୍କ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ। ଗ୍ରାମ ଶ୍ମଶାନ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶବଦାହ କରାଯାଇଥିବା ବଡ଼ପୁଅ ହିମାଂଶୁ ଶେଖର ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।


# ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି

ହାଟଡ଼ିହୀ, ୧୩।୧(ସମିସ): ହାଟଡ଼ିହୀ ବ୍ଲକ ଐତିହ୍ୟ ସମ୍ପନ୍ନ ବଞ୍ଚୋ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଦଧିବାମନଜୀଉ ବିଜେଙ୍କ ମନ୍ଦିର ପ୍ରତିଷ୍ଠାର ପଞ୍ଚଦଶତମ ବାର୍ଷିକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ହୋଇଛି। ୧୮ ଜାନୁଆରୀ ଯାଏ ଏହାକୁ ପାଳନ କରାଯିବାକୁ ସମ୍ମତି ହୋଇଛି। କାର୍ଯ୍ୟସୂଚୀ ଅନୁସାରେ, ଶୁକ୍ରବାର ୧୬/୧/୨୦୨୬ ପ୍ରାତଃ ଘଟଉତ୍ତୋଳନ ଓ ଯଜ୍ଞାରମ୍ଭ, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା, ଶନିବାର ୧୭/୧/୨୦୨୬ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭଜନ ସନ୍ଧ୍ୟା, ଏହିପରି ରବିବାର ୧୮/୧/୨୦୨୬ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭଜନ ସନ୍ଧ୍ୟା ହେବାନେଇ ଆରମ୍ଭ ହୋଇଛି ଜୋରଦାର ପ୍ରସ୍ତୁତି ପର୍ବ। ଯୁବକବି ଅଶୋକ ପୁହାଣ, ପ୍ରାଣବଲ୍ଲଭ ପାଢ଼ୀ, ପୂର୍ବତନ ସରପଞ୍ଚ ଶଶାଙ୍କ ଶେଖର ପୁହାଣ, ଯୁବ ବ୍ୟବସାୟୀ ତଥା ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସରପଞ୍ଚ ପ୍ରଶାନ୍ତ ରାଉତ, ଚିନ୍ତାମଣି ବରାଳ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ବରିଷ୍ଠ କର୍ମକର୍ତ୍ତାଙ୍କ ମଧ୍ୟରେ ଦୁର୍ଜା ରାଉତ, ଅକ୍ଷୟ ବରାଳ, ପ୍ରଦୀପ ବିଶ୍ୱାଳ, ମାର୍କଣ୍ଡ ଓଝାଙ୍କ ସମେତ ବହୁ ଗ୍ରାମବାସୀ ଆଲୋଚନାରେ ସାମିଲ ଥିଲେ।

# ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସମାରୋହ


କେନ୍ଦୁଝର, ୧୩।୧(ସମିସ): ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଜନ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। କ୍ଷୁଦ୍ର ଜଳସେଚନ ବିଭାଜନର କେନ୍ଦୁଝର ପୂର୍ବାଞ୍ଚଳ କ୍ଷୁଦ୍ର ଜଳସେଚନ ମଣ୍ଡଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସନ୍ଦୀପ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, କ୍ଷୁଦ୍ର ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଇଂ ରଶ୍ମିରେଖା ଚାତାର, ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ ସେଠୀ, ବିଦ୍ୟାଧରପୁର କେନାଲ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଭାଗୀରଥି ପାତ୍ର, କେନ୍ଦୁଝର ଉଠା ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ନିମାଇଁ ଚରଣ ବେହେରା, ସପୋର୍ଟ ସଂସ୍ଥାର ଟିମ ଲିଡର ମିହିରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଫଳ ଚାଷୀ ଭାବେ ସଦର ବ୍ଲକ କଣ୍ଡରାପଶି ପଞ୍ଚାୟତ ଧନୁର୍ଜୟପୁର ଗ୍ରାମର ପ୍ରମୋଦ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୌମ୍ୟାଶ୍ରୀ ଚାଟାର୍ଜୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କ୍ଷୁଦ୍ର ଜଳସେଚନ ଡିଭିଜନ କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ(୨) ଇଂ ମଙ୍ଗୁଳି ଚରଣ ସିଂ, ତେଲକୋଇ ସବ୍‌ଡିଭିଜନ ସହକାରୀ ନିର୍ବାହୀଯନ୍ତ୍ରୀ ପିଠ ସୋରେନ, ସହକାରୀ ଯନ୍ତ୍ରୀ ଇଂ ଯୁଧିଷ୍ଠିର ସା, ଇଂ ଚିତ୍ତରଞ୍ଜନ ଜେନା, ଇଂ ଆନନ୍ଦ ମଣ୍ଡଳ, ଇଂ ଦିବ୍ୟସିଂ ପ୍ରଧାନ, ବିଭାଗୀୟଅଧିକାରୀ ସୁଶୀଳ ସେଠୀଙ୍କ ସମେତ କ୍ଷୁଦ୍ର ଜଳସେଚନ ବିଭାଗ ଅନ୍ତର୍ଗତ ପାଣି ପଞ୍ଚାୟତ କର୍ମକର୍ତ୍ତା, କନିଷ୍ଠ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ଅଧିକାରୀ-କର୍ମଚାରୀ ଉପସ୍ଥିତ ଥିଲେ। କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ (୧) ଇଂ ସୁକେସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

























### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନାମ ପରିବର୍ତ୍ତନକୁ ବିରୋଧ

## ଗାନ୍ଧୀ ମୂର୍ତ୍ତି ତଳେ କଂଗ୍ରେସର ଧାରଣା



**ରାଇରଙ୍ଗପୁର/କରଞ୍ଜିଆ, ୧୩।୧ (ସମିସ):** କେନ୍ଦ୍ର ସରକାରଙ୍କ ପକ୍ଷରୁ ଏମଜିଏନଆରଇଜିଏସ ଯୋଜନାର ନାମ ପରିବର୍ତ୍ତନ କରିବାକୁ ନେଇ କଂଗ୍ରେସ ପକ୍ଷରୁ ବିରୋଧ ହୋଇଛି। ଯାହାକୁ ନେଇ ପଶ୍ଚିମ ମୟୁରଭଞ୍ଜ କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ରାଇରଙ୍ଗପୁରସ୍ଥ ଗାନ୍ଧୀ ପାର୍କ ପରିସରରେ ଗାନ୍ଧୀ ମୂର୍ତ୍ତି ନିକଟରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ବିଜେପି ସରକାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମରେ ଥିବା ଯୋଜନାକୁ ଜାଣିଶୁଣି ପରିବର୍ତ୍ତନ କରିଛନ୍ତି। କଂଗ୍ରେସ ସରକାର ସମୟରେ ପ୍ରଣୟନ କରିଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମହାତ୍ମା ଗାନ୍ଧୀଙ୍କ ନାମ ଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ପରିବର୍ତ୍ତନ ହୋଇଛି। ଯାହାକି ଜାତିର ପିତା ଗାନ୍ଧୀଙ୍କୁ ଅପମାନ କରିବା ସହ ସମାନ ଅଟେ। ତେଣୁ କଂଗ୍ରେସ ପକ୍ଷରୁ ଧାରଣା ଦେଇ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ଲକ୍ଷ୍ମୀଧର ସିଂ, ଏସ ଏସଟି ସେଲ ଜିଲ୍ଲା ସଭାପତି ବେରେଲ ସିର୍କା, ସେକ ମହମ୍ମଦ, ହେଲେନ ବାଘ, ଯୋଗେନ୍ଦ୍ର ବାନରା, ବେଣୁଧର ମହାନ୍ତ, ରୂପକ ମହାନ୍ତି, ଶଙ୍କର ଲାଲ ଖତରୀ, ତରୁଣ ଗିରିଙ୍କ ସମେତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ଖଡ଼ମବେଡ଼ା ଘାଟି ରାସ୍ତା ଶୋଚନୀୟ

# ମକର ବେଳେ ଜିଲ୍ଲାବାସୀ ଭୋଗୁଛନ୍ତି ଯମ ଯନ୍ତ୍ରଣା



▸▸ ନୂତନ ରାସ୍ତା ନିର୍ମାଣ ପାଇଁ ପୁରୁଣା ରାସ୍ତାର ହେଉନି ମରାମତି
▸▸ ବଡ଼ ବଡ଼ ଗର୍ତ୍ତରେ ଭର୍ତ୍ତି ଘାଟି ରାସ୍ତା

**ରାଇରଙ୍ଗପୁର, ୧୩।୧(ସମିସ):** ମକର ସଂକ୍ରାନ୍ତି ସମୟରେ ବିଶୋଇ ନିକଟସ୍ଥ ଖଡ଼ମବେଡା ଘାଟି ରାସ୍ତା ଯନ୍ତ୍ରଣାଦାୟକ ସାଜିଛି। ନୂତନ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିବାରୁ ପୁରୁଣା ରାସ୍ତାର ମରାମତି କାର୍ଯ୍ୟ ନ ହେବାରୁ ଲୋକେ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ଭାବେ ମକର ସଂକ୍ରାନ୍ତି ପରିଚିତ ଅଟେ। ଏହି ସମୟରେ ବାହାରେ ଥିବା ଲୋକେ ଘରକୁ ଆସୁଥିବାବେଳେ ଲୋକେ ବୁଲା ବୁଲି କରିବା ପାଇଁ ଯାଇଥା'ନ୍ତି। କିନ୍ତୁ ଉକ୍ତ ରାସ୍ତା କଥା ଭାବିଲା ବେଳକୁ ଲୋକେ ଯମ ଯନ୍ତ୍ରଣା ଭୋଗି ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି।

ବାଙ୍ଗିରିପୋଷି ଘାଟିର ପ୍ରଶସ୍ତୀକରଣ କାମ ସହ ଖଡ଼ମବେଡା ରାସ୍ତା ନୂତନ ଭାବେ ନିର୍ମାଣ କାର୍ଯ୍ୟ ହେଉଛି। କିନ୍ତୁ ପୁରୁଣା ରାସ୍ତାର ମରାମତି ଅଭାବରୁ ଅବସ୍ଥା ଅତି ଶୋଚନୀୟ ହୋଇଛି। ପ୍ରାୟ ୩ କିମି ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏ ଗର୍ତ୍ତରେ ବାଇକ କିମ୍ବା କାର୍ ଚକ ପଶିଲେ ବାହାରିବା କଷ୍ଟସାଧ ହେଉଛି। ଦିନରାତି ହଜାର ହଜାର ଲୁହାପଥର ଟ୍ରକ ଓ ଅନ୍ୟ ଭାରୀଯାନ ଚଳାଚଳ କରି ରାସ୍ତାର ପିଚୁକୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦେଇଛନ୍ତି। ରାସ୍ତା ସାରା ଗୋଡି ଓ ମାଟିରେ ଭରି ରହିଛି। ସବୁବେଳେ ରାସ୍ତାରୁ ଧୂଳି ଉଡ଼ି ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ଘରେ ପଶୁଛି। ଉକ୍ତ ରାସ୍ତାଟି ମରଣଯନ୍ତା ସାଜିଛି। ଯାହାର ପରିଣାମରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାରୀଯାନ ଯିବା ମାତ୍ରେ ବଡ଼ ବଡ଼ ଗୋଡି ଛିଟିକି ପଡ଼ିବାରୁ ଗାଡ଼ି ଭାଙ୍ଗିବା ସହ ଲୋକେ ଆହତ ହେଉଛନ୍ତି। ଉକ୍ତ ରାସ୍ତାରେ ଦୁର୍ଘଟଣା ମଧ୍ୟ ଘଟି ଧନଜୀବନ ହାନି ହେଉଛି। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଜାରି ଥିବାବେଳେ ତାହା ସମ୍ପୂର୍ଣ୍ଣ ହେବାକୁ ଅନେକ ସମୟ ଲାଗିବ। ପୁରୁଣା ରାସ୍ତା ମରାମତି କାର୍ଯ୍ୟ ହେଉ ନ ଥିବାରୁ ଲୋକେ କଷ୍ଟ ଭୋଗୁଛନ୍ତି। ଏଥିପ୍ରତି ଜାତୀୟ ରାଜପଥ ପ୍ରାଧିକରଣର ନଜର ପଡୁନାହିଁ।

ଅନ୍ୟପକ୍ଷରେ ଖଡ଼ମବେଡା-ହାତୀଛାଡ଼-ଶଙ୍ଖାଭଙ୍ଗା ଦେଇ ବିକଳ୍ପ ରାସ୍ତାରେ ପାହାଡ଼ ରାସ୍ତା ନିର୍ମାଣରେ ବାଧକ ସାଜିଥିବାବେଳେ ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ହେଉନାହିଁ। ତେଣୁ ଉଭୟ ପାର୍ଶ୍ୱରେ ଗମନାଗମନ ଯନ୍ତ୍ରଣାଦାୟକ ସାଜିଛି। ଉକ୍ତ ରାସ୍ତା ଦେଇ ନିୟମିତ ମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲାପାଳ ସମେତ ଅନେକ ବଡ଼ ବଡ଼ ଅଧିକାରୀ ଚଳପ୍ରଚଳ କରୁଛନ୍ତି। ନିଜେ ମଧ୍ୟ ଉକ୍ତ ରାସ୍ତା ଦେଇ ଯାଉଥିବାବେଳେ ମରାମତି କାର୍ଯ୍ୟ ପାଇଁ ମନ ନିବେଶ କରୁନାହାନ୍ତି। ମକର ସଂକ୍ରାନ୍ତି ସମୟରେ ଲୋକେ ଉକ୍ତ ରାସ୍ତା ଦେଇ ଚଳପ୍ରଚଳ ବିପଦଜନକ ଥିବାବେଳେ ତୁରନ୍ତ ମରାମତି କାର୍ଯ୍ୟ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ଅଟେ।

### ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ରାଉରକେଲାକୁ ହରାଇ କଟକ ଚାମ୍ପିଅନ୍



**କରଞ୍ଜିଆ, ୧୩।୧(ସମିସ):** ଚଢ଼େଇଭଲ ଦି ଆଜାଦ ସ୍ପୋର୍ଟ୍ସ ଏଣ୍ଡ କଲଚରାଲ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୧୮ତମ ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ରାଉରକେଲା କ୍ରିକେଟ ଆସୋସିଏସନ୍‌କୁ ହରାଇ କଟକ ୟୁନିଅନ ସ୍ପୋର୍ଟିଂ ଚାମ୍ପିଅନ ହୋଇଛି। ଟସ୍ ଜିତି ରାଉରକେଲା ପ୍ରଥମେ ବ୍ୟାଟିଂ କରି ୧୧.୩ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୨୬ ରନ କରିଥିଲା। ଜବାବରେ କଟକ ୯.୩. ଓଭର ଖେଳି ୨ ୱିକେଟ ହରାଇ ୧୩୦ ରନ କରି ୮ ୱିକେଟ୍‌ରେ ବିଜୟୀ ହୋଇଥିଲା। ଖେଳକୁ ସତ୍ୟବ୍ରତ ମହାପାତ୍ର ଓ ପ୍ରାଣକୃଷ୍ଣ ଜେନା ପରିଚାଳନା କରିଥିବାବେଳେ ଅବଦୁଲ ମଲ୍ଲିକ, ଅସଗୋର ଅଲ୍ଲୀ ଓ ସୁରେଶ ସାଣ୍ଡିଲ ଧାରା ବିବରଣୀ, ସୁମିତ ସୌରଭ ଦାସ ସ୍କୋରର ଥିଲେ।

ଏମଡି ଖୋଲିଲୁର ରେହମାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟିକ ପଦ୍ମଚରଣ ହାଇବୁରୁ, ସମ୍ମାନିତ ଅତିଥି ଭାବେ ଓସିଏର ପୂର୍ବତନ ଉପସଭାପତି ନବଚରଣ ପଟ୍ଟନାୟକ ଯୋଗଦେଇ ବିଜେତା ଦଳ କଟକକୁ ୫୧ ହଜାର ସହିତ ଟ୍ରଫି ଓ ଉପବିଜେତା ରାଉରକେଲା ଦଳକୁ ୪୧ ହଜାର ସହିତ ଟ୍ରଫି ପ୍ରଦାନ କରିଥିଲେ। ଏଥିସହିତ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିବା କଟକର ବିଶ୍ୱଜିତ୍ ପ୍ରଧାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ଏମଡି ସବୀର ଅଲ୍ଲୀ, ଏମଡି ସୁଲେମାନ, ନୁରୁଲ ଇସଲାମ, ଏମଡି କାଏମ, ଏମଡି ତାଜ, ଏମଡି ଖୋଲିଲ, ବିଜୟ ବାରିକ, ସୁରେନ୍ଦ୍ର ବେହେରା, ଇନ୍ଦ୍ରମଣି ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ



**ବଡସାହି, ୧୩।୧(ସମିସ):** ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବଡସାହି ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜାତୀୟ ଦିବସ ପାଳନ କମିଟିର କାର୍ଯ୍ୟକାରୀ ସଭାପତି ରଣଜିତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ ଉପସ୍ଥିତ ହୋଇ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ ନିମନ୍ତେ ସମସ୍ତଙ୍କୁ ପ୍ରବର୍ତ୍ତାଇ ଥିଲେ। ଜାତୀୟ ଦିବସ ପାଳନ କମିଟିର ବରିଷ୍ଠ ସଦସ୍ୟ ରାଜେନ୍ଦ୍ର ଜେନା ସହଯୋଗ କରିବାକୁ ନିବେଦନ କରିଥିଲେ। ଏ ଅବସରରେ ୨୧ ରିଖ ବୁଧବାର ଦିନ ବଡସାହି ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯିବା ନିମନ୍ତେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବୈଠକରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀ, ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ, ହେଲପିଂ ହ୍ୟାଣ୍ଡ ଶାଖାର ପତିନିଧି ଓ ଜାତୀୟ ଦିବସ ପାଳନ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶିକ୍ଷକ ଲଳିତ ମହାନ୍ତି ସଞ୍ଚାଳନ କରିଥିବାବେଳେ ଶିକ୍ଷକ ଦେବରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କପ୍ତିପଦା, ୧୩।୧(ସମିସ):** ଘର ଭିତରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଏ ଘଟଣା କପ୍ତିପଦା ଥାନା ନୁଦଡିହା ଗ୍ରାମରେ ଘଟିଛି। ମୃତକ ଉକ୍ତ ଗ୍ରାମର ରାନୁ ପ୍ରଧାନ। ସେ ଦୀର୍ଘଦିନ ଧରି ନିଜ ପୈତୃକ ବାସଭବନରେ ନିଜ ମା'ପାଖରେ ରହୁଥିଲେ। କପ୍ତିପଦା ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

## ଖବର ପ୍ରକାଶ ପରେ ଟାୱାର ସ୍ଥାପନ ପାଇଁ ଜିଲ୍ଲାପାଳଙ୍କ ପତ୍ର

ସକାଳ ପ୍ରଭାବ

**ରାଇରଙ୍ଗପୁର, ୧୩।୧(ସମିସ):** ବାମନଘାଟି ଉପଖଣ୍ଡର ଉପାନ୍ତ ଅଞ୍ଚଳରେ ଡିଜିଟାଲ ଯୁଗରେ ବି ମୋବାଇଲ ନେଟୱର୍କ ନ ଥିବା ନେଇ ଖବର ପ୍ରସାରଣ ପରେ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉପାନ୍ତ ଗ୍ରାମରେ ଟାୱାର ସ୍ଥାପନ ପାଇଁ ଜିଲ୍ଲାପାଳ ହେମକାନ୍ତ ସୟ ବିଭାଗକୁ ପତ୍ର ଲେଖିଛନ୍ତି। ବିଜାତଳା ବ୍ଲକ ଅନ୍ତର୍ଗତ ବଣପାହାଡ଼ ଘେରା ଚଢେଇପାହାଡି ପଞ୍ଚାୟତରେ ସ୍ୱାଧୀନ ହେବାର ସାତ ଦଶନ୍ଧିରୁ ବି ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏବେ ବି ନେଟୱର୍କ ଅପହଞ୍ଚ ରହିଛି। ପାହାଡ଼ ପାଦଦେଶରେ ଚଢେଇପାହାଡି ଗ୍ରାମ ଥିବାବେଳେ ଗ୍ରାମ ନିକଟରେ ଗୋଟିଏ ବିଏସନାଲ୍ ଟାୱାର ରହିଛି। କିନ୍ତୁ ତାହା କୌଣସି ଉପଯୋଗରେ ଆସୁନାହିଁ। ନେଟୱର୍କ ପାଇଁ ଚଢେଇପାହାଡି ପଞ୍ଚାୟତର ୨୨ଟି ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି କାର୍ଯ୍ୟ ହେଉ କିମ୍ବା ଜରୁରିକାଳୀନ ସେବା ପାଇଁ ବି ନେଟୱର୍କ ଖୋଜିବାକୁ ପଡୁଛି। ଫଳରେ ଆମ୍ବୁଲାନ୍ସ, ଦମକଳ, ପୁଲିସ ଭଳି ଜରୁରୀ ସେବା ଖବର ମଧ୍ୟ ଦେଇପାରୁନାହାଁନ୍ତି। ନେଟୱର୍କ ଅପହଞ୍ଚ ଥିବାରୁ ବିଭିନ୍ନ ସରକାରୀ ଯୋଜନା ମଧ୍ୟ କାର୍ଯ୍ୟକ୍ଷମ ହେବାରେ ବାଧା ଉପୁଜିବାରେ ଲାଗିଛି। ଯାହାକୁ ଗତ ଡିସେମ୍ବର ମାସରେ 'ସକାଳ' ଦୈନିକ ଖବରକାଗଜ ଖବର ପ୍ରସାରଣ ହୋଇଥିଲା। ଏ ନେଇ ଜିଲ୍ଲାପାଳ ଶ୍ରୀ ସୟଙ୍କ ନିର୍ଦ୍ଦେଶକ୍ରମେ ବିଏସଏନଏଲ ରାଜ୍ୟ ମୁଖ୍ୟ ପରିଚାଳକକୁ ପତ୍ର ଯୋଗେ ସୂଚନା ପ୍ରଦାନ କରିଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ନିବେଦନ କରିଛନ୍ତି।

## ପାଞ୍ଚପୀଢ଼ ମହିଳା କଲେଜରେ ଯୁବ ଦିବସ

**କରଞ୍ଜିଆ, ୧୩।୧(ସମିସ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହରସ୍ଥ ପାଞ୍ଚପୀଢ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଦିଲ୍ଲୀପ ପୃଷ୍ଟିଙ୍କ ସଭାପତିତ୍ୱରେ ଜାତୀୟ ଯୁବ ଦିବସ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ ପରାମର୍ଶଦାତା ଓଡ଼ିଆ ଅଧ୍ୟାପକ ମାନସ ବେହେରା, ଗୃହ ବିଜ୍ଞାନ ଅଧ୍ୟାପିକା ଶୁଭଦର୍ଶିନୀ ଶ୍ୱେତପଦ୍ମାଙ୍କ ନେତୃତ୍ୱରେ ଜାତୀୟ ଯୁବ ଦିବସ ଅବସରରେ ଅଧ୍ୟକ୍ଷ ଦିଲ୍ଲୀପ ପୃଷ୍ଟି ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏ ଅବସରରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ଉପସ୍ଥିତରେ ବନ୍ଦେ ମାତରମ ସଙ୍ଗୀତ ଗାନ କରାଯାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପିକା ରୀମା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦା କଲେଜର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

**ବାରିପଦା, ୧୩।୧(ସମିସ):** ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପରିଚାଳିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡଃ ପ୍ରବୋଧ କୁମାର ଦେ ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଶାନ୍ତ କୁମାର ମହାନ୍ତିଙ୍କ ଦ୍ୱାରା ଶିବିର ଉଦଘାଟିତ ହୋଇଥିଲା। ସ୍ୱଚ୍ଛତା ହିଁ ସେବା, ସ୍ୱାସ୍ଥ୍ୟ ସଚେତନତା, ସଡ଼କ ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ ସ୍ୱେଚ୍ଛାସେବୀ। ସାତଦିନ ଧରି ଅନୁଷ୍ଠିତ ଏହି ଶିବିରକୁ ବିଭିନ୍ନ ସମୟରେ ମୟୂରଭଞ୍ଜ କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ, ପୂର୍ବତନ ମୟୂରଭଞ୍ଜ କାର୍ଯ୍ୟକ୍ରମ ଅଧିକାରୀ ଡଃ ସ୍ମୃତିରଞ୍ଜନ ଦାସ, ଏମସିଏମ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ନାୟକ, ଦୁର୍ନୀତି ନିବାରଣ ଅଧିକାରୀ ବିକାଶ ସ୍ୱାଇଁ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡଃ ସୁଧାଂଶୁ ଶେଖର ନାଥ, ଏମଭିଆଇ ସାଲଖୁ ମୁର୍ମୁ, ପଞ୍ଚମ ବାଟାଲିୟନ କମାଣ୍ଡର ପ୍ରଶାନ୍ତ ନାୟକ, ପ୍ରାକୃତିକ ବିପର୍ଯ୍ୟୟ ଡେମୋଷ୍ଟ୍ରେଟର ଅରୁଣ ମହାନ୍ତ, ସୁରକ୍ଷା କାର୍ଯ୍ୟକ୍ରମ ଅଧିକାରୀ ସସ୍ମିତା ମହାନ୍ତି, ଲିଙ୍ଗଭିତ୍ତିକ ବିଶେଷଜ୍ଞ ଗାୟତ୍ରୀ ନନ୍ଦ, ଉଦ୍ୟାନ ବିଜ୍ଞାନ ଅଧିକାରୀ ଟଙ୍କଧର କାଳ ପ୍ରମୁଖ ଶିବିରାର୍ଥୀଙ୍କୁ ସମାଜର ସାମ୍ପ୍ରତିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡଃ ପ୍ରବୋଧ ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡଃ ବସନ୍ତ ମହାନ୍ତ ମୁଖ୍ୟଅତିଥି, ଜାତୀୟ ସେବା ଯୋଜନାର ମୟୂରଭଞ୍ଜ କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ସମାଜ ସେବାରେ ବ୍ରତୀ ହେବା ନିମନ୍ତେ ପ୍ରେରଣା ଦେଇଥିଲେ। ଏ ଅବସରରେ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ ବେହେରା ପରିଚାଳନା କରିଥିବାବେଳେ ଜ୍ୟୋତ୍ସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଲ୍ୟ ବିବାହ ନିବାରଣ ପାଇଁ ମୟୂରଭଞ୍ଜ ପାଇଲଟ୍ ଜିଲ୍ଲା

# କିଶୋରୀ ଗର୍ଭଧାରଣ ରୋକିବାକୁ ଗୁରୁତ୍ୱ



**ବାରିପଦା, ୧୩।୧(ସମିସ):** ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁଙ୍କୁ ୨୧ଟି ଜନଜାତୀୟ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ପାଇଁ ଆମେ ପଢ଼ିବା ଆମ ଭାଷାରେ ଯୋଜନାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଆଭାସୀ ମାଧ୍ୟମରେ ଉଦଘାଟନ କରିବା ସହିତ ବାଲ୍ୟ ବିବାହ ନିବାରଣ ପାଇଁ ରାଜ୍ୟ ବ୍ୟାପୀ ୧୦୦ ଦିନିଆ ଅଭିଯାନ ଓ କିଶୋରୀ ଗର୍ଭ ଧାରଣ ରୋକିବା ପଦକ୍ଷେପକୁ ଶୁଭାରମ୍ଭ କରିଛନ୍ତି। ଏହାର କାର୍ଯ୍ୟକାରିତା ପାଇଁ ମୟୂରଭଞ୍ଜ ଜିଲ୍ଲାକୁ ପାଇଲଟ ଜିଲ୍ଲା ଭାବେ ନିଆଯାଇଛି। ଏ ପରିପ୍ରେକ୍ଷୀରେ ଓସ୍ୱାନ ହଲରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ବିବାହ ରୋକିବା ଉଦ୍ଦେଶ୍ୟରେ ୧୦୦ଦିନିଆ ରାଜ୍ୟସ୍ତରୀୟ ଅଭିଯାନରେ ସମୁଦାୟ, ଯୁବ ନେତୃତ୍ୱ, ଆଶା, ଅଙ୍ଗନବାଡି କର୍ମୀ ଓ ସଂସ୍ଥାଗତ ମଞ୍ଚର ସକ୍ରିୟ ସମ୍ପୃକ୍ତି ମାଧ୍ୟମରେ କନ୍ୟା ଶିକ୍ଷା, ସଚେତନତା ଓ ସୁରକ୍ଷାକୁ ମଜବୁତ କରାଯିବ। ସାଇକଲ ରାଲି, ଯୁବ ସମ୍ମିଳନୀ, ମାନବ ଶୃଙ୍ଖଳ, ସ୍କୁଲ-କଲେଜ ଭିତ୍ତିକ ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା ଓ ଡିଜିଟାଲ ସଚେତନତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହାକୁ ସଫଳ କରାଇବା ଉପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଗୁରୁତ୍ୱ ଦେଇଥିବା ସମ୍ପର୍କରେ ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି। ଏହାସହ ମୟୂରଭଞ୍ଜ ଜିଲ୍ଲାରେ ୟୁନିସେଫ ସହଯୋଗରେ କିଶୋରୀ ମାଆ ସହାୟତା ଓ କିଶୋରୀ ଗର୍ଭଧାରଣ ରୋକିବା ପାଇଁ ପାଇଲଟ୍ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା, ସାମାଜିକ ସୁରକ୍ଷା, ପୁନଃଶିକ୍ଷା ଓ କୌଶଳ ମାର୍ଗ ସହ ସମନ୍ୱିତ ସହାୟତା ପ୍ରଦାନ କରାଯିବ। ଏହି ପ୍ରକଳ୍ପ ଭବିଷ୍ୟତରେ ରାଜ୍ୟସ୍ତରୀୟ ମଡେଲ୍ ଭାବେ କାମ କରିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହାର ସଫଳ ରୂପାୟନ ପାଇଁ ସମସ୍ତ ପ୍ରକାର ସାଧନକୁ ଉପଯୋଗ କରି ବାଲ୍ୟ ବିବାହକୁ ରୋକିବା ସହ କିଶୋରୀ ଗର୍ଭଧାରଣକୁ ରୋକିବା ଦିଗରେ ପଦକ୍ଷେପ ନେବା ଓ କୌଣସି କାରଣରୁ କିଶୋରୀ ଗର୍ଭଧାରଣ ପରିସ୍ଥିତି ଉପୁଜିଛି ତେବେ ତାଙ୍କୁ ସବୁ ପ୍ରକାର ପରାମର୍ଶ, ସହାୟତା ଯୋଗାଇ ସଶକ୍ତ କରିବା ବୋଲି ସେ କହିଛନ୍ତି। ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ସୁରକ୍ଷା ଓ କାର୍ଯ୍ୟକ୍ରମ ଅଧିକାରିଣୀ ସସ୍ମିତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ମିଶନ ଶକ୍ତି ଡିପିଏମ ନିରଞ୍ଜନ ପଣ୍ଡା, ଡିପିସି ପ୍ରଦ୍ୟୁମ୍ନ ଘୋଷ ସମେତ ୟୁନିସେଫର ନେହା ସିଂ ଓ ଘାସିରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱକୁ ଭାରତର ସବୁଠାରୁ ବଡ଼ ଆଶୀର୍ବାଦ ହେଲା, ଏହାର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉପଲବ୍ଧ ଅଭିଜ୍ଞତା ଓ ଜ୍ଞାନର ସମୃଦ୍ଧ ଭଣ୍ଡାର।

- ଏମ୍ ଏସ୍ ସ୍ୱାମୀନାଥନ୍

## ଧାତବ-ଯାତ୍ରା ଓ ଯୁଦ୍ଧଭୟ

ଗତ କିଛିମାସ ଧରି ସୁନା ସମେତ ରୁପା ଓ ତମ୍ବା ପରି ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଧାତୁ ମୂଲ୍ୟ ମଧ୍ୟ ଅନୁମାନଠାରୁ ଅଧିକ ବେଗରେ ବଢ଼ିଚାଲିବା ଅର୍ଥନୀତି ଓ ଭୂରାଜନୀତି ପ୍ରତି ଏକ ଭିନ୍ନ ସଙ୍କେତ ଦେଇଛି। ସାମ୍ପ୍ରତିକ ଅସ୍ଥିର ପ୍ରତିଭୂତି ବଜାରରେ ସ୍ଥାୟୀ ଓ ନିଶ୍ଚିତ ପ୍ରତିଦାନ ବା ଲାଭାଂଶ (ରିଟର୍ଣ୍ଣ) ଏବଂ ତ୍ୱରିତ ବିନିମୟକ୍ଷମ(ଲିକ୍ୱିଡିଟି) କ୍ଷମତା ଯୋଗୁଁ ସୁନାରେ ଅଧିକରୁ ଅଧିକ ନିବେଶ ସହିତ ଚୀନ୍ ଓ ଭାରତୀୟଙ୍କ ଅଳଙ୍କାର ଚାହିଦା ଯୋଗୁଁ ପୀତଧାତୁର ମୂଲ୍ୟ ଆକାଶଛୁଆଁ ହେବା ସ୍ୱାଭାବିକ। ଏହାଛଡ଼ା ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ମହଜୁଦ ସ୍ତର ବଢୁଥିôବାରୁ ଏହାର ମୂଲ୍ୟ ବଜାରରେ ପ୍ରତିଫଳିତ ହୋଇଛି। କିନ୍ତୁ ରୁପା ଓ ତମ୍ବା ମୂଲ୍ୟରେ ଯେଉଁ ଅସ୍ୱାଭାବିକ ଊର୍ଦ୍ଧ୍ୱଗତି ଦେଖାଦେଇଛି ତାହା ଅର୍ଥନୀତିଜ୍ଞଙ୍କୁ ଚିନ୍ତିତ କରିଛି। ଏହି ମୂଲ୍ୟବୃଦ୍ଧି ପଛର କାରଣ ଖୋଜିବା ବେଳେ କେବଳ ଚାହିଦା ବ୍ୟତୀତ ଭୂରାଜନୀତି, କୂଟନୀତି, ପ୍ରତିରକ୍ଷା ଭଳି ଅନେକ କାରକ ସାମ୍ନାକୁ ଆସୁଛି। ଗତବର୍ଷକ ମଧ୍ୟରେ କେବଳ ଭାରତରେ ରୁପା ଦରରେ ୧୬୦ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ତମ୍ବା ମୂଲ୍ୟ ୩୫% ପର୍ଯ୍ୟନ୍ତ ବଢ଼ିଛି। ଏଥିରୁ ବିଶ୍ୱବଜାରର ସ୍ଥିତି ଅନ୍ତେବହୁତ ଅନୁମେୟ।

ପ୍ରଥମେ ରୁପା କଥା ଆଲୋଚନା କରିବା। ଅଳଙ୍କାର ଓ ସୌଖୀନ ସାମଗ୍ରୀ ବ୍ୟତୀତ ଏବେ ରୁପାର ସର୍ବାଧିକ ବ୍ୟବହୃତ କ୍ଷେତ୍ରଟି ହେଉଛି ସୌରଶକ୍ତି ଉତ୍ପାଦନକାରୀ ଉପକରଣ ଓ ବ୍ୟାଟେରି ନିର୍ମାଣ। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନକୁ ପ୍ରତିହତ କରିବା ଲାଗି ବିଶ୍ୱ ଅକ୍ଷୟଶକ୍ତି ଉତ୍ପାଦନ ବୃଦ୍ଧି ଉପରେ ବିଶ୍ୱର ଅଧିକାଂଶ ରାଷ୍ଟ୍ର ଗୁରୁତ୍ୱ ଦେଉଥିବାରୁ ରୁପା ଚାହିଦା ବଢ଼ିଛି। କିନ୍ତୁ ଏହା ଦ୍ୱିତୀୟ କାରକ ଭାବେ ଗ୍ରହଣ କରାଯାଇପାରେ। ରୁପା ମୂଲ୍ୟ ବୃଦ୍ଧି ପଛର ଅସଲ ରହସ୍ୟମୟ କାରଣଟି ପୁଣି ଥରେ ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ 'କ୍ରିଟିକାଲ୍ ମିନେରାଲ୍' ତାଲିକାରେ ରୁପାକୁ ସାମିଲ୍ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାର ଅର୍ଥ ହେଲା ଆମେରିକା ରୁପାକୁ ସରକାରୀ ଆବଶ୍ୟକତା ଭାବରେ ଗ୍ରହଣ କରିବ ଏବଂ ଅଧିକରୁ ଅଧିକ ସଂଗ୍ରହକୁ ଅଗ୍ରାଧିକାର ଦେବ। ଏହି ନିର୍ଦ୍ଦେଶନାମା ଜରି ହେବା ପରେ ଗତବର୍ଷ ତୁଳନାରେ ଆମେରିକାରେ ସରକାରୀ ରୁପା ସଂଗ୍ରହ ହାର ୭୪% ବୃଦ୍ଧି ଘଟିଛି। ବିଶେଷକରି ଚୀନ୍ ବିରଳ ମୃତ୍ତିକା ରପ୍ତାନୀ ଉପରେ କଟକଣା ଜାରି କରିବା ପରେ ଆମେରିକା ରୁପା ସଂଗ୍ରହକୁ ତ୍ୱରାନ୍ୱିତ କରିଛି। ଏ କ୍ଷେତ୍ରରେ ଚୀନ୍ ଓ ଭାରତ ମଧ୍ୟ ପଛରେ ପଡ଼ିବାକୁ ଚାହିଁନାହାନ୍ତି। ଭାରତରେ ରୁପାରେ ନିବେଶ ବର୍ଷକ ଭିତରେ ୫, ୩୪୨ କୋଟି ଟଙ୍କା ବଢ଼ିଛି ଏବଂ ମ୍ୟୁଚୁଆଲ୍ ଫଣ୍ଡରେ କମିଛି। ଏବେ ଭାରତରେ ମୋଟ ନିବେଶ ପରିମାଣର ପାଖାପାଖି ୭୨% ସୁନା ଓ ରୁପାରେ ହୋଇଛି। ସେହିଭଳି ସାମ୍ପ୍ରତିକ ସେମିକଣ୍ଡକ୍ଟର ନିର୍ମାଣ ପ୍ରତିଯୋଗିତା ଆଗକୁ ଆହୁରି ତୀବ୍ର ହେବାକୁ ଯାଉଥିôବାରୁ ରୁପା ଚାହିଦା ସହିତ ମୂଲ୍ୟ ଆହୁରି ବଢ଼ିବାର ଅନୁମାନ କରାଯାଉଛି।

ସୁନା ଓ ରୁପା ସହିତ ତାଳ ଦେଇ ତମ୍ବା ମଧ୍ୟ ଅଭୂତପୂର୍ବ ଊର୍ଦ୍ଧ୍ୱମୁଖୀ ଯାତ୍ରାରେ ସାମିଲ୍ ହେବା ଆଶ୍ଚର୍ଯ୍ୟଚକିତ କରିଛି ଏବଂ ଅର୍ଥନୀତି ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିଶ୍ୱ ବଜାରରେ ତମ୍ବା ମୂଲ୍ୟ ଟନ୍ ପିଛା ଐତିହାସିକ ୧୨ ହଜାର ଡଲାର ଅତିକ୍ରମ କରିଛି ଏବଂ ପୂର୍ବବର୍ଷ ତୁଳନାରେ ଏଥିରେ ୩୫% ବୃଦ୍ଧି ଘଟିଛି। ଏହି ପିଙ୍ଗଳ ଧାତୁର ହଠାତ୍ ମୂଲ୍ୟ ବୃଦ୍ଧି ଯେଉଁଭଳି ଅସ୍ୱାଭାବିକ, କାରଣ ମଧ୍ୟ ସେଭଳି ଚିନ୍ତାଉଦ୍ରେକକାରୀ। ତମ୍ବା ନିବେଶକମାନଙ୍କ ଉପରେ ହୋଇଥିବା ଏକ ସର୍ବେକ୍ଷଣର ନିଷ୍କର୍ଷ ଅନୁଯାୟୀ ଯୁଦ୍ଧାସ୍ତ୍ର ଓ ପ୍ରତିରକ୍ଷା ଉପକରଣରେ ତମ୍ବାର ବ୍ୟବହାର ସର୍ବାଧିକ ହେଉଥିବାରୁ ଏବଂ ଆଗକୁ ଯୁଦ୍ଧର ଘନଘଟା ଆହୁରି ବଢ଼ିବାକୁ ଥିôବାରୁ ତମ୍ବାରେ ନିବେଶ ହିଁ ବୁଦ୍ଧିମାନର କାମ ବୋଲି ସେମାନେ ମତ ଦେଇଛନ୍ତି। ଏହାଛଡ଼ା ସାମ୍ପ୍ରତିକ କୃତ୍ରିମବୁଦ୍ଧିମତ୍ତା(ଏଆଇ) ଏବଂ ଅକ୍ଷୟଶକ୍ତି ପରିବହନରେ ତମ୍ବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିôବାରୁ ତମ୍ବାରେ ନିବେଶ ବଢ଼ିଛି। ଗୋଟିଏ ଡାଟା କେନ୍ଦ୍ର ହାରାହାରି ୫ ହଜାରରୁ ୧୫ ହଜାର ଟନ୍ ପର୍ଯ୍ୟନ୍ତ ତମ୍ବା ଆବଶ୍ୟକ କରେ। ସେହିପରି ପାରମ୍ପରିକ ଯାନ ତୁଳନାରେ ବୈଦ୍ୟୁତିକ ଯାନରେ ଦୁଇଗୁଣା ଅଧିକ ତମ୍ବା ବ୍ୟବହାର ହେଉଥିବାରୁ ବୈଦ୍ୟୁତିକ ଯାନର ଚାହିଦା ସହିତ ତାଳ ଦେଇ ତମ୍ବା ଚାହିଦା ଓ ମୂଲ୍ୟ ମଧ୍ୟ ବଢ଼ିଛି।

ଏତଦ୍‌ବ୍ୟତୀତ ଟ୍ରମ୍ପ ପ୍ରଶାସନ ଅର୍ଦ୍ଧନିର୍ମିତ ତମ୍ବା ଉତ୍ପାଦ ଉପରେ ୫୦% ଆମଦାନୀ ଶୁଳ୍କ ଲାଗୁ ଘୋଷଣା ପରେ ଆମେରିକାରେ ହିଁ ତମ୍ବା ଆମଦାନୀ ଉଲ୍ଲେଖନୀୟ ଭାବେ ବଢ଼ିଛି, ଯାହାର ପ୍ରଭାବ ବିଶ୍ୱ ବଜାରରେ ପଡ଼ିଛି। ଆମେରିକାରେ ତମ୍ବାର ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ମହଜୁଦ ସ୍ତର ୮୦ ହଜାର ଟନ୍‌ରୁ ୩ ଲକ୍ଷ ୪୦ ହଜାର ଟନ୍‌କୁ ବୃଦ୍ଧି ପାଇବା ସହିତ ବିଶେଷଜ୍ଞମାନେ ଆଗାମୀ ଦିନରେ ଯୁଦ୍ଧଆଶଙ୍କାକୁ ତୁଳନା କରୁଛନ୍ତି। ଅପରପକ୍ଷରେ ଆମେରିକାର ଉଦ୍ୟମକୁ ପ୍ରତିହତ କରିବାକୁ ଚୀନ୍ ପ୍ରରୋଚନାରେ ଇଣ୍ଡୋନେସିଆ, ଚିଲି ଓ କଙ୍ଗୋ ଭଳି କେତେକ ତମ୍ବା-ଖଣିଜସମୃଦ୍ଧ ରାଷ୍ଟ୍ର ସେମାନଙ୍କ ଉତ୍ପାଦନରେ କାଣ୍ଟଛାଣ୍ଟ କରିଛନ୍ତି। ଏହାର ପ୍ରଭାବ ମଧ୍ୟ ବଜାର ଉପରେ ପଡ଼ିଛି।

ଏହି ପୃଷ୍ଠଭୂମିରେ ଭାରତ ପାଇଁ ଯୋଜନାବଦ୍ଧ ବାଣିଜ୍ୟ-ଅର୍ଥନୀତି ଆବଶ୍ୟକ ଥିବା ବେଳେ ଏକ ନୂଆ ଆହ୍ୱାନ ସୃଷ୍ଟି ହୋଇଛି। ବିଶ୍ୱ ଧାତବ ବଜାରରେ ଏବେ ଯେଉଁ ଊର୍ଦ୍ଧ୍ୱମୁଖୀ ପ୍ରତିଯୋଗିତା ଆରମ୍ଭ ହୋଇଛି ସେଥିରେ ଭାରତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି। ଗତ ୧ ତାରିଖରୁ ୟୁରୋପୀୟ ସଂଘ ବିଶ୍ୱରେ ପ୍ରଥମ ଥର ପାଇଁ 'କାର୍ବନ୍ ଟ୍ୟାକ୍ସ' ଲାଗୁ କରିଥିବା ବେଳେ ଇଂଲଣ୍ଡ ଖୁବ୍‌ଶୀଘ୍ର ଏହାକୁ ଅନୁସରଣ କରିବାକୁ ଯାଉଛି। ଏହି ଟିକସ ଆଳରେ ପାଶ୍ଚାତ୍ୟ ବିଶ୍ୱ ବର୍ତ୍ତମାନର କ୍ରମବର୍ଦ୍ଧିଷ୍ଣୁ ଧାତବ ଚାହିଦାର ଭରପୂର ଫାଇଦା ନେବାର ମସୁଧା କରିଛନ୍ତି। ଅପରପକ୍ଷରେ ଭାରତରେ ଧାତବ ଉତ୍ପାଦନ ପାଇଁ ଯେଉଁ ପଦ୍ଧତି ବ୍ୟବହାର ହୋଇଆସୁଛି ତାହା ଅପେକ୍ଷାକୃତ ଅଧିକ କାର୍ବନ ନିର୍ଗମନକାରୀ। ୟୁରୋପୀୟ ସଂଘ ସହିତ ଭାରତର ବାଣିଜ୍ୟ କାରବାରରେ ଇସ୍ପାତ୍ ଓ ଆଲୁମିନିୟମ୍ ସହିତ ତମ୍ବା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଏହି ବିବାଦୀୟ ଟିକସ ଫଳରେ ଭାରତରୁ ରପ୍ତାନି ହେଉଥିବା ତମ୍ବା ବିଶ୍ୱ ବଜାରରେ ଅଧିକ ମହଙ୍ଗା ହେବ ନଚେତ୍ ବିଶ୍ୱ ବଜାରରେ ତିଷ୍ଠି ରହିବା ପାଇଁ ଭାରତୀୟ ରପ୍ତାନୀକାରୀମାନେ ମୂଲ୍ୟ ହ୍ରାସ କରିବାକୁ ପଡ଼ିବ, ଯାହା ସମ୍ଭବ ନୁହେଁ। ଭାରତରେ ଏକପକ୍ଷରେ ଟଙ୍କା ମୂଲ୍ୟ ଡଲାର ତୁଳନାରେ ହ୍ରାସ ପାଇ ଚାଲିଥିବା ବେଳେ ଧାତବର ବିଦେଶୀ ଯାତ୍ରାରେ ଏହି କଟକଣା ଭାରତୀୟ ଅର୍ଥନୀତି ସହିତ ଭୂରାଜନୀତି ଓ କୂଟନୀତିକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇଛି। ସର୍ବୋପରି ଭାରତୀୟ ନିବେଶକମାନେ ଆଉ ଟଙ୍କା(ସେୟାର, ଡିବେନ୍‌ଚର) ଉପରେ ଯେ ଭରସା କରିପାରୁନାହାନ୍ତି, ତାହା ଧାତବ ଯାତ୍ରାରେ ପ୍ରତିଫଳିତ ହୋଇଛି। ●

## ଆର୍ଥିକ ଯୋଜନା ଓ ବିତ୍ତୀୟ ସମୃଦ୍ଧି

**ଅନନ୍ତ ଚରଣ ସ୍ୱାଇଁ**



ଆମ ଶିକ୍ଷା, ଯୋଗ୍ୟତା, ଦକ୍ଷତା ଓ ଅଭିଜ୍ଞତା ପଛର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଅର୍ଥ ଉପାର୍ଜନ ଓ ଆର୍ଥିକ ସ୍ୱାଧୀନତା। ଅର୍ଥ ବିନା ଜୀବନ ଦୁର୍ବିସହ ହୋଇପଡ଼େ। ଉପାର୍ଜିତ ଆୟର ଅପବ୍ୟବହାର, ଆୟ ବୃଦ୍ଧି କରିବାରେ ଅବହେଳା ବ୍ୟକ୍ତିକୁ ଆର୍ଥିକ ସଙ୍କଟ ଆଡ଼କୁ ନେଇଯାଏ। ଉପାର୍ଜିତ ଆୟ ମୁଖ୍ୟତଃ ଦୁଇପ୍ରକାର - ସକ୍ରିୟ ଆୟ ଓ ନିଷ୍କ୍ରିୟ ଆୟ। ଏହି ଦୁଇପ୍ରକାର ଆୟ ମଧ୍ୟରେ ମୌଳିକ ପାର୍ଥକ୍ୟ ହେଉଛି - ଶ୍ରମ ଓ ସମୟ। ସକ୍ରିୟ ଆୟ ହେଉଛି ଯାହା ବ୍ୟକ୍ତି ନିଜ ଶ୍ରମ ଓ ସମୟ ବ୍ୟବହାର କରି ଅର୍ଜନ କରେ। ଏହି ଆୟ ପାଇଁ ବ୍ୟକ୍ତିକୁ ସକ୍ରିୟ ବା କ୍ରିୟାଶୀଳ ହେବା ସହ ସମୟ ଦେବାକୁ ପଡ଼ିଥାଏ। ଏଗୁଡ଼ିକ ହେଲା କର୍ମକ୍ଷେତ୍ରରୁ ଉପାର୍ଜନ କରୁଥିବା ଅର୍ଥ, ବ୍ୟବସାୟ କିମ୍ବା ସେବାରୁ ଆୟ, ଫ୍ରିଲାନ୍ସିଂ ଆୟ(ଲେଖା, ଡିଜାଇନ୍ କିମ୍ବା ପ୍ରୋଗ୍ରାମିଂ କାମରୁ ପ୍ରାପ୍ତ ଆୟ), କୃଷି ଆୟ ଇତ୍ୟାଦି। ନିଷ୍କ୍ରିୟ ଆୟ ହେଉଛି, ଯାହା ପାଇଁ ବ୍ୟକ୍ତିକୁ ସକ୍ରିୟ ଭାବରେ କାମ କରିବା ଆବଶ୍ୟକ ନଥାଏ। ଏହାପୂର୍ବରୁ କରାଯାଇଥିବା ବିନିଯୋଗ କିମ୍ବା କାର୍ଯ୍ୟର ଫଳାଫଳ। ନିଷ୍କ୍ରିୟ ଆୟର ଉଦାହରଣଗୁଡ଼ିକ ହେଉଛି - ଷ୍ଟକ, ବଣ୍ଡ, ସ୍ଥାୟୀ ଜମା, ମ୍ୟୁଚୁଆଲ୍ ଫଣ୍ଡ, ଘର ଭଡ଼ା, ଯନ୍ତ୍ରପାତି ଭଡ଼ା, ପ୍ୟାଟେଣ୍ଟ ରାଇଟ୍‌ରୁ ମିଳୁଥିବା ରୟାଲ୍‌ଟି, ରିଅଲ୍ ଇଷ୍ଟେଟ୍ ବିନିଯୋଗ ଆଦି। ପେନସନ୍‌ରୁ ମିଳୁଥିବା ଆୟ ଏକପ୍ରକାର ନିଷ୍କ୍ରିୟ ଆୟ।

୨୫ ବର୍ଷରୁ ୬୦ ବର୍ଷ ହେଉଛି ଅର୍ଥ ଉପାର୍ଜନ, ସଞ୍ଚୟ ଓ ନିବେଶ କରିବାର ପ୍ରକୃଷ୍ଟ ସମୟ। ଏହି ବୟସ ସୀମା ବାହାରେ ମଧ୍ୟ କିଛିଲୋକ ରୋଜଗାର କରିଥା'ନ୍ତି। କିନ୍ତୁ ସେହି ସଂଖ୍ୟା ଅତିନଗଣ୍ୟ। ୨୫ରୁ ୬୦ ବର୍ଷ ମଧ୍ୟରେ ହେଉଥିବା ଆୟର ସୁଚିନ୍ତିତ ଓ ସୁନିୟନ୍ତ୍ରିତ ପରିଚାଳନା, ସଞ୍ଚୟ ଓ ନିବେଶର ବିବିଧୀକରଣ, ସକ୍ରିୟ ଆୟରୁ ନିଷ୍କ୍ରିୟ ଆୟ ମିଳିବାର ବ୍ୟବସ୍ଥା, ଆର୍ଥିକ ସ୍ଥିରତା, ଆର୍ଥିକ ସ୍ୱାଧୀନତା ଓ ଆର୍ଥିକ ସୁରକ୍ଷା ପାଇଁ ଅପରିହାର୍ଯ୍ୟ। ଉପାର୍ଜିତ ଅର୍ଥର ସଦୁପଯୋଗ ପାଇଁ ଉପଯୁକ୍ତ ଆର୍ଥିକ ଯୋଜନା ପ୍ରସ୍ତୁତି ଓ ପରିଚାଳନା ଭବିଷ୍ୟତକୁ ସଶକ୍ତ ଓ ସୁରକ୍ଷିତ କରିଥାଏ। ଆର୍ଥିକ ଯୋଜନା କେବଳ ଟଙ୍କା ସଞ୍ଚୟ କରିବାରେ ସୀମିତ ନୁହେଁ। ଏହା ଆୟ-ବ୍ୟୟର ସୁପରିଚାଳନା ସହ ସଞ୍ଚୟ, ବିନିଯୋଗ ଓ ଜୀବନର ବିଭିନ୍ନ ଲକ୍ଷ୍ୟକୁ ପ୍ରାପ୍ତ କରିବା ପାଇଁ ଏକ ସୁକଳ୍ପିତ ଉପାୟ।

ଆର୍ଥିକ ଯୋଜନାର ଅନେକ ଦିଗ ରହିଛି। ଲକ୍ଷ୍ୟ ନିର୍ଦ୍ଧାରଣ, ଗୃହ ନିର୍ମାଣ, ପିଲାଙ୍କ ଶିକ୍ଷା, ବିବାହ, ବ୍ରତ ପରି ସାମାଜିକ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ସେବା, ଭ୍ରମଣ, ଅବସରକାଳୀନ ଖର୍ଚ୍ଚ, ଗାଡ଼ି କିଣିବା ଆଦି। ବଜେଟ ହେଉଛି ଆୟ ଓ ବ୍ୟୟର ଆବଣ୍ଟନ ଓ ବିଶ୍ଳେଷଣ। ଏହାଦ୍ୱାରା ମାସିକ ଆୟ କେଉଁଠାରେ, କିଭଳି ଖର୍ଚ୍ଚ ହେଉଛି, ତାହା ବୁଝାପଡ଼େ। ବ୍ୟୟକୁ ନିୟନ୍ତ୍ରଣ କରି ଅନାବଶ୍ୟକ ଖର୍ଚ୍ଚକୁ କମାଇବା ଦ୍ୱାରା ଉପାର୍ଜିତ ଅର୍ଥର ସଦୁପଯୋଗ ସହ ଅଧିକ ସଂଚୟ ହୋଇଥାଏ। ଜୀବନରେ ଅପ୍ରତ୍ୟାଶିତ ଘଟଣା ଘଟିପାରେ। ଏପରି ସ୍ଥିତିରେ ଆର୍ଥିକ ସହାୟତା ପାଇଁ ଜରୁରିକାଳୀନ ଅର୍ଥ ପାଖରେ ଥିବା ଦରକାର। ସାଧାରଣତଃ, ୩ରୁ ୬ ମାସ ଖର୍ଚ୍ଚର ସମାନ ପରିମାଣ ଅର୍ଥ ସଂଚୟ, ସହଜରେ ଉପଲବ୍ଧ ହୋଇପାରୁଥିବା ସ୍ଥାନରେ ରଖିବା ଉଚିତ। ବ୍ୟବସାୟିକ ଆୟ ବଢ଼ାଇବା କିମ୍ବା କୌଣସି ଏକ ଅପ୍ରତ୍ୟାଶିତ ସ୍ଥିତିର ମୁକାବିଲା ପାଇଁ ହୁଏତ ଋଣ କରିବା ଦରକାର ପଡ଼ିପାରେ। ଏକ୍ଷେତ୍ରରେ ଅଧିକ ସୁଧରେ ଆଣିଥିବା ଋଣର ପରିଶୋଧକୁ ପ୍ରାଥମିକତା ଦେବା ଉଚିତ। ସଂଚୟ କରିବା ସହିତ ବିନିଯୋଗ କରିବା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିନିଯୋଗ ସମୟରେ ଆର୍ଥିକ ଲକ୍ଷ୍ୟ, ବିନିଯୋଗର ସମୟସୀମା, ଏଥିରୁ ମିଳୁଥିବା ଅମଳ ବା ରିଟର୍ଣ୍ଣ ଏବଂ ବିନିଯୋଗରେ ଥିବା ବିପଦ ବା ରିସ୍କ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ବିନିଯୋଗର ବିବିଧୀକରଣ ବିପଦ ବା ରିସ୍କକୁ କମ କରିଥାଏ।

ଏହାଛଡ଼ା ସେବା ନିବୃତ୍ତି ପରେ କିମ୍ବା ବୃଦ୍ଧାବସ୍ଥାରେ ଯେପରି ଆର୍ଥିକ ସଙ୍କଟ ନଆସେ ସେଥିପାଇଁ ପୂର୍ବରୁ ଯୋଜନା କରିବା ଜରୁରୀ। ଅର୍ଥ ଉପାର୍ଜନ କରିବା ସଙ୍ଗେ ସଙ୍ଗେ ବିଳମ୍ବ ନକରି ଯଥାସମ୍ଭବ ସଞ୍ଚୟ ଓ ନିବେଶ ଆରମ୍ଭ କଲେ ସକ୍ରିୟ ଆୟ ସରିଯିବା ପରେ ପୂର୍ବ ବିନିଯୋଗରୁ ନିରନ୍ତର ନିଷ୍କ୍ରିୟ ଆୟ ମିଳିଥାଏ। ସକ୍ରିୟ ଆୟର ନିଷ୍କ୍ରିୟତାକୁ ରୂପାନ୍ତରିତ ଫଳରେ ଆର୍ଥିକ ସ୍ଥିତିରେ ସୁଧାର ଆସେ। ଆର୍ଥିକ ସଙ୍କଟ ଦେଖାଦିଏ ନାହିଁ। ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ଘର ବୀମା, ଇତ୍ୟାଦି ଅପ୍ରତ୍ୟାଶିତ ଘଟଣାରୁ ସୁରକ୍ଷା ପ୍ରଦାନ କରେ। ଜୀବନ ବୀମା ପରିବାରକୁ ଆର୍ଥିକ ସୁରକ୍ଷା ଦେବା ଓ ସ୍ୱାସ୍ଥ୍ୟ ବୀମା ଚିକିତ୍ସା ଖର୍ଚ୍ଚର ଭରଣା କରିବାରେ ସହାୟକ ହୋଇଥାଏ। ତେଣୁ ନିଜର ଆବଶ୍ୟକ ଅନୁଯାୟୀ ସଠିକ୍ ବୀମା ବାଛିବା ଜରୁରୀ।

ସଠିକ ଟିକସ ଯୋଜନା ଦ୍ୱାରା ମଧ୍ୟ କରଦେୟକୁ କମାଇବା ସହ ଅଧିକ ଟଙ୍କା ସଞ୍ଚୟ କରିବା ପାଇଁ ସହାୟକ ହୋଇଥାଏ। ଦେହାନ୍ତ ପରେ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଉପରେ ଅନ୍ୟମାନଙ୍କ ଅଧିକାର ସମ୍ବନ୍ଧୀୟ ଏକ ସଂଗଠିତ ଯୋଜନା କରିବା ଆବଶ୍ୟକ। ଏହାକୁ ପାଥେୟ କରି ଉତ୍ତରାଧିକାରୀମାନଙ୍କୁ ପୂର୍ବନିର୍ଦ୍ଧାରିତ ଯୋଜନା ବା ନିଷ୍ପତ୍ତି ଅନୁଯାୟୀ ସମ୍ପତ୍ତି ବଣ୍ଟନ କରାଯାଏ। ଫଳରେ ଉତ୍ତରାଧିକାରୀଙ୍କ ମଧ୍ୟରେ କଳହ ଓ ଅସନ୍ତୋଷର ଆଶଙ୍କା କମ୍ ରହେ। ଆର୍ଥିକ ଯୋଜନା ଏକ ନିରନ୍ତର ପ୍ରକ୍ରିୟା। ପରିସ୍ଥିତିକୁ ନେଇ ଆର୍ଥିକ ଲକ୍ଷ୍ୟ, ଆୟ, ବ୍ୟୟ ଏବଂ ବିନିଯୋଗରେ ପରିବର୍ତ୍ତନ ହୋଇପାରେ। ତେଣୁ ନିୟମିତ ଭାବରେ ଆର୍ଥିକ ଯୋଜନାର ସମୀକ୍ଷା କରିବା ଆବଶ୍ୟକ।

ରୋଜଗାର ବେଳ ହେଉଛି ସଞ୍ଚୟ ଓ ନିବେଶ କରିବାର ପ୍ରକୃଷ୍ଟ ସମୟ। ଆୟ ଆରମ୍ଭର ପ୍ରଥମରୁ ଯଥାସମ୍ଭବ ସଞ୍ଚୟ ଆରମ୍ଭ କଲେ ଏହା ଏକ ଅଭ୍ୟାସରେ ପଡ଼ିଯାଏ। ବରିଷ୍ଠ ନାଗରିକ ହେବା ବେଳକୁ ଏହି ସଞ୍ଚିତ ଅର୍ଥ ଚକ୍ରବୃଦ୍ଧି ହାରରେ ଆଶାତୀତ ଭାବରେ ବୃଦ୍ଧି ପାଇଥାଏ। ରୋଜଗାରକ୍ଷମ ହେବାର କିଛିବର୍ଷ ପରେ କିମ୍ବା ଅବସର ସମୟ ପାଖେଇ ଆସିଲେ ବୃଦ୍ଧାବସ୍ଥା ଚିନ୍ତା ଅନେକଙ୍କ ମୁଣ୍ଡକୁ ଆସେ। ସେତେବେଳକୁ ବହୁ ସମୟ ଅତିବାହିତ ହୋଇଯାଇଥାଏ। ବୃଦ୍ଧାବସ୍ଥାରେ ଚଳିବା ପାଇଁ ଦରକାର ହେଉଥିବା ପାଣ୍ଠି ଏକଜୁଟ କରିବା କଷ୍ଟ ହୁଏ। ଅଭାବ ହେତୁ ଆର୍ଥିକ ସଙ୍କଟ ଘନେଇ ଆସେ। ଆଜିର ଯୁବା ଆସନ୍ତା କାଲିର ବରିଷ୍ଠ ନାଗରିକ। ବୃଦ୍ଧାବସ୍ଥାରେ ନିଷ୍କ୍ରିୟ ଆୟ ଉପରେ ନିର୍ଭର କରିବାକୁ ହୁଏ। ଏଣୁ ନିଷ୍କ୍ରିୟ ଆୟକୁ ବଢ଼ାଇବାର ପ୍ରସ୍ତୁତି ଓ କାର୍ଯ୍ୟକାରୀ ବହୁପୂର୍ବରୁ ବିଶେଷକରି ଉପାର୍ଜନକ୍ଷମ ହେବା ସଙ୍ଗେ ସଙ୍ଗେ ଆରମ୍ଭ କରିବା ଦରକାର। ଆୟ ସହ ତାଳ ଦେଇ ଆର୍ଥିକ ଯୋଜନା ପ୍ରସ୍ତୁତି, ଏହାର ପରିଚାଳନା ଓ ବିଭିନ୍ନ ପ୍ରକାର ଆୟର ସଦୁପଯୋଗ ଜୀବନରେ ସମୃଦ୍ଧି, ସୁଖ ଓ ଶାନ୍ତି ଆଣିଥାଏ। ●

ପଟ୍ଟଲେଇ(କେନ୍ଦ୍ରାପଡ଼ା)
ମୋ: ୭୩୮୧୦୪୬୪୭୭

## ଆଲୋକ: ପ୍ରଦୂଷଣର ଅନ୍ୟ ଏକ ରୂପ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଅଗ୍ନି ଉଦ୍ଭାବନ ପରେ ବିଦ୍ୟୁତ୍ ବଲ୍‌ବର ଉଦ୍ଭାବନକୁ ମାନବ ସଭ୍ୟତା ବିବର୍ତ୍ତନ କାହାଣୀରେ ସବୁଠାରୁ ବିପ୍ଳବୀ ବୋଲି ବିବେଚନା କରାଯାଏ। ଏହାଦ୍ୱାରା ମଣିଷ ଅନ୍ଧାରକୁ ଜୟ ଏବଂ ରାତିକୁ ଦିନରେ ପରିଣତ କରି କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିଥିଲା। ଆମେ ଏହାକୁ ପ୍ରଗତି ଓ ଆଧୁନିକତା ବୋଲି କହୁଛନ୍ତି। କିନ୍ତୁ ଆଜି ଏହି ବିଜୟ ଆମର ସର୍ବବୃହତ ଜୈବିକ ପରାଜୟର କାରଣ ହେବାକୁ ଯାଉଛି। ସୁବିଧା ପାଇଁ ଆମେ ଯେଉଁ କୃତ୍ରିମ ଆଲୋକ ଉଦ୍ଭାବନ କରିଥିଲୁ ତାହା ଏବେ ଏକ ଅଦୃଶ୍ୟ ବିପଦ ପାଲଟିଛି। ଯାହା ଆମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକୁ, ବିଶେଷକରି ଆମର ହୃଦୟକୁ, ଆକ୍ରମଣ କରୁଛି। ସାମ୍ପ୍ରତିକ ବୈଜ୍ଞାନିକ ଅଧ୍ୟୟନ ଗମ୍ଭୀର ବିପଦ ବିଷୟରେ ଆମକୁ ଚେତାବନୀ ଦେଉଛି। ଏହା କେବଳ ଆଶ୍ଚର୍ଯ୍ୟଜନକ ନୁହେଁ, ବରଂ ଆମର ସମଗ୍ର ଆଧୁନିକ ଜୀବନଶୈଳୀକୁ ପ୍ରଶ୍ନ କରୁଛି। ଏହି ଅନାବଶ୍ୟକ 'ରାତ୍ରିଆଲୋକ' ଆମ ହୃଦୟ ପାଇଁ 'ସ୍ଲୋପଏଜନ୍' ପାଲଟିଛି।

ଆମମଧ୍ୟରୁ ଅଧିକାଂଶ ଏହି ବିପଦ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ। ଆମେ ଆଲୋକକୁ ସୁରକ୍ଷା ଓ ସକାରାତ୍ମକତା ସହିତ ଯୋଡ଼ିଥାଉ ଏବଂ ଅନ୍ଧାରକୁ ଭୟ ସହିତ। ହେଲେ ଜୀବ ବିଜ୍ଞାନ ଦୃଷ୍ଟିକୋଣରୁ ବାସ୍ତବତା ଠିକ୍ ବିପରୀତ। ସାମ୍ପ୍ରତିକ ଗବେଷଣା ନିଶ୍ଚିତ କରିଛି ଯେ ରାତିରେ କୃତ୍ରିମ ଆଲୋକର ସଂସ୍ପର୍ଶରେ ଆସିବା କେବଳ ନିଦକୁ ବାଧା ଦିଏ ନାହିଁ, ବରଂ ଏହା ଜୀବନଘାତକ ହୃଦ୍‌ରୋଗର ଏକ ପ୍ରତ୍ୟକ୍ଷ ଓ ପ୍ରମୁଖ କାରଣ ମଧ୍ୟ। ଏହି ଅଧ୍ୟୟନ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଚେତାବନୀ ଭାବରେ କାର୍ଯ୍ୟ କରେ, ଯେଉଁମାନେ ଭାବନ୍ତି ରାତିରେ ଧୀରଆଲୋକ ଯେପରି ଟିଭି କିମ୍ବା ଫୋନ୍ ବ୍ୟବହାର ସେତେଟା କ୍ଷତିକାରକ ନୁହେଁ।

ପରିସଂଖ୍ୟାନ ଦୃଷ୍ଟିରୁ ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ମନେହୁଏ। ଗବେଷକମାନେ କହିଛନ୍ତି, ରାତିରେ ଅତ୍ୟଧିକ ଉଜ୍ଜ୍ୱଳ କିମ୍ବା ନିରନ୍ତର କୃତ୍ରିମ ଆଲୋକର ସମ୍ମୁଖୀନ ହେଉଥିବା ଲୋକଙ୍କ ହୃଦଘାତର ବିପଦ ଆଶଙ୍କା ୫୬ ପ୍ରତିଶତ ବୃଦ୍ଧି ପାଏ। ଏହାକୁ ଚିକିତ୍ସା ବିଜ୍ଞାନରେ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ। ସେହିପରି ଷ୍ଟ୍ରୋକ୍ କିମ୍ବା ଅନ୍ୟାନ୍ୟ ଜୀବନ-ବିପର୍ଯ୍ୟୟ ଅବସ୍ଥାର ବିପଦ ୩୦ ପ୍ରତିଶତରୁ ଅଧିକ ଥିବା ଜଣାପଡ଼ିଛି। ଏଗୁଡ଼ିକ କେବଳ କାଗଜରେ ଥିବା ସଂଖ୍ୟା ନୁହେଁ, ବରଂ ଅଜ୍ଞତା ଯୋଗୁଁ ଅକାଳରେ ହରାଇଥିବା ଲକ୍ଷ ଲକ୍ଷ ଜୀବନର କାରକ। ଏହି ଗବେଷଣାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ଏହି ବିପଦ ସେମାନଙ୍କ ମଧ୍ୟରେ ମଧ୍ୟ ସମାନ ଭାବରେ ପଡ଼ୁଛି, ଯେଉଁମାନେ ସେମାନଙ୍କ ସ୍ୱାସ୍ଥ୍ୟ ଓ ଶାରୀରିକ କାର୍ଯ୍ୟକଳାପ ପ୍ରତି ଅତ୍ୟନ୍ତ ସତର୍କ ଥିଲେ। ଆମେ ପ୍ରାୟତଃ ଭାବୁଛନ୍ତି ସୁସ୍ଥ ଓ ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ, ଧୂମପାନରୁ ଦୂରରେ ରହିଲେ ଆମର ହୃଦୟ ସମ୍ପୂର୍ଣ୍ଣ ସୁରକ୍ଷିତ ରହେ। କିନ୍ତୁ ଏହି ନୂତନ ଅଧ୍ୟୟନ ଏହି ଧାରଣାକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଦିଏ।

ଆପଣ ସାରା ଦିନ ଯେତେ ପରିଶ୍ରମ କରନ୍ତୁ କିମ୍ବା ଆପଣଙ୍କ ଖାଦ୍ୟ ଯେତେ ପୁଷ୍ଟିକର ହେଉ, ଯଦି ଆପଣ ରାତ୍ରି ଅନ୍ଧାରରେ ବିଶ୍ରାମ ନିଅନ୍ତି ନାହିଁ, ତେବେ ଆପଣଙ୍କ ହୃଦୟ ବିପଦରେ ପଡ଼ିପାରେ। ଏହି ତଥ୍ୟ ସ୍ୱାସ୍ଥ୍ୟ ଜଗତରେ ଏକ ନୂତନ ଉଦାହରଣ ସ୍ଥାପନ କରେ, ଯେଉଁଠାରେ ଅନ୍ଧକାର ବର୍ତ୍ତମାନ ଭିଟାମିନ୍ ଓ ବ୍ୟାୟାମ ପରି ଭଲ ସ୍ୱାସ୍ଥ୍ୟର ଏକ ଅତ୍ୟାବଶ୍ୟକ ସ୍ତମ୍ଭ ପାଲଟିଛି। ଏହି ବିପଦକୁ ବୁଝିବା ପାଇଁ ଆମକୁ ମାନବ ଶରୀରର ବିବର୍ତ୍ତନ ଇତିହାସ ଏବଂ ଜୈବିକ ଗଠନକୁ ବୁଝିବାକୁ ପଡ଼ିବ।

ଲକ୍ଷ ଲକ୍ଷ ବର୍ଷ ଧରି ମାନବ ଶରୀର ପୃଥିବୀର ଘୂର୍ଣ୍ଣନ, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ପ୍ରାକୃତିକଚକ୍ର ସହିତ ସମନ୍ୱୟରେ ବିକଶିତ ହୋଇଛି। ଆମର ପୂର୍ବପୁରୁଷମାନେ ଦିବାଲୋକରେ ଶିକାର କରିବା ସହ ଅନ୍ୟାନ୍ୟ କାର୍ଯ୍ୟକଳାପ କରୁଥିଲେ ଏବଂ ରାତିର ଅନ୍ଧକାରରେ ବିଶ୍ରାମ ନେଉଥିଲେ। ଲକ୍ଷ ଲକ୍ଷ ବର୍ଷ ଧରି ଚାଲିଥିବା ଏହି ପ୍ରକ୍ରିୟା ଆମ ଡିଏନ୍‌ଏ ରେ ଏକ ଜୈବିକ ଘଣ୍ଟା ସ୍ଥାପିତ କରିଛି। ସୂର୍ଯ୍ୟ ଅସ୍ତ ହେବା ପରେ ଆମର ମସ୍ତିଷ୍କ ଆଖିର ରେଟିନା ମାଧ୍ୟମରେ ଏକ ବାର୍ତ୍ତା ପାଏ ଯେ କାମ କରିବା ବନ୍ଦ କରିବା ଏବଂ ବିଶ୍ରାମ ନେବାର ସମୟ ଆସିଛି। ଏହି ବାର୍ତ୍ତା ପାଇବା ପରେ ଆମର ମସ୍ତିଷ୍କ ପାଇନିଆଲ୍ ଗ୍ରନ୍ଥି ମାଧ୍ୟମରେ ମେଲାଟୋନିନ୍ ନାମକ ଏକ ବିଶେଷ ହରମୋନ୍ ଉତ୍ପାଦନ କରିବା ଆରମ୍ଭ କରେ। ମେଲାଟୋନିନ୍‌କୁ ପ୍ରାୟତଃ ନିଦ୍ରା ହରମୋନ୍ ଭାବରେ ଚିନ୍ତା କରାଯାଏ। ବାସ୍ତବରେ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ। ରାତିରେ ଯେତେବେଳେ ମେଲାଟୋନିନ୍ କ୍ଷରଣ ହୁଏ, ଏହା ଆମ ଶରୀରର ତାପମାତ୍ରାକୁ ସାମାନ୍ୟ ହ୍ରାସ କରେ, ଆମର ରକ୍ତଚାପକୁ ନିୟନ୍ତ୍ରଣ ଏବଂ ଆମର ହୃଦସ୍ପନ୍ଦନକୁ ଧୀର ଓ ସ୍ଥିର କରେ।

ଦିନସାରା ବ୍ୟସ୍ତବହୁଳ କାର୍ଯ୍ୟସୂଚୀ, ଚାପ ଓ ପ୍ରଦୂଷଣ ଯୋଗୁଁ ଆମର ରକ୍ତବାହୀ ନଳୀ ଓ ହୃଦୟ ମାଂସପେଶୀରେ ହେଉଥିବା ଅଣୁ କ୍ଷୟ ଏହି ଅନ୍ଧାର ସମୟରେ ମେଲାଟୋନିନ୍ ତତ୍ତ୍ୱାବଧାନରେ ମରାମତି କରାଯାଏ। ଏହା ଏକ ପ୍ରାକୃତିକ ମରାମତି ପ୍ରଣାଳୀ, ଯାହା ଆମ ଶରୀରକୁ ପରଦିନ ପାଇଁ ସତେଜ କରିଥାଏ। ସହରୀକରଣ ଏହି ସମସ୍ୟାକୁ ଅଣଦେଖା କରିଛି। ଆମେ ଏପରି ସହରରେ ରହୁଛନ୍ତି ଯେଉଁଠାରେ ନିରନ୍ତର ଆଲୋକିତ। ଏହାକୁ ଆଲୋକ ପ୍ରଦୂଷଣ କୁହାଯାଏ। ପୂର୍ବରୁ ପ୍ରଦୂଷଣର ଅର୍ଥ କେବଳ ବାୟୁ କିମ୍ବା ଜଳ ପ୍ରଦୂଷଣକୁ ବୁଝାଉଥିଲା। କିନ୍ତୁ ବର୍ତ୍ତମାନ ଆଲୋକ ମଧ୍ୟ ପ୍ରଦୂଷଣର ଏକ ରୂପ ହୋଇଗଲାଣି, ଯାହା ପ୍ରତିଦିନ ଆମର ସ୍ୱାସ୍ଥ୍ୟକୁ ନଷ୍ଟ କରେ। ବୈଜ୍ଞାନିକମାନେ ଏବେ ଗୁରୁତ୍ୱ ଦେଉଛନ୍ତି ଯେ ରାତିର ଆଲୋକ ମଧୁମେହ ଓ ସ୍ଥୂଳକାୟ ପରି ମେଟାବୋଲିକ୍ ସମସ୍ୟାରେ ଯୋଗଦାନ କରେ, ଯାହା ଫଳରେ ହୃଦରୋଗ ହୁଏ।

ଏହି ଗମ୍ଭୀର ବିପଦକୁ ଏଡ଼ାଇବା ସମ୍ପୂର୍ଣ୍ଣ ଆମ ହାତରେ। ପ୍ରଥମେ, ଆମ ଶୟନ କକ୍ଷରେ ଅନ୍ଧାରକୁ ପ୍ରାଥମିକତା ଦେବା ଉଚିତ। ନିଶ୍ଚିତ କରନ୍ତୁ ଯେ କୌଣସି ଉତ୍ସରୁ ଆଲୋକ ଯେପରି କୋଠରିରେ ପ୍ରବେଶ ନ କରେ। ଶୋଇବା ସମୟର ଅତିକମରେ ଗୋଟିଏ ଘଣ୍ଟା ପୂର୍ବରୁ ମୋବାଇଲ୍ ଫୋନ୍, ଲାପଟପ୍, ଟାବଲେଟ୍ ଓ ଟେଲିଭିଜନ ବନ୍ଦ କରନ୍ତୁ। ଏହି ଉପକରଣଗୁଡ଼ିକରୁ ନିର୍ଗତ ନୀଳ ଆଲୋକ ମେଲାଟୋନିନ୍ ହରମୋନ୍ ଉତ୍ପାଦନକୁ ବାଧା ଦେବାରେ ଏକ ପ୍ରମୁଖ କାରଣ। ପ୍ରକୃତରେ ରାତିର ଅନ୍ଧାର କେବଳ ଏକ ପ୍ରାକୃତିକ ଘଟଣା ନୁହେଁ, ବରଂ ଆମ ଶରୀର ଓ ହୃଦୟ ପାଇଁ ଅତ୍ୟାବଶ୍ୟକ। ଆମେ ନିଜର ସୁବିଧା ପାଇଁ ଏହି ଅନ୍ଧାର ଉପରେ ଯେଉଁ ଆଲୋକ ଲଦିଥାଉ ତାହା ଆମ ଜୀବନକୁ ଛୋଟ କରିପାରେ। ଆମ ହୃଦୟକୁ ସୁସ୍ଥ ରଖିବା ପାଇଁ ପ୍ରାକୃତିକ ରାତି ସହିତ ପୁନଃଅନୁକୂଳ ହେବାକୁ ପଡ଼ିବ। ଏହି ଛୋଟ ପରିବର୍ତ୍ତନ ଆମ ହୃଦୟକୁ ଦୀର୍ଘ ଓ ସୁସ୍ଥ ଜୀବନ ବଞ୍ଚିବାର ସୁଯୋଗ ଦେବ। ଯେତେବେଳେ ବାହାରେ ଆଲୋକ ଲିଭେ, ସେତେବେଳେ ହିଁ ଜୀବନର ଶିଖା ଆମ ଭିତରେ ଜଳେ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ମହାପ୍ରଭୁଙ୍କ ରତ୍ନହାରର ହୀରା

**ସ୍ୱପ୍ନେଶ୍ୱର**

### ଲୋକକଥାରେ ଲୋକଦେବତା

ମଧ୍ୟଭାରତରେ ସୈନ୍ୟବଡ଼ ନାମକ ଏକ ଛୋଟ ରାଜ୍ୟ ଥିଲା। ରାଜା ଦୀନ ସଲାହ ସିଂହ ଦୁର୍ବଳ ଥିଲେ ମଧ୍ୟ ସେନାପତି ଦାୟିତ୍ୱରେ ଥିବା ତାଙ୍କ ପୁତୁରା ଅଙ୍ଗଦ ସିଂହଙ୍କ ପରାକ୍ରମ ଓ ଯୁଦ୍ଧ କୌଶଳରେ ଭୟଭୀତ ହୋଇ ପଡ଼ୋଶୀ ରାଜ୍ୟମାନେ ସୈନ୍ୟବଡ଼ ଉପରେ ଆକ୍ରମଣ କରୁ ନ ଥିଲେ। କିନ୍ତୁ ନିଜର ବଳ ଓ ପରାକ୍ରମକୁ ନେଇ ଅଙ୍ଗଦଙ୍କ ମନରେ ବହୁତ ଗର୍ବ ଥିଲା। ସେ ବିଳାସ, ବ୍ୟସନ, ଖେଳ, କୌତୁକ ଓ ମୃଗୟାରେ ଅନେକ ସମୟ ଅତିବାହିତ କରୁଥିଲେ। ପ୍ରଜାମାନେ ତାଙ୍କ ଦ୍ୱାରା ଅତ୍ୟାଚାରିତ ହେଉ ଥିଲେ ମଧ୍ୟ ପ୍ରତିବାଦ କରିବା ପାଇଁ ସାହସ କରୁ ନ ଥିଲେ। ସମୟକ୍ରମେ ରାଜା ଜଣେ ସର୍ବଗୁଣସଂପନ୍ନା ସୁନ୍ଦରୀ କନ୍ୟା ସହ ଅଙ୍ଗଦଙ୍କ ବିବାହ କରାଇ ଦେଲେ। କନ୍ୟାଟି ଧର୍ମ ପରାୟଣା ଓ ସାଧ୍ୱୀ ପ୍ରକୃତିର ଥିଲେ। ସେ ମନଧ୍ୟାନ ଦେଇ ସ୍ୱାମୀଙ୍କର ସେବାଯତ୍ନ କରୁଥିଲେ ଏବଂ ବାକି ସମୟ ଭଗବତ ଆରାଧନା ଓ ସାଧୁସନ୍ଥଙ୍କର ସେବାରେ ଅତିବାହିତ କରୁଥିଲେ।

ଦିନେ ଅଙ୍ଗଦ ଘରକୁ ଆସି ଦେଖିଲେ ଯେ ତାଙ୍କ ବଂଶର କୁଳଗୁରୁ ଅଗଣାରେ ତାଙ୍କ ପତ୍ନୀଙ୍କୁ ପ୍ରବଚନ ଦେଉଥିଲେ। ପ୍ରବଚନ ଶୁଣିବାରେ ମଗ୍ନ ଥିବାରୁ ଅଙ୍ଗଦ ଘରକୁ ଆସିବା କଥା ପତ୍ନୀ ଲକ୍ଷ୍ୟ କରି ପାରି ନ ଥିଲେ। ଏହା ଦେଖି ଅଙ୍ଗଦ ରାଗୀ ଯାଇ ଘର ଭିତରକୁ ଚାଲିଗଲେ। ଅଙ୍ଗଦଙ୍କର ଏ ପ୍ରକାର ହାବଭାବ ଗୁରୁଙ୍କ ଦୃଷ୍ଟିରେ ପଡ଼ିଲା। ସେ ସଂଗେସଂଗେ ସେ ସ୍ଥାନ ତ୍ୟାଗ କଲେ। ଧର୍ମ ପରାୟଣା ଅଙ୍ଗଦଙ୍କ ପତ୍ନୀ ଏ ଘଟଣା ଦେଖି ଦୁଃଖରେ ମୂର୍ଚ୍ଛା ଗଲେ। ଚେତନା ଫେରିବା ପରେ ସେ ଅଙ୍ଗଦଙ୍କୁ ଗୁରୁଙ୍କ ପ୍ରତି ଅସତ୍ ଆଚରଣ ଶାସ୍ତ୍ରବିରୋଧୀ ବୋଲି କହିଲେ। ଏ କଥା ଅଙ୍ଗଦଙ୍କୁ ଗଭୀର ପ୍ରଭାବିତ କଲା। ସେ ସ୍ତ୍ରୀ ସହ ସତ୍‌ମାର୍ଗରେ ସହଯାତ୍ରୀ ହେବା ପାଇଁ ସଙ୍କଳ୍ପ କଲେ। ରାଜପ୍ରଦତ୍ତ ସମସ୍ତ ବିଳାସବ୍ୟସନ ତ୍ୟାଗ କରି ସାତ୍ତ୍ୱିକ, ସାଧୁ ଓ ପରୋପକାରୀର ଜୀବନଯାପନ କଲେ। ଈଶ୍ୱର ଆରାଧନା, ଧ୍ୟାନ, ତପ ଓ ତୀର୍ଥାଟନରେ ଅଧିକ ଧ୍ୟାନ ଦେଲେ। ତୀର୍ଥଭ୍ରମଣ ସମୟରେ ସେ ଶୁଣିବାକୁ ପାଇଲେ ଯେ ଉତ୍କଳ ଦେଶର ନୀଳାଚଳରେ ସ୍ୱୟଂ ପରଂବ୍ରହ୍ମ ଦାରୁ ସ୍ୱରୂପରେ ବିରାଜମାନ କରି ଦର୍ଶନମାତ୍ରେ ସମସ୍ତ ପାପରୁ ମୁକ୍ତି ପ୍ରଦାନ କରୁଛନ୍ତି। ସମୟକ୍ରମେ ସେ ମହାପ୍ରଭୁଙ୍କର ଜଣେ ସମର୍ପିତ ଭକ୍ତ ହୋଇଗଲେ।

ଇତିମଧ୍ୟରେ ଦିଲ୍ଲୀର ଯବନ ସମ୍ରାଟ ସୈନ୍ୟଗଡ଼ ଆକ୍ରମଣ କଲେ। ସଲାହ ସିଂହ ଅଙ୍ଗଦଙ୍କ ସହାୟତା ଲୋଡ଼ିଲେ। ମାତୃଭୂମିର ସୁରକ୍ଷା ପାଇଁ ଅଙ୍ଗଦ ପୁଣି ଯୁଦ୍ଧ କଲେ ଏବଂ ଜୟଲାଭ କରି ବିଜୟର ସ୍ମାରକୀରୂପେ ଦିଲ୍ଲୀ ସମ୍ରାଟଙ୍କ ମୁକୁଟ ନେଇଆସିଲେ। ବିଜୟ ଭେଟିସ୍ୱରୂପ ମୁକୁଟଟିକୁ ରାଜାଙ୍କୁ ଦେବାକୁ ଗଲା ବେଳେ ସେଥିରେ ଲାଗିଥିବା ଏକ ଅମୂଲ୍ୟ ହୀରା ଉପରେ ଅଙ୍ଗଦଙ୍କର ଆଖି ପଡ଼ିଲା। ସେ ଭାବିଲେ ଯେ ଏହି ହୀରା କେବଳ ମହାପ୍ରଭୁ ଧାରଣ କରିବା ଉଚିତ ହେବ। ତେଣୁ ହୀରାଟିକୁ ବାହାର କରି ନିଜ ପାଖରେ ରଖିଲେ ଏବଂ ମୁକୁଟ ରାଜାଙ୍କୁ ପ୍ରଦାନ କଲେ। ବଳ ପ୍ରୟୋଗ କରି ହୀରା ହାସଲ କରିବାର ସାହସ ସଲାହ ସିଂହଙ୍କର ନ ଥିଲା। ତେଣୁ ସେ ଛଳରେ ଅଙ୍ଗଦଙ୍କୁ ହତ୍ୟା କରି ହୀରା ହାସଲ କରିବାକୁ ଯୋଜନା କଲେ। ଏ କାମ ପାଇଁ ରାଜା ଅଙ୍ଗଦଙ୍କ ଭଉଣୀକୁ ନିୟୋଜିତ କଲେ। ଭଉଣୀ ରାଜାଜ୍ଞା ପାଳନ କରି ଭାଇର ଖାଦ୍ୟରେ ବିଷ ମିଶେଇ ଦେଲେ। ଅଙ୍ଗଦ ଖାଦ୍ୟକୁ ମହାପ୍ରଭୁଙ୍କୁ ସମର୍ପଣ କରି ଖାଇବାକୁ ଯାଉଥିବା ବେଳେ ଭଉଣୀର ମନରେ ହଠାତ୍ ପରିବର୍ତ୍ତନ ଆସିଲା। ସେ ସବୁ କଥା କହି ନ ଖାଇବା ପାଇଁ ଅନୁରୋଧ କଲେ। ଅଙ୍ଗଦ କହିଲେ, 'ଏ ଭୋଜନ ମହାପ୍ରଭୁଙ୍କୁ ସମର୍ପିତ। ତେଣୁ ଏହା ମହାପ୍ରସାଦ। ମହାପ୍ରସାଦର ଅବମାନନା ମୁଁ କରିବି ନାହିଁ।' ମହାପ୍ରଭୁଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଓ ବିଶ୍ୱାସ ଯୋଗୁଁ ବିଷମିଶା ଖାଦ୍ୟ ଅଙ୍ଗଦଙ୍କ ଉପରେ କୌଣସି ପ୍ରଭାବ ପକାଇପାରିଲା ନାହିଁ।

ଏହି ଘଟଣା ପରେ ଅଙ୍ଗଦ ରାଜ୍ୟ ତ୍ୟାଗ କରି ସସ୍ତ୍ରୀକ ହୀରା ସହ ନୀଳାଚଳ ଯାତ୍ରା କଲେ। ସଲାହ ସିଂହ ରାସ୍ତାରେ ଅଙ୍ଗଦଙ୍କୁ ହତ୍ୟା କରି ହୀରା ହାସଲ କରିବା ପାଇଁ ସୈନିକଙ୍କୁ ପଠେଇଲେ। ନିରସ୍ତ୍ର ଅଙ୍ଗଦ ସେମାନଙ୍କ ସହ ଦ୍ୱନ୍ଦ୍ୱ ନ କରି ହୀରାଟିକୁ କୌଶଳକ୍ରମେ ଏକ ପୋଖରୀକୁ ଫିଙ୍ଗି ଦେଇ ପ୍ରାର୍ଥନା କଲେ, 'ମହାପ୍ରଭୁ ବଳୀଆର ଭୁଜ! ତୁମକୁ ସମର୍ପିତ ହୀରାକୁ ରକ୍ଷା କରିବାରେ ମୁଁ ଅସମର୍ଥ। ତୁମ ପଦାର୍ଥ ତୁମେ ରକ୍ଷାକର।' ମହାପ୍ରଭୁ ପ୍ରଲମ୍ବିତ ହାତ ବଢ଼େଇ ହୀରାଟିକୁ ନେଇ ନିଜ ରତ୍ନହାରରେ ଲଗେଇ ହାରଟିକୁ ଗଳାରେ ପକେଇଲେ। ହୀରା ନ ପାଇବାରୁ ସୈନିକମାନେ ଅଙ୍ଗଦଙ୍କୁ ଛାଡ଼ିଦେଲେ। ଅଙ୍ଗଦ ନୀଳାଚଳ ଚାଲିଗଲେ। ପ୍ରଥମ ଦିନ ମହାପ୍ରଭୁଙ୍କୁ ଦର୍ଶନ କଲା ବେଳେ ସେ ଦେଖିଲେ ମହାପ୍ରଭୁ ସେହି ମହାର୍ଘ ହୀରା ଖଚିତ ହାର ଗଳାରେ ପନ୍ଧି ମନ୍ଦମନ୍ଦ ହସୁଥିଲେ। ସେ ମହାପ୍ରଭୁଙ୍କୁ ପ୍ରଣାମ କରି ବାକି ଜୀବନ ତାଙ୍କ ସେବାରେ ଅତିବାହିତ କରିବାର ସଙ୍କଳ୍ପ ନେଲେ। କୁହାଯାଏ ଯେ ଆଜି ମଧ୍ୟ ସେ ହୀରା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ମଣ୍ଡନ କରୁଛି। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲା

# ୬ ପରୀକ୍ଷାର୍ଥୀଙ୍କୁ ସିବିଆଇର ଜେରା

ଭୁବନେଶ୍ୱର,୧୦।୧(ସମିସ): ଏସ୍ଆଇ ଚାକିରି ବିକ୍ରି ମାମଲାରେ ହାଜର ହେବା ପାଇଁ ନୋଟିସ ହୋଇଥିବା ୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମଙ୍ଗଳବାର ସିବିଆଇ ନିକଟରେ ହାଜର ହୋଇଛନ୍ତି ୬ପରୀକ୍ଷାର୍ଥୀ। ଏମାନଙ୍କୁ ସିବିଆଇ ପରୀକ୍ଷା ପରିଚାଳନା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଜେରା କରିଛି। ମାର୍ଚ୍ଚ ଏବଂ ଅକ୍ଟୋବର ମାସରୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର କିଏ ପ୍ରଶ୍ନପତ୍ର ଯୋଗାଉଥିଲା?

### ଜଣାପଡ଼ିଲା ଓପିଆର୍‌ବି-ସିଲିକନ୍-ପଞ୍ଚସଫ୍ଟ ମହାମେଣ୍ଟ

ଚାକିରି ଡିଲ୍‌ରେ କିଏ ସାମିଲ ଥିଲା? ଓପିଆର୍‌ବିରେ କାହାର ସମ୍ପୃକ୍ତି ରହିଛି ସେ ସମ୍ପର୍କରେ ପ୍ରଶ୍ନ କରାଯାଇଛି। ଜେରା ବେଳେ ଏମାନ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସିବିଆଇକୁ ମିଳିଥିବା ଜଣାପଡ଼ିଛି। ଓପିଆର୍‌ବିର କିଛି କର୍ମଚାରୀ, ସିଲିକନ୍ ଏବଂ ଶଙ୍କର ପୃଷ୍ଟି ଏବଂ ପରୀକ୍ଷାର୍ଥୀଙ୍କ ମଧ୍ୟରେ ସିଧାସଳଖ ଲିଙ୍କ୍ ରହିଥିବା ନେଇ ସିବିଆଇ ଜାଣିବାକୁ ପାଇଛି। ପରୀକ୍ଷା ପୂର୍ବରୁ ସେମାନଙ୍କୁ କିଭଳି ପ୍ରଶ୍ନପତ୍ର ମିଳି ଯାଉଥିଲା ସେନେଇ ଖୋଳତାଡ ଜାରି ରହିଛି। ତେବେ ନିର୍ଦ୍ଦିଷ୍ଟ ଭାବରେ ସିବିଆଇ ହାତରେ କେଉଁ ପ୍ରମାଣ ଲାଗିଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ

# ଖୋଲୁନି ଓଏସ୍ଏସ୍‌ସି ୱେବସାଇଟ୍

## ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲେ ଆଶାୟୀ

ଭୁବନେଶ୍ୱର, ୧୩।୧(ସମିସ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍‌ସି) ପକ୍ଷରୁ ୧୫୭୬ ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ଆବେଦନ କରିବାକୁ ଆଶାୟୀମାନେ ନାକେଦମ୍ ହେଲେଣି। ୱେବସାଇଟ୍ ଧିମେଇଧିମେଇ ଖୋଲୁଥିବାରୁ ଆବେଦନ ହୋଇପାରୁନାହିଁ। ଏପରିକି, ପରୀକ୍ଷା ଫି' ଦାଖଲ ସମୟରେ ୱେବସାଇଟ୍ ମାତ୍ରାଧିକ ଧିମା ହେଉଥିବାରୁ ଟଙ୍କା କଟିଯାଉଥିଲେ ମଧ୍ୟ ଫି' ଦାଖଲ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଉନାହିଁ। ବିଭିନ୍ନ ବୈଷୟିକ ସମସ୍ୟାକୁ ସମାଧାନ କରିବା ସହ ଆବେଦନ ଅବଧି ବଢ଼ାଇବାକୁ ଆଶାୟୀମାନେ ମୁଖ୍ୟମନ୍ତ୍ରୀଙ୍କ ସମେତ ମୁଖ୍ୟ ସଚିବ ଓ ଓଏସ୍ଏସ୍‌ସି କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ସିଜିଏଲ୍ ଆବେଦନ ପ୍ରକ୍ରିୟା ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୧ ତାରିଖରେ ସରିବ।

## ଦୁର୍ଘଟଣା ପରେ ଚେତିଲେ ସରକାର

# ବିନା ତାରପୋଲିନ୍‌ରେ ବାଲି ପରିବହନ କଲେ ଗାଡ଼ି ଜବତ

**ପରିବହନ କମିସନରଙ୍କ ପକ୍ଷରୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ**

କଟକ, ୧୩।୧(ସମିସ): ପରିବହନ ବେଳେ ବାଲି ବୋଝେଇ ଟ୍ରକ୍, ଟିପର ଏବଂ ଟ୍ରାକ୍ଟରରୁ ବାଲି ଖସି ରାସ୍ତା ଉପରେ ଜମା ହେଉଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବିଳମ୍ବରେ ହେଲେ ହେଁ ଏହି ପ୍ରସଙ୍ଗରେ ଏବେ ସରକାରଙ୍କ ଚେତା ପଶିଛି। ବାଲି ପରିବହନ ନେଇ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ପକ୍ଷରୁ ଏକ ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏହି ମର୍ମରେ ରାଜ୍ୟର ସମସ୍ତ ଆରଟିଓମାନଙ୍କୁ ଚିଠି ଲେଖି କଡ଼ାକଡ଼ି ଏନ୍‌ଫୋର୍ସମେଣ୍ଟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ କମିସନର ଅମିତାଭ ଠାକୁର। ବିଶେଷକରି ବାଲି ବୋଝେଇ ଗାଡ଼ିଗୁଡ଼ିକ ପରିବହନ ବେଳେ ତାରପୋଲିନ ଘୋଡ଼ାଇବା ବାଧ୍ୟତାମୂଳକ କରାଯାଇଛି। ଏହା ନକରି ବାଲି ପରିବହନ କରୁଥିବା ଗାଡ଼ି ଜବତ କରାଯିବା ସହ ଚାଲାଣ କଟାଯିବ ବୋଲି ନିର୍ଦ୍ଦେଶ ରହିଛି। ରାସ୍ତାରେ ବାଲି ପଡ଼ି ହେଉଥିବା ଦୁର୍ଘଟଣାକୁ ରୋକିବା ପାଇଁ ଏଭଳି କଡ଼ା ପଦକ୍ଷେପ ନେଇଛି ପରିବହନ ବିଭାଗ।

ବାଲି ବୋଝେଇ ଗାଡ଼ିଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ତାରପୋଲିନ୍ କିମ୍ବା ଏଚଡିପିଇ କଭର ଦ୍ୱାରା ଢାଙ୍କି ହୋଇ ରହିବା ଆବଶ୍ୟକ ଏବଂ ଏହାକୁ ଚାରିଆଡୁ ଭଲ ଭାବରେ ବନ୍ଧାଯିବା ଜରୁରୀ। ଗାଡ଼ିର ସମସ୍ତ ପାର୍ଶ୍ୱ ବୋର୍ଡଗୁଡ଼ିକ ସଠିକ୍ ଭାବରେ ଲକ୍ ହୋଇ ରହିବା ଉଚିତ। ଏଥିସହିତ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ବାଲି ବୋଝେଇ କରିବା ମଧ୍ୟ ନିଷେଧ କରାଯାଇଛି। ଯଦି କୌଣସି ଗାଡ଼ି ଖୋଲା କିମ୍ବା ଆଂଶିକ ଭାବେ ଢଙ୍କା ହୋଇ ଯାତାୟାତ କରୁଥିବା ମିଳେ, ତାହାକୁ ଅସୁରକ୍ଷିତ ପରିବହନ ଭାବେ ବିଚାର କରାଯିବ। ଏଭଳି କ୍ଷେତ୍ରରେ ତୁରନ୍ତ ଇ-ଚାଲାଣ କଟାଯିବା ସହ ଆବଶ୍ୟକସ୍ଥଳେ ଗାଡ଼ିକୁ ଜବତ କରାଯିବ ବୋଲି କୁହାଯାଇଛି। ଆରଟିଓ ଏବଂ ପୁଲିସ୍ ପକ୍ଷରୁ ମିଳିତ ଭାବେ ବାଲି ଘାଟ, ଜାତୀୟ ରାଜପଥ ଏବଂ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ନିୟମିତ ଯାଞ୍ଚ କରାଯିବ। ବିଶେଷକରି ଟ୍ରାକ୍ଟର ଏବଂ ଟିପର ଗୁଡ଼ିକ ଉପରେ ଅଧିକ ନଜର ରଖାଯିବ।

କେନ୍ଦ୍ରୀୟ ମୋଟର ଯାନ ନିୟମ ୧୯୮୯ ଅନୁଯାୟୀ ଖୋଲା ଗାଡ଼ିରେ ଯେକୌଣସି ସାମଗ୍ରୀ ନେବା ସମୟରେ ତାକୁ ଘୋଡ଼ାଇବା ବାଧ୍ୟତାମୂଳକ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କମିସନରଙ୍କ ପକ୍ଷରୁ ଲଘୁ ଖଣିଜ ନିର୍ଦ୍ଦେଶକଙ୍କୁ ଏକ ପତ୍ର ଲେଖାଯାଇ ବାଲିଘାଟ ସ୍ତରରେ ହିଁ କଡ଼ା ପ୍ରତିବନ୍ଧକ ଲଗାଇବାକୁ କହିଛନ୍ତି। ବାଲିଘାଟରୁ କୌଣସି ବି ଗାଡ଼ି ବାଲି ଲୋଡ୍ କରି ବାହାରିବା ପୂର୍ବରୁ ତାହାକୁ ସମ୍ପୂର୍ଣ୍ଣ ରୂପେ ତାରପୋଲିନ ଘୋଡ଼ାଇବା ବାଧ୍ୟତାମୂଳକ। ଯଦି ବାଲିଗାଡ଼ି ସଠିକ୍ ଭାବେ ପଲିଥିନ ବା ତାରପୋଲିନରେ ଢଙ୍କା ନଯାଏ, ତେବେ ସେହି ଗାଡ଼ିକୁ ଘାଟରୁ ବାହାରକୁ ଛଡ଼ାନଯିବା ସୁନିଶ୍ଚିତ କରିବାକୁ ଉକ୍ତ ଚିଠିରେ ଉଲ୍ଲେଖ ରହିଛି। କୌଣସି ଲିଜ୍‌ଧାରୀ କିମ୍ବା ଅପରେଟର୍ ବାରମ୍ବାର ଏହି ନିୟମ ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କ ଲିଜ୍ କିମ୍ବା ଅନୁମତିପତ୍ର ରଦ୍ଦ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଲଘୁ ଖଣିଜ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବାଲିଘାଟରୁ ବାହାରୁଥିବା ଗାଡ଼ିଗୁଡ଼ିକର ଯାଞ୍ଚ ପାଇଁ ଯେଉଁ ସ୍ଥାନରେ ସିସିଟିଭି କ୍ୟାମେରା ଅଛି, ସେଠାରେ ଗାଡ଼ିଗୁଡ଼ିକ ଢାଙ୍କି ହୋଇ ବାହାରୁଛି କି ନାହିଁ ତାହାର ଭିଡିଓ ରେକର୍ଡିଂ କରାଯିବା ପାଇଁ ପରିବହନ ବିଭାଗ ପ୍ରସ୍ତାବ ଦେଇଛି।

## ଫେରିଲା ଶୀତ

# ଶିମିଳିପାଳରେ ପୁଣି ୧ ଡିଗ୍ରୀ

ବାରିପଦା, ୧୩।୧(ସମିସ): ପୁଣି ଶୀତ ଫେରିଛି। ଗତ ୨୪ ଘଣ୍ଟା ମଧ୍ୟରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟର ଉପରବାରାହାକାମୁଡା (ୟୁବିକେ)ରେ ସର୍ବନିମ୍ନ ତାପମାତ୍ରା ୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ୟୁବିକେରେ ସର୍ବନିମ୍ନ ତାପମାତ୍ରା ଶୁକ୍ରବାର ଓ ଶନିବାର ବିୟୁକ୍ତ ୧ଡିଗ୍ରୀ ଥିବା ବେଳେ ଆକାଶ ମେଘାଛନ୍ନ ପାଇଁ ରବିବାର ୭ ଡିଗ୍ରୀ ଓ ସୋମବାର ୩ ଡିଗ୍ରୀ ସର୍ବନିମ୍ନ



ତାପମାତ୍ରା ରେକର୍ଡ କରାଯାଇଥିଲା। ଏବେ ତୀବ୍ର ଶୀତଲହରୀ ଜାରି ରହିଛି। ଆଜି ସକାଳେ ବିଭିନ୍ନ ରେଞ୍ଜରେ ରେକର୍ଡ କରାଯାଇଥିବା ତାପମାତ୍ରା ବେଶ୍ କମ୍ ରହିଛି। ଗତ ୨୪ ଘଣ୍ଟାରେ ଗୁଡଗୁଡିଆରେ ୩ ଡିଗ୍ରୀ, ବରେହିପାଣିରେ ୬ ଡିଗ୍ରୀ, ଚହଲାରେ ୮ ଡିଗ୍ରୀ, ରାମତୀର୍ଥରେ ୧୧ ଡିଗ୍ରୀ, କିଆଝରି ଓ ସାତକୋଶିଆରେ ୧୧ଡିଗ୍ରୀ ସେଲିସିୟସ ସର୍ବନିମ୍ନ ତାପମାତ୍ରା ରହିଥିଲା। ହାଡ଼ଭଙ୍ଗା ଶୀତକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

## ଅତିରିକ୍ତ ସୁରକ୍ଷା ଜମା ଓ ସ୍ମାର୍ଟ ମିଟର ସ୍ଥାପନ ନିଷ୍ପତ୍ତିକୁ ଚାଲେଞ୍ଜ

# ଟାଟା ପାୱାର ଓ ଓଇଆରସିକୁ ହାଇକୋର୍ଟଙ୍କ ଜବାବତଲବ

କଟକ,୧୩।୧(ସମିସ): ଓଡ଼ିଶାରେ ବିଦ୍ୟୁତ୍ ଗ୍ରାହକଙ୍କ ଉପରେ ଲଦି ଦିଆଯାଇଥିବା ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଏବଂ ସ୍ମାର୍ଟ ମିଟର ସ୍ଥାପନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ରୁଜୁ ଜନସ୍ୱାର୍ଥ ମାମଲାକୁ ବିଚାର ପାଇଁ ଗ୍ରହଣ କରିବା ସହ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି ଓଡ଼ିଶା ହାଇକୋର୍ଟ। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ପ୍ରତିପକ୍ଷ ବିଜୁଳି ବିତରଣ କମ୍ପାନୀ ଟାଟା ପାୱାର, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)କୁ ଜବାବ ଦାଖଲ ପାଇଁ କହିଛନ୍ତି ଅଦାଲତ। ସାମାଜିକ ସଂଗଠନ ଇଏସ୍ ଅଫ୍ କଟକର ସଭାପତି ସିଦ୍ଧାର୍ଥ ମହାନ୍ତି ଏବଂ ସମ୍ପାଦକ ସୌମ୍ୟଦୀପ ଘୋଷଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରି୧୭କୁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ, ଟାଟାପାୱାର ୨୦୧୮ରୁ ୨୦୨୫ ମଧ୍ୟରେ ଗ୍ରାହକଙ୍କଠାରୁ ପ୍ରାୟ ୭,୨୧୫କୋଟି ଟଙ୍କାର ଅଧିକ ଶୁଳ୍କ ଆଦାୟ କରି ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ କରି ରଖିଛି। ରାଜ୍ୟରେ ଗତ ଚାରି ବର୍ଷ ହେବ ବିଦ୍ୟୁତ୍ ଦର ବୃଦ୍ଧି ହୋଇନଥିବା ବେଳେ ଗ୍ରାହକଙ୍କ ଉପରେ ଟାଟା ପାୱାର ପକ୍ଷରୁ ଏହି ଅତିରିକ୍ତ ସୁରକ୍ଷା ଜମା ନାଁରେ ବୋଝ ଲଦି ଦିଆଯାଇଛି। ସେହିଭଳି ରାଜ୍ୟରେ ସ୍ମାର୍ଟମିଟର ସ୍ଥାପନ ନିଷ୍ପତ୍ତିକୁ ମଧ୍ୟ ବିରୋଧ କରାଯାଇଛି। ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବେଆଇନ ଓ ସମ୍ବିଧାନବିରୋଧୀ ବୋଲି ଦର୍ଶାଯାଇଛି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ସଚିବ, ଓଇଆଇଆରସି ସଚିବ ଏବଂ ଟିପିସିଓଡିଏଲର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବୁଲା କୁକୁର କାମୁଡ଼ିଲେ....

ନିୟମ ପାଳନ ହେଉ ବୋଲି କୋର୍ଟ ଚାହୁଁଛନ୍ତି। ଆବଶ୍ୟକୀୟ ପଦକ୍ଷେପ ନେଉ ନ ଥିବାରୁ ପ୍ରତ୍ୟେକ କୁକୁର କାମୁଡ଼ା ଏବଂ ମୃତ୍ୟୁ ପାଇଁ ଭାରି କ୍ଷତିପୂରଣ ଧାର୍ଯ୍ୟ କରାଯିବ। ଖଣ୍ଡପୀଠ କହିଥିଲେ ଯେ କୁକୁରଠାରେ ଏକ ସ୍ୱତନ୍ତ୍ର ପ୍ରକାରର ଭୂତାଣୁ ଥାଏ। ଏହାର କୌଣସି ଚିକିତ୍ସା ମଧ୍ୟ ନାହିଁ। ଏ ପର୍ଯ୍ୟନ୍ତ ଚାରି ଦିନ ଶୁଣାଣିରେ କେବଳ କୁକୁର ପାଇଁ ଭାବ ଥିବା ଦେଖିବାକୁ ମିଳୁଛି। ୯ ବର୍ଷର ଶିଶୁକୁ କୁକୁର କାମୁଡ଼ିଲେ କିଏ ଦାୟୀ ହେବ? ଏହି ପ୍ରସଙ୍ଗରେ କୋର୍ଟ ଆଖି ବନ୍ଦ କରିଦେବେ କି? ଜଣେ ମହିଳା ଓକିଲ ଶିଶୁଙ୍କୁ ରାସ୍ତାରୁ ହଟାଇବାକୁ କହିବାରୁ ଜଷ୍ଟିସ ମେହେଟା କହିଥିଲେ ଯେ ଏଭଳି କେମିତି କହିପାରୁଛନ୍ତି? କିଛି ଓକିଲ ଏଭଳି ଶିଶୁଙ୍କୁ ପୋଷ୍ୟ ନେବା ପାଇଁ ମାମଲା କରିବେ ବୋଲି ଆଶା। ୨୦୧୧ ପରଠାରୁ ସେ ମଣିଷ ପାଇଁ ଏଭଳି ଲମ୍ବା ବିତର୍କ କେବେ ଦେଖିନାହାନ୍ତି। ଏହା ସହିତ କୋର୍ଟ ଶୁଣାଣି ଶେଷ କରିଥିଲେ। ଆସନ୍ତା ୨୦ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଥିଲେ। ଏହା ବ୍ୟତୀତ କୁକୁର ପାଳିବାକୁ ଚାହୁଁଥିବା ଲୋକଙ୍କୁ ଲାଇସେନ୍ସ ନେବାକୁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ।

### ରାଜ୍ୟରେ ବଢ଼ିଲା...

ଭୋଟର ତାଲିକା ଆବଶ୍ୟକତାକୁ କେହି ବିରୋଧ କରୁନାହାନ୍ତି। ମାତ୍ର ଯେଉଁଭଳି ଭାବେ ଏସ୍ଆଇଆର କାର୍ଯ୍ୟକାରୀ ହେଉଛି, ତାହା ସାରା ଦେଶରେ ଗମ୍ଭୀର ଚିନ୍ତାର କାରଣ ପାଲଟିଛି। ନିର୍ବାଚନ ସଂସ୍କାର ଦ୍ୱାରା ଆତ୍ମବିଶ୍ୱାସ ସୃଷ୍ଟି ହେବା ଉଚିତ, ସନ୍ଦେହ ନୁହେଁ। ମତଦାନ ଏକ ସାମ୍ବିଧାନିକ ଅଧିକାର। ଯେକୌଣସି ଅପସାରଣ ବେଳେ ଉଚିତ ପ୍ରକ୍ରିୟା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଅନୁସରଣ କରିବା ଆବଶ୍ୟକ। କୌଣସି ପ୍ରକୃତ ଭୋଟର ଯେପରି ଭୁଲ ଭାବେ ବାଦ୍ ପଡ଼ୁନାହାନ୍ତି, ତାହା ସୁନିଶ୍ଚିତ କରିବା ନିର୍ବାଚନ ଆୟୋଗଙ୍କ ଉତ୍ତର ଦାୟିତ୍ୱ। ପ୍ରକୃତ ଭୋଟରଙ୍କ ମତଦାନ ଅଧିକାରରୁ ବଞ୍ଚିତକୁ ଦଳ କଦାପି ସମର୍ଥନ କରିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

### ଇରାନ୍ ସହ କାରବାର...

ହୋଇପାରନ୍ତି। ଏହା ଲାଗୁ ହେଲେ ଭାରତ ଉପରେ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ ମୋଟ ଟାରିଫ୍ ୫୭୫% ହୋଇଯିବ। ଯେହେତୁ ଭାରତ ଏବଂ ଇରାନ ମଧ୍ୟ ବାଣିଜ୍ୟ କାରବାର କରନ୍ତି, ତେଣୁ ଟ୍ରମ୍ପ ଇରାନ ସହିତ ବାଣିଜ୍ୟ ପାଇଁ ଭାରତ ଉପରେ ୨୫% ଶୁଳ୍କ ଲଗାଇପାରନ୍ତି। ତେଣୁ ଏହି ଟାରିଫର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିବାର ସମ୍ଭାବନା ରହିଛି।

ଟ୍ରମ୍ପଙ୍କ ଅନୁଯାୟୀ, ଆମେରିକା ଇରାନର ହିଂସାତ୍ମକ ପ୍ରତିବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତେହେରାନ୍ ଉପରେ ଚାପ ପକାଇବା ପାଇଁ ତା'ର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ୨୫% ଶୁଳ୍କ ଲାଗୁ କରୁଛି। ଇରାନରେ ଚାଲିଥିବା ପ୍ରତିବାଦରେ ଶହ ଶହ ଲୋକଙ୍କ ମୃତ୍ୟୁ ହୋଇଛି। ଆମେରିକାର ରାଷ୍ଟ୍ରପତି ବାରମ୍ବାର ତେହେରାନ୍‌କୁ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଧମକ ଦେଇଛନ୍ତି। ଯଦି ଇସଲାମିକ ଗଣରାଜ୍ୟ ସରକାର ବିରୋଧୀ ପ୍ରତିବାଦକାରୀଙ୍କ ବିରୋଧରେ ମାରାତ୍ମକ ଶକ୍ତି ବ୍ୟବହାର କରୁଛି, ତେବେ ଆମେରିକା ଆକ୍ରମଣ କରିବ ବୋଲି ଟ୍ରମ୍ପ କହିଛନ୍ତି।

### ବିଦେଶୀଙ୍କ ଲକ୍ଷେ...

ଗାଡ଼ି ଚାଳନା ସମେତ ବିଭିନ୍ନ ଅପରାଧୀକ ମାମଲା ରହିଛି। ଏକ ନୂତନ ଯାଞ୍ଚ ଏବଂ ତଦାରଖ ବ୍ୟବସ୍ଥା ଯୋଗୁ ଭିସା ରଦ୍ଦ ବୃଦ୍ଧି ପାଇଛି। କଣ୍ଟିନିଉସ୍ ଭେଟିଂ ସେଣ୍ଟର ମାଧ୍ୟମରେ ଆମେରିକୀୟ ନାଗରିକଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଭିସା ତୁରନ୍ତ ପ୍ରତ୍ୟାହାର କରାଯାଉଛି। ପୂର୍ବରୁ କେବଳ ଭିସା ଆବେଦନ କିମ୍ବା ଆମେରିକାରେ ପ୍ରବେଶ ସମୟରେ ସ୍କ୍ରିନିଂ କରାଯାଉଥିଲା। ନୂତନ ବ୍ୟବସ୍ଥାରେ ସବୁବେଳେ ବିଦେଶୀଙ୍କ ଉପରେ ନଜର ରଖାଯାଉଛି। ଅପରାଧ ମାମଲା ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆମେରିକାର ବୈଦେଶିକ ବିଭାଗର ପ୍ରମୁଖ ଉପ ମୁଖପାତ୍ର ଟମି ପିଗଟ୍ କହିଛନ୍ତି ଯେ ଆମେରିକୀୟଙ୍କୁ ସୁରକ୍ଷା ଦେବା ଓ ଆମେରିକୀୟ ସାର୍ବଭୌମତ୍ୱକୁ ସଂରକ୍ଷଣ ପାଇଁ ଏହା ଜରୁରୀ ବୋଲି କହିଛନ୍ତି। ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଏହା ବହୁ କଠୋର ପଦକ୍ଷେପ ଥିଲା। ୨୦୨୪ ପରଠାରୁ ଭିସା ରଦ୍ଦ ୧୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି।

### ମାସକର ଛୁଆକୁ...

ଘରୁ ବାହାରିଥିଲେ। ସେମାନେ ରାତି ୮ଟା ବେଳକୁ ପୁଅ-ବୋହୂ ଘରକୁ ଫେରିଥିଲେ। ହେଲେ ସେମାନଙ୍କ ସହ ଶିଶୁକନ୍ୟା ନଥିଲା। ଏ ସଂପର୍କରେ ସାବିତ୍ରୀ ସେମାନଙ୍କୁ ପଚାରିବାରୁ ସେମାନେ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦେଇଥିଲେ। ସାବିତ୍ରୀଙ୍କ ଘରେ ବୋହୂ ରୀନାଙ୍କ ମାଆ(ସମୁଦୁଣୀ) ରହୁଛନ୍ତି। ସାବିତ୍ରୀ ତାଙ୍କ ପୁଅ-ବୋହୂ ଓ ସମୁଦୁଣୀ ମିଳିତ ଭାବେ ଷଡ଼ଯନ୍ତ୍ର କରି ନାତୁଣୀକୁ ବିକ୍ରି କିମ୍ବା ହତ୍ୟା କରି ଦେଇଛନ୍ତି ବୋଲି ସନ୍ଦେହ କରି ଏଭଳି ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇଛି ବୋଲି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶିଶୁର ପିତାମାତା ଅଭାବ ଅନଟନ ଏବଂ ଋଣ ପରିଶୋଧ କରିବା ପାଇଁ ଶିଶୁକୁ ବିକ୍ରି କରିଦେଇଛନ୍ତି ବୋଲି କହିଛନ୍ତି।

### ଘରେ ନ ପଶୁଣୁ...

ଘୋଷଣା ହୋଇସାରିଛି। ତେଣୁ ଖାରବେଳ ଭବନ ଓ ଲୋକସେବା ଭବନର କନ୍‌ଭେନସନ୍ ସେଣ୍ଟର ଓ ରାଜ୍ୟ ବିଧାନ ସୌଧକୁ ଛାଡ଼ି ଦେଲେ ପାୱାର ହାଉସ ଛକ ଠାରୁ ଲୋକସେବା ଭବନ ପର୍ଯ୍ୟନ୍ତ ଥିବା ସବୁ କାର୍ଯ୍ୟାଳୟ ଭଙ୍ଗାଯିବ ବୋଲି ମନ୍ତ୍ରୀଙ୍କ ମନ୍ତବ୍ୟ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ତ୍ତମନ୍ତ୍ରୀଙ୍କ ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଲୋକସେବା ଭବନର ମୁଖ୍ୟ ଅଫିସ ଖାରବେଳ ଭବନ ନିକଟରେ ନିର୍ମାଣ ହେବ। ଏହାପରେ ପାୱାର ହାଉସ ଛକକୁ ଲାଗି ଏଡିଏମ୍ ଅଫିସ, ଓସେପା ଅଫିସ୍ ପାଖରେ ନୂତନ ଲୋକସେବା ଭବନ ଅଫିସ୍ ରହିବ। ନୂଆ ବିଧାନ ସଭା ନିର୍ମାଣ ପରେ ପୁରୁଣା ବିଧାନସଭାକୁ ସନ୍ତକ ହିସାବରେ ରଖାଯିବ। ଏହାକୁ ମ୍ୟୁଜିୟମ ଭାବରେ ମଧ୍ୟ ବ୍ୟବହାର କରାଯିବ ଓ ଯଦି ଆଗକୁ ଓଡ଼ିଶାରେ ବିଧାନ ପରିଷଦ ଗଠନ ହୁଏ ତେବେ ଏହି ପୁରୁଣା ବିଧାନସଭା ଗୃହକୁ ବିଧାନ ପରିଷଦ ଗୃହ ଭାବେ ମଧ୍ୟ ବ୍ୟବହାର କରିହେବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟ କୋଠାଗୁଡ଼ିକ ଭାଙ୍ଗିବାକୁ ନେଇ କୌଣସି ଆପତ୍ତି ଥିଲେ ମଧ୍ୟ ମାତ୍ର ୨୭ ବର୍ଷ ତଳେ ନିର୍ମାଣ ହୋଇଥିବା ରାଜୀବ ଭବନର ଭଙ୍ଗାଯିବା ନିଷ୍ପତ୍ତିକୁ କେହି ଗ୍ରହଣ କରିପାରୁ ନାହାନ୍ତି। ଏପରିକି ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାଁ ହଟାଇବା ପାଇଁ ଏହି ବିଲ୍ଡିଂକୁ ଭାଙ୍ଗିବାକୁ ବିଜେପି ସରକାର ଯୋଜନା କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ୧୯୯୭ ମସିହାରେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ଏହି ବିଲ୍ଡିଂର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ବେଳେ ୧୯୯୮ ଅକ୍ଟୋବର ମାସରେ ଏହାର ଉଦ୍‌ଘାଟନ ହୋଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାମରେ ଏହି ଅଟ୍ଟାଳିକାକୁ ନାମିତ କରାଯାଇଥିଲା। ଏହି ବିଲ୍ଡିଂରେ ଜଳସମ୍ପଦ ବିଭାଗର କାର୍ଯ୍ୟାଳୟ ସମେତ ଏସ୍ଆରସି ଓ ଏସ୍‌ଡମା ଅଫିସ ମଧ୍ୟ ରହିଛି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ରାଜୀବ ଭବନ ଗସ୍ତ କରି ଏଠାରେ ଥିବା ରାଜ୍ୟ ହାଇଡ୍ରୋଲୋଜିକାଲ ଡାଟା ସେଣ୍ଟର ବୁଲି ଦେଖିଥିଲେ ଓ ରାଜୀବ ଭବନକୁ ଆହୁରି ସ୍ମାର୍ଟ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର କେଇଟା ମାସ ନ ଯାଉଣୁ ଏହି ଭବନକୁ ଭାଙ୍ଗିବାକୁ ସରକାରଙ୍କ ଘୋଷଣା କେହି ଗ୍ରହଣ କରିପାରୁନାହାନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ସରକାରଙ୍କ ଏପରି ନିଷ୍ପତ୍ତିକୁ କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ଏହାକୁ ଅତି ଆଦରରେ ନିର୍ମାଣ କରିଥିଲେ। ହେଲେ ସରକାର ରାଜ୍ୟ ତଥା ଦେଶରୁ ଗାନ୍ଧୀ ନାମ ହଟାଇବା ପାଇଁ ଏହି ଉପାୟ ଆପଣାଇଛନ୍ତି। ରାଜୀବ ଭବନ ନିର୍ମାଣ ପୂର୍ବରୁ ଷ୍ଟେଟ୍ ଗେଷ୍ଟ ହାଉସ, ଉତ୍କଳ ବିଶ୍ୱ ବିଦ୍ୟାଳୟ ସହ ଅନେକ ବଡ଼ ବଡ଼ ବିଲ୍ଡିଂ ନିର୍ମାଣ ହୋଇଛି। ଏଗୁଡ଼ିକୁ 'ଅନସେଫ୍' ଘୋଷଣା କରି ସରକାର ଭାଙ୍ଗିଦେବେ କି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ରାଜୀବ ଭବନ ବିଲ୍ଡିଂର ସମସ୍ତ ତଥ୍ୟ ସରକାରଙ୍କୁ ମଗାଯିବ। କିପରି ସରକାର ଏହାକୁ ଅନସେଫ୍ କଲେ, ତାହା ପରେ ଦଳ ଆଗାମୀ ନିଷ୍ପତ୍ତି ନେବ। ଲୋକଙ୍କ ବିକାଶ ପାଇଁ ସରକାରଙ୍କ ପାଖରେ ଟଙ୍କା ନାହିଁ, ସେଥିପାଇଁ ଜିଜିଆ କର ଭଳି ଗାଡ଼ି ଚାଳକଙ୍କଠାରୁ ଟଙ୍କା ଆଦାୟ ହେଉଛି। ଏବେ କାହିଁକି ରାଜ୍ୟବାସୀଙ୍କ ଟଙ୍କାକୁ ଅପଚୟ କରିବାକୁ ସରକାର ଏହି ଉଦ୍ୟମ କରିଛନ୍ତି ବୋଲି କହି ଭକ୍ତ ସରକାରଙ୍କୁ ସମାଲୋଚନା କରିଛନ୍ତି।

### ଶୀତ ଆଉ...

ଝଡ଼ ସକ୍ରିୟ ହେବା ପୂର୍ବରୁ ପ୍ରବଳ କୁହୁଡ଼ି ହେବାର ଆଶଙ୍କା ରହିଥାଏ। ତେଣୁ ଆସନ୍ତା ୩-୪ ଦିନ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଘନ କୁହୁଡ଼ି ହୋଇପାରେ। ବିଶେଷ କରି ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କୋରାପୁଟରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର କହିଛି।


GOVERNMENT OF ODISHA B-955

OFFICE OF THE SUPERINTENDING ENGINEER, GANJAM (R&B) DIVISION NO.II, BERHAMPUR

Phone/Fax: 0680-2233996, E-mail: sernb2.ganjam@gmail.com

INVITATION FOR BIDS (IFB) (e-Procurement)

TENDER CALL NOTICE

Bid Identification No. SC (R&B)-GM-II-29/2025-26 No. 202 Dated.07.01.2026

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in single cover system to be received in **ONLINE MODE** only for the work as detailed below:

2) Nature of Work : Electrical work

3) No. of work : 05 Nos.

4) Tender Cost : Rs.6,000/-

5) Class of Contractor : HT of registered with the ELBO Authorized HT License

6) Availability of bid documents in the website : From 15.01.2026 10.00 AM to 27.01.2026 4.00 P.M.

7) Date of opening of Bid : 28.01.2026 at 11.30 A.M.

8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR-

i-472

OFFICE OF THE PANCHAYATA SAMITI, SADAR, BALASORE

INVITATION FOR BIDS THROUGH e-Procurement

Bid Identification No-04 of 2025-26

Invitation for Bids

| | | |
|---|---|---|
| 1 | The BLOCK DEVELOPMENT OFFICER SADAR BALASORE,on behalf of Government of Odisha invites percentage rate bids in single cover system in ONLINE MODE only,for Construction of Building work as detailed below. | |
| 2 | Name of Work | Construction of Academic Building with Smart Classroom Facility at Nilamani Mahavidyalaya, Rupsa |
| 3 | No of work | 01 Nos |
| 4 | Bid Cost | Rs.10,000/- |
| 5 | Class of Contractor | B License |
| 6 | Availability of Bid Documents in the website | From 10:00AM of 16.01.2026 to 5:00PM of 07.02.2026 |
| 7 | Date of Opening of Bid | Dt. 12.02.2026 at 11:00AM |
| 8 | The Bidders have to participate in ONLINE bidding only.Further details can be seen from the website:https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

OIPR-

Block Development Officer
Sadar Balasore

**AFFIDAVIT**

By virtue of an affidavit sworn before Executive Magistrate, Ambabhona dated 13.09. 2025, I, Bedamati Mahakud, S/o- Kanhu Charan Mahakud resident of Dwari, Ps.- Tah.- Ambabhona, Dist.- Bargarh, Odisha, Pin-768031 declare that, I have changed my name from **Debamati Mahakhud** to **Bedamati Mahakhud**. Hence- forth, I shall be known as **Bedamati Mahakhud** for all purposes.

Sd/- **Bedamati Mahakhud**

**AFFIDAVIT**

By virtue of an affidavit sworn before the Executive Magistrate, Kakatpur, vide CF. No. 05, dated 05.01.2026, **GANESH CHANDRA SAHOO**, S/o Banshidhar Sahoo resident of Vill.- Nasikeswar, PO- Sisua, Ps.- Kakatpur, Dist- Puri, declare that I have changed any name, from **GANESH SAHOO** to **GANESH CHANDRA SAHOO.** Henceforth I shall be known as **GANESH CHANDRA SAHOO** for all purposes.

Sd- **GANESH CHANDRA SAHOO**

**AFFIDAVIT**

By virtue of an affidavit sworn before the Executive Magistrate, Nimapara, dtd. 04.12.2025, I, Sidhanta Swain, S/o Prasanta Swain, At- Paschim Jashipur, Aul, Kendrapara have changed my name from Sidhanta Kumar Swain (Old Name) to Sidhanta Swain (New Name). Henceforth, I shall be known as Sidhanta Swain for all purposes.

**Sd/- Sidhanta Swain**

**AFFIDAVIT**

I, Wasim Ahemed Khan, aged about 47 years, S/o- Abdul Wahid Khan, resident of At- Sainso, Po- Gobabasta, Ps- Cuttack Sadar, Dist- Cuttack, Odisha, PIN- 754001, Odisha declared by this affidavit No. 102, dtd- 13/01/2026 that now onwards I shall be known as **WASIM AHMED KHAN** for all future purposes.

**ନାମ ପରିବର୍ତ୍ତନ**

ମୁଁ ସିମାରାଣୀ ରାଉଳ ଓରଫ ସୋନିଆ ରାଉଳ ବୟସ ୨୨ ବର୍ଷ, ପିତା- ରମେଶ ଚନ୍ଦ୍ର ରାଉଳ, ଗ୍ରାମ/ପୋ/ଥାନା-ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ଏହିକି ମୋର ଭୋଟର ପରିଚୟ ପତ୍ର, ଏସ.ବି.ଆଇ ବ୍ୟାଙ୍କ୍ ପାସ୍ ବୁକ୍ ଓ ଆଧାର କାର୍ଡ଼ରେ ମୋର ନାମ ସୋନିଆ ରାଉଳ ଉଲ୍ଲେଖ ଥାଇ ଏଲ୍ଆଇସି ପଲିସି ବଣ୍ଡ ନଂ- **585918134** ରେ ମୋର ନାମ ସୋନିଆ ରାଉଳ ପରିବର୍ତ୍ତେ ସିମାରାଣୀ ରାଉଳ ବୋଲି ଉଲ୍ଲେଖ ଅଛି। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଚାନ୍ଦବାଲିଙ୍କ ନିକଟରେ ଏଫିଡେଭିଟ୍ ନଂ- **6051,** ତା-୦୯/୦୯/୨୦୨୫ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ସୋନିଆ ରାଉଳ, ପିତା- ରମେଶ ଚନ୍ଦ୍ର ରାଉଳ ନାମରେ ପରିଚିତ ହେବି।

**AFFIDAVIT**

By virtue of an Affidavit No- 2960 before the Executive Magistrate, Bhadrak dtd- 24/10/2025, I , Sasmita Biswal, 44 yrs, W/o-Nalini Kant Das Mohapatra, resident of Akshar Vihar, Vadodara, Gujara–390009, declare that my name appears as Sasmita Biswal in all records, but as Sasmita Das Mohapatra in my son Aryan Das Mohapatra's birth certificate. Both Sasmita Biswal and Sasmita Das Mohapatra are one and the same person. Henceforth, I will be known as **SASMITA BISWAL** W/o- Nalini Kant Das Mohapatra for all purpose.

**AFFIDAVIT**

I, Rubina Banoo, aged about 51 years, W/o- Mohammed Dawood, resident of Ward No. 10, Mangali Sahi, Kotpad, Po- Kotpad, Ps- Kotpad, Dist- Koraput, Odisha, Pin- 764058, do hereby declare by this affidavit No.101, dtd- 13/01/2026, that now onwards I shall be known as **RUBINA BANO** for all future purposes.

**ହଜିଛି**

ମୁଁ **ରେଣୁବାଳା ଭୂୟାଁ,** ବୟସ: ୪୬ ବର୍ଷ ସ୍ୱାମୀ: ସୋମନାଥ ଭୂୟାଁ, ସ୍ଥାୟୀ ଠିକଣା- ସା: ଧରାଧରପୁର, ପୋ/ଥାନା: ରଘୁନାଥପୁର, ଜିଲ୍ଲା: ଜଗତସିଂହପୁର-୭୫୪୧୩୧ ଏବଂ ବର୍ତ୍ତମାନ ଠିକଣା- ସା: ପ୍ରଫେସରପଡା, ପୋ: କଲେଜ ଛକ, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ-୭୫୩୦୦୩, ଓଡ଼ିଶା, ଘୋଷଣା କରୁଅଛି କି, ଅରଜିନାଲ ପଟ୍ଟା ଯାହାର ଖାତା ନଂ.: ୭୭୨/୩୦୯୪, ତା.: ୨୫.୦୭.୨୦୧୫, ପ୍ଲଟ୍ ନଂ.: ୨୫୩୯/୭୫୮୦, ମୌଜା: ନିମପୁର, ତହସିଲ: ଟାଙ୍ଗି-ଚୌଦ୍ୱାର, ଜିଲ୍ଲା: କଟକ, ଓଡ଼ିଶାକୁ ଜୟଶ୍ରୀ ପଣ୍ଡା, ସ୍ୱାମୀ: ଅନିଲ କୁମାର ପଣ୍ଡା, ଠିକଣା- ସା: ରଡଗଡା, ଲେଙ୍କା ସାହି, ଗୋଡିସାହି, ଜିଲ୍ଲା: କଟକ - ୭୫୪୦୦୬, ଓଡ଼ିଶା, ମୂଳ ବିକ୍ରୟ ଦଲିଲ୍ ନଂ.: ଆଇଏନ-୧୦୪୩୧୨୦୧୦୭୫, ତା.୨୮.୦୫.୨୦୧୨ଙ୍କ ଠାରୁ କ୍ରୟ କରିଥିଲି। ଯିଏକି ଏହାକୁ ୧) ବିଶ୍ୱନାଥ ସାହୁ, ୨) ସତ୍ୟ ନାରାୟଣ ସାହୁ, ୩) ଜନାର୍ଦ୍ଦନ ସାହୁ, ସମସ୍ତଙ୍କ ପିତା: ୪ ଲକ୍ଷ୍ମଣ କୁମାର ସାହୁ, ସମସ୍ତଙ୍କ ଠିକଣା ସା: ଦରଦଶାସନ, ପୋ: କନ୍ଦରପୁର, ଜିଲ୍ଲା: ଜଗତସିଂହପୁର, ଓଡ଼ିଶାଙ୍କ ଠାରୁ କ୍ରୟ କରିଥିଲେ। ଉପରୋକ୍ତ ଦଲିଲଗୁଡ଼ିକ ତା.୦୫.୦୧.୨୦୨୬ ଅପରାହ୍ନ ୨.୦୦ ଘ. ରେ ଏଗୁଡ଼ିକ ଜେରକ୍ସ କରିବାକୁ ଯିବା ସମୟରେ କେଉଁଠାରେ ହଜିଯାଇଛି। ଯଦି କୌଣସି ବ୍ୟକ୍ତିଙ୍କର ଏହି ସମ୍ପତ୍ତି ଉପରେ କୌଣସି ଦାବି / ଅଭିଯୋଗ ଥାଏ ତେବେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ଓକିଲ **ଫଗୁ ସାମଲ**-୯୪୩୮୬୭୦୮୫୭ରେ ଯୋଗାଯୋଗ କରିବେ।

**କବଲା ହଜିଛି**

ମୁଁ, ଶ୍ରୀମତୀ ଭାଗ୍ୟଶ୍ରୀ ଧାନୀ, ସ୍ୱାମୀ: ଶ୍ରୀ ଦେବସ୍ୱରୂପ ଧାନୀ, ବାସସ୍ଥାନ: ସା: ୱାର୍ଡ ନଂ.: ୧୧, ବାସୁଦେବପୁର ଏନ୍ଏସି, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ ଘୋଷଣା କରୁଅଛି କି, ମିଳିତଭାବେ ଶ୍ରୀମତୀ ଭାଗ୍ୟଶ୍ରୀ ଧାନୀ ଏବଂ ଶ୍ରୀମତୀ ନିବେଦିତା ବେହେରାଙ୍କ ନାମରେ ଥିବା ପଟ୍ଟା ଯାହାର ଖାତା ନଂ.: ୧୪୯୪/୧୪୩୦, ପ୍ଲଟ୍ ନଂ.: ୩୭୭୬, ୩୭୭୦/୯୦୦୦, ୩୭୭୭/୯୦୦୧, ୩୭୭୮/୯୦୦୨, ୩୭୬୮/୯୦୦୩, ୩୭୭୪/୯୦୦୪, ମୋଟ କ୍ଷେତ୍ର: ଏକର ୩.୭୪ ଡିସିମିଲିର ମୂଳ ଲିଙ୍କ୍ ଦଲିଲ୍ ନଂ.: ୧୦୨୪୧୩୦୦୫୯୫ ଏବଂ ୧୦୨୪୧୩୦୦୫୯୬, ତା.୧୨.୦୩.୨୦୧୩, ମୂଳ ଲିଙ୍କ୍ ଦଲିଲ୍ ନଂ.: ୧୦୨୪୧୩୦୦୮୩୯, ତା.୦୩.୦୪.୨୦୧୩ ଏବଂ ମୂଳ ଲିଙ୍କ୍ ଦଲିଲ ନଂ.୧୦୨୪୧୩୦୦୩୦୪ ତା.୦୫.୦୨.୨୦୧୪, ତା୦୩.୦୧.୨୦୨୬ରେ ସା: ରାଧାକାନ୍ତପୁରରେ ଥିବା ମୋର ରାଇସ୍ ମିଲକୁ ବାସୁଦେବପୁରରୁ ଯାଉଥିବା ସମୟରେ କେଉଁଠାରେ ହଜିଯାଇଛି।

ବର୍ତ୍ତମାନ ମୁଁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଋଣ ପାଇବା ନିମନ୍ତେ ସମ୍ପତ୍ତି ଯାହାର ଖାତା ନଂ.: ୧୪୯୪/୧୪୩୦, ପ୍ଲଟ୍ ନଂ.: ୩୭୭୬, ୩୭୭୦/୯୦୦୦, ୩୭୭୭/୯୦୦୧, ୩୭୭୮/୯୦୦୨, ୩୭୬୮/୯୦୦୩, ୩୭୭୪/୯୦୦୪, ମୋଟ କ୍ଷେତ୍ର: ଏକର ୩.୭୪ ଡିସିମିଲି, ମୌଜା: ରାଧାକାନ୍ତପୁର, ଥାନା: ବାସୁଦେବପୁର-୭୪, ତହସିଲ: ବାସୁଦେବପୁର-୨୫, ଜିଲ୍ଲା: ଭଦ୍ରକକୁ ବନ୍ଧକ ରଖିବାକୁ ଯାଉଛି। ଯଦି ଏହି ସମ୍ପତ୍ତିର ମାଲିକାନା ଉପରେ କିମ୍ବା ଅନ୍ୟଥା କୌଣସି ବ୍ୟକ୍ତିଙ୍କର କିଛି ଦାବୀ କିମ୍ବା ଅଭିଯୋଗ ଥାଏ ତେବେ ସେ ଏହି ନୋଟିସର ୭ ଦିନ ମଧ୍ୟରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ନିଜର ପକ୍ଷ ରଖି ପାରିବେ।

**IN THE COURT OF THE MOTOR ACCIDENT CLAIMS TRIBUNAL, PRINCIPAL DISTRICT JUDGE AT: KHAMMAM**

IA.No. 1 OF 2025
IN
M.A.T.O.P.No. 136 OF 2024

**BETWEEN:**

Yesuri Siva Rama Prasad is being in COMA Rep. by his wife and Guardian Yesuri Krishna Kumari (Died) through his legal heirs...

**Petitioners / Claim Petitioners**

**AND**

Ramanath Ray & Others

**... Respondents / Respondents**

To:

Saizar Enterprice Pvt. Ltd.,Rep. by Name not known, Occ: Owner of Lorry BearingNo. NL 01 AB-0929, Permanent Address: Kalinga Marg, Jakhapura village, Jajapur, Odisha – 755020. (R2).

Take Notice that the above named Claim Petitioners filed the above O.P. against the respondents claiming compensation. The above case is stands posted to 12-02-2026 for your appearance. Therefore, you are here by directed to appear before the Hon'ble court on 12-02-2026 at about 10-30 A.M. in person or through an advocate without fail. Failing which the matter will be decided ex-parte against you.

**by order of the Hon'ble court**
**Yeginati Nageswar Rao**
**Advocate, Khammam**
**Cell No.: 98483 68823**

**Date: 11-01-2026, Place: Khammam**

**IN THE COURT OF THE MOTOR ACCIDENT CLAIMS TRIBUNAL, PRINCIPAL DISTRICT JUDGE AT: KHAMMAM**

M.A.T.O.P. No. 136 OF 2024

**BETWEEN:**

Yesuri Siva Rama Prasad is being in COMA,Rep. by his wife and Guardian Yesuri Krishna Kumari

**... Claim Petitioners**

**AND**

Ramanath Ray & Others

**... Respondents**

To:

Saizar Enterprice Pvt. Ltd., Rep. by Name not known, Occ: Owner of Lorry Bearing, No. NL 01 AB-0929, Permanent Address: Kalinga Marg, Jakhapura Village, Jajapur, Odisha-755020. (R2).

Take notice that the above named Claim Petitioners filed the above O.P. against the respondents claiming compensation. The above case is stands posted to 12-02-2026 for your appearance. Therefore, you are hereby directed to appear before the Hon'ble Court on 12-02-2026 at about 10-30 A.M. in person or through an advocate without fail. Failing which, the matter will be decided ex-parte against you.

**Date: 11-01-2026**
**Place: Khammam**

**By order of the Hon'ble Court**
**Yeginati Nageswar Rao**
**Advocate, Khammam**
**Cell No.: 98483 68823**

# ଡୁକେ ଦୁମ୍ବିସାହି ବାସିନ୍ଦା ପିଉଛନ୍ତି ଚୁଆପାଣି



ଶରତ, ୧୩।୧(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ପଞ୍ଚାୟତ ଅଧୀନ କାଦବାହାଳୀ ରାଜସ୍ୱ ଗ୍ରାମର ୬ ନମ୍ବର ୱାର୍ଡରେ ଅବସ୍ଥିତ ଡୁକେ ଦୁମ୍ବିସାହି। ଏହି ଗ୍ରାମରେ ବସବାସ କରନ୍ତି ୧୦୦ରୁ ଅଧିକ ହୋ' ଜନଜାତି ପରିବାର। ଗ୍ରାମରେ ନଳକୂପ ଖୋଳାଯାଇ ପାରି ନ ଥିବାରୁ ଏଠାକାର ଜନଜାତି ସିଜୁଆଣି ଓ ହେଦେବୁରୁ ପର୍ବତରୁ ବୋହି ଯାଉଥିବା ଝରଣା ପାଣିକୁ ଏମାନେ

**■ ଆଜି ପର୍ଯ୍ୟନ୍ତ ସଂଯୋଗ ହେଉନି ବିଦ୍ୟୁତ୍**
**■ ଗ୍ରାମରେ ବାସ କରନ୍ତି ୧୦୦ରୁ ଅଧିକ ଜନଜାତି ପରିବାର**

ଉଭୟ ପାନୀୟ ଓ ରୋଷେଇ ପାଇଁ ବ୍ୟବହାର କରନ୍ତି। ବର୍ତ୍ତମାନ ବୋହି ଯାଉଥିବା ଝରଣାର ପାଣି ଆସ୍ତେ ଆସ୍ତେ ଶୁଖିଯାଉଥିବାରୁ ଏମାନେ ଗ୍ରାମରେ ୨/୩ଟି ଚୁଆ ଖୋଳି ସେଠାରୁ ରୋଷେଇ ପାଇଁ ପାଣି ବ୍ୟବହାର କରୁଥିବା ଦେଖାଯାଉଛି।

ପାଣି ପଞ୍ଚାୟତ ନାମରେ ସରକାର ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରୁନାହିଁ। ଏକଦା ପାନୀୟ ଜଳ ସମସ୍ୟାର ସମାଧାନ କରିବା ଦିଗରେ ପ୍ରଶାସନ ପକ୍ଷରୁ ୪ ବର୍ଷ ପୂର୍ବେ ଉକ୍ତ ଗ୍ରାମରେ ଏକ ନଳକୂପ ଖୋଳାଯାଇଛି ସତ, କିନ୍ତୁ ସଠିକ ଭାବେ ପାଣି ନିର୍ଗତ ହୋଇପାରୁ ନ ଥିବା ସ୍ଥାନରେ ନଳକୂପ ଖୋଳାଯାଇଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ ବୋଲି ଗ୍ରାମର ସୁରୁ ସିଂ, ଦଶମା ପୂର୍ତ୍ତି, ଗୁରୁବାରୀ ପୂର୍ତ୍ତି, ସୁଖୀ ସିଂ ପ୍ରମୁଖ ବାଷ୍ପରୋଧ କଣ୍ଠରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସ୍ୱାଧୀନତାର ସାତ ଦଶନ୍ଧି ବିତିଯାଇଥିଲେ ସୁଦ୍ଧା ଗ୍ରାମବାସୀଙ୍କୁ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ମିଳିପାରିନାହିଁ ବିଦ୍ୟୁତ ସେବା ଭଳି ମୌଳିକ ସୁବିଧା। ଉକ୍ତ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ସକାଶେ ନଳକୂପ ଖୋଳାଯିବା ସହିତ ଗ୍ରାମକୁ ବିଦ୍ୟୁତ ସଂଯୋଗ କରାଯିବା ନିମନ୍ତେ ଶରତ ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ଦୁଲାରାମ ବାନାରା ଦାବି କରିଛନ୍ତି। ଅନ୍ୟଥା ଚଳିତ ମାସ ୩୦ ତାରିଖ ଦିନ ଗ୍ରାମବାସୀଙ୍କ ଦ୍ୱାରା କପ୍ତିପଦା ବ୍ଲକ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି କହିଛନ୍ତି। କପ୍ତିପଦା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ରେଶ୍ମା ଟେଟେ କହିଛନ୍ତି, ଶରତ 'ସକାଳ' ପ୍ରତିନିଧିଙ୍କ ଯୋଗେ ଆମ୍ଭେ ଖବର ପାଇଛୁ ଓ ଆମ କପ୍ତିପଦା ବ୍ଲକ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ୟା ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। କପ୍ତିପଦା ବ୍ଲକ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଟି. ନାଗେଶ କହିଛନ୍ତି, ଆମ ବିଦ୍ୟୁତ ବିଭାଗ ପ୍ରତ୍ୟେକ ପରିବାରଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବାକୁ ବ୍ୟବସ୍ଥା କରୁଛନ୍ତି। ଆମେ ସର୍ଭେ କରି ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବୁ ବୋଲି କହିଛନ୍ତି।

## କାର୍ଯ୍ୟସ୍ଥଳୀରୁ ଚୋରି ଅଭିଯୋଗ

ରାଇରଙ୍ଗପୁର, ୧୩।୧(ସମିସ): ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ପରିସରରେ ହେଉଥିବା ନିର୍ମାଣ କାର୍ଯ୍ୟ ସ୍ଥଳରୁ ଅଫିସ ସାମଗ୍ରୀ ଚୋରି ହୋଇଛି। ଏ ନେଇ ଦାୟିତ୍ୱରେ ଥିବା ଅଧିକାରୀ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ରାତିରେ କାର୍ଯ୍ୟ ସ୍ଥଳ ଅଫିସ ଗୃହ ତାଲା ଭାଙ୍ଗି ଚୋରି ହୋଇଛି। ଯାହାକୁ ନେଇ ସେମାନେ ଦୁଇଜଣ ରାତ୍ର ଜଗୁଆଳିଙ୍କୁ ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି।

## ବୃଦ୍ଧାଙ୍କୁ ଦୁଷ୍କର୍ମ ପରେ ହତ୍ୟା; ହତ୍ୟାକାରୀ ଗିରଫ



ଉଦଳା, ୧୩।୧(ସମିସ): ପଡୋଶୀ ସାଜିଲା ନର ରାକ୍ଷସ। ଯୌନ ଲାଳସା ପୂରଣ କରିବା ପରେ ବୃଦ୍ଧାଙ୍କୁ ପଥରରେ ଛେଚି ହତ୍ୟା କରିଛି। ଏଭଳି ଲୋମଟାଙ୍କୁରା ହତ୍ୟାକାଣ୍ଡ ଉଦଳା ଥାନା ଅମ୍ବିକାଦେଇପୁର ମାହାଲୀସାହି ଗ୍ରାମରେ ଘଟିଛି। ମୃତକ ରଇବାରୀ ସିଂ ଏକୁଟିଆ ରହୁଥିବାବେଳେ ସେ ଘରେ ଥିଲେ। ଅପରାହ୍ନରେ ପଡୋଶୀ ରଘୁ ହେମ୍ବ୍ରମ ତାଙ୍କ ଘରେ ପଶି ଦୁଷ୍କର୍ମ କରିଥିଲା। ଦୁଷ୍କର୍ମ କରିବା ପରେ ସେ ପଥରରେ ଛେଚି ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ଏ ନେଇ ପୁଲିସକୁ ଖବର ଦେଇଥିଲେ। ଉଦଳା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛି। ପୁଲିସ ପ୍ରାଥମିକ ତଦନ୍ତରୁ ବୃଦ୍ଧାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଜାଣିବାକୁ ପାଇଛି। ସେପଟେ ଅଭିଯୁକ୍ତ ରଘୁ ହେମ୍ବ୍ରମକୁ ଗିରଫ କରିଛି।

## ବ୍ରେକ୍ ଡାଉନ୍ ଗାଡ଼ିକୁ ଧକ୍କା ଦେଇ ଡ୍ରାଇଭର ଗୁରୁତର




ମହୁଲଡିହା, ୧୩।୧(ସମିସ): ମହୁଲଡିହା ଥାନା ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ଗୋଡ଼ଭଙ୍ଗା ଘାଟି ବାଙ୍କରେ ୩/୪ ମାସ ବ୍ୟବଧାନରେ ଘଟିଛି ଦୁର୍ଘଟଣା। ସୋମବାର ରାତି ପ୍ରାୟ ୧୧.୩୦ ସମୟରେ କରଞ୍ଜିଆରୁ ଚାଉଳ ବୋଝେଇ କରି ଟାଟା ଯାଉଥିବା ଟ୍ରକଟି ଘାଟି ଓହ୍ଲାଉ ଥିବାବେଳେ ସାମ୍ନାରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଠିଆ ହୋଇଥିବା କୁକୁଡ଼ା ଖତ ବୋଝେଇ ଟ୍ରକକୁ ଧକ୍କା ଦେବାରୁ ଡ୍ରାଇଭର ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଟ୍ରକ ଦୁଇଟି ଆକ୍ସିଡେଣ୍ଟାଲ ଜୋନରେ ଦୁର୍ଘଟଣାଗ୍ରସ୍ତ ହୋଇଥିବାରୁ ରାତିରେ କିଛି ସମୟ ରାସ୍ତା ଅବରୋଧ ହୋଇଥିଲା। ଖବର ପାଇ ମହୁଲଡିହା ଥାନା ଆଇଆଇସି ତୁଷାର ନାୟକଙ୍କ ନିର୍ଦ୍ଦେଶରେ ଏଏସଆଇ ବିଜୟକୃଷ୍ଣ ସାନ୍ତରା ଗୃହରକ୍ଷୀଙ୍କ ସହ ପହଞ୍ଚି ହିଟାଚି ଦ୍ୱାରା ଟ୍ରକ ଦୁଇଟିକୁ ଘୁଞ୍ଚାଇ ଯାନବାହାନ ଚଳାଚଳ ସ୍ୱାଭାବିକ କରିଥିଲେ। ଏଏସଆଇ ଶ୍ରୀ ସାନ୍ତରା ଗୁରୁତର ଡ୍ରାଇଭରକୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରି ତଦନ୍ତ ଜାରି ରଖିଛନ୍ତି।

## ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ବାର୍ଷିକ ଉତ୍ସବ



ବାରିପଦା, ୧୩।୧(ସମିସ): ସ୍ଥାନୀୟ ବାରିପଦା ଷ୍ଟାଡିୟମରେ ଜାତୀୟ ଯୁବ ଦିବସ ଅବସରରେ ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ରାଜ୍ୟ ଓ ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା ୨୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତସହିତ ବିଦ୍ୟାଳୟସ୍ତରୀୟ ସଙ୍ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ୪୨ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଷ୍ଠାତା ଜ୍ୟୋତିରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଭାଗୀରଥି ମଲ୍ଲିକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ ଦାସ, ବରିଷ୍ଠ ସଦସ୍ୟ ମଣ୍ଟୁ ଦା, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଓ ଯୋଗ ଗୁରୁ ରାକେଶ ମହାନ୍ତ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସୁଚିସ୍ମିତା ଦାସ, ରଞ୍ଜିତା ଦାସ, ଅର୍ଚ୍ଚନା ଦାସ ଓ ଅସୀମା କୁଣ୍ଡୁ ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ।

## ଅରୋବିହାରରେ ଶ୍ରୀମାଙ୍କ ମାତୃନିଳୟ ପ୍ରତିଷ୍ଠା

ଉଦଳା, ୧୩।୧(ସମିସ): ଅରୋବିହାରସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ପରିସରରେ କରୁଣାମୟୀ ମାଆ (ଶ୍ରୀମା)ଙ୍କ ଉଦ୍ଦେଶ୍ୟରେ ମାତୃ ନିଳୟ ପ୍ରତିଷ୍ଠା ସାଧକ ରାଖାଲ୍ ମାହାନାଙ୍କ ଦ୍ୱାରା ହୋଇଛି। ଭୂପାଳ ମାହାନା ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣ ଯୋଗ ସମ୍ବନ୍ଧରେ ଉଦବୋଧନ ଦେଇଥିଲେ। କାଳୁପଡ଼ା ଘାଟ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ସୁଭାଷ ବାରିକଙ୍କ ସହ ଭୁବନେଶ୍ୱରସ୍ଥ ମାତୃପ୍ରେମୀ କଳାକାର ପ୍ରଭଞ୍ଜନ ମହାନ୍ତି ଓ ବିଶିଷ୍ଟ ଇଞ୍ଜିନିୟର ତ୍ରିଲୋଚନ ସେଠୀଙ୍କ ସମେତ ବହୁ ବିଶିଷ୍ଟ ମାତୃପ୍ରେମୀ ସାଧକ ଯୋଗ ଦେଇଥିଲେ। ଉଦଳା ସହର ସହ ମେଣ୍ଢାଖାଇ, ନାଗପାଳ ମଧ୍ୟଦେଇ ଆଧ୍ୟାତ୍ମିକ ପରିକ୍ରମା କରିଥିଲା। ମାତୃପାଦୁକାକୁ ଛକମାନଙ୍କରେ ସ୍ଥାନୀୟ ଜନସାଧାରଣ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଅରୋବିହାରର ପ୍ରତିଷ୍ଠାତା ସଭାପତି ପ୍ରାଧ୍ୟାପକ ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଅରୋବିହାରର ସଦସ୍ୟ ତଥା ପୂର୍ବତନ ସମ୍ପାଦକ ଯଜ୍ଞ ନାରାୟଣ ମହାନ୍ତି ଭାରତର ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ। ଅଧ୍ୟକ୍ଷ ପବିତ୍ର ବେହେରା, ଲଳିତ ବେହେରା, ତିଳୋତ୍ତମା ମହାନ୍ତି, କୃଷ୍ଣ ଚୈତନ୍ୟ ସଦୁଆଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାଙ୍କଡ଼ା ପଥର ବୋଝେଇ ପିକ୍ଅପ ଜବତ

ଉଦଳା, ୧୩।୧(ସମିସ): ଉଦଳା ବନ ବିଭାଗ ଦ୍ୱାରା ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଥିବାବେଳେ ଜବତ କରାଯାଇଛି। ଖୁଣ୍ଟା ଥାନା ଅଧୀନସ୍ଥ କେନ୍ଦୁଘାଟି ଅଞ୍ଚଳରେ ଚଢ଼ଉ କରି ଉଦଳା ବନ ବିଭାଗ ଏହି ଚୋରା ମାଙ୍କଡା ଗାଡି ଜବତ କରିଛି। କୁସୁମଘାଟି ଅଞ୍ଚଳରୁ ମାଙ୍କଡା ଚୋରା ଉତ୍ତୋଳନ କରି ତାହାକୁ ଖୁଣ୍ଟା ନେଇ ଆସୁଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ଏହି ଚଢ଼ଉ ହୋଇଥିଲା। ଏହି ଚଢ଼ଉରେ ବନ ବିଭାଗ ଗାଡ଼ିରେ ଥିବା ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। କୁସୁମଘାଟି ଅଞ୍ଚଳରେ ବେଆଇନ ମାଙ୍କଡା ଖାଦାନ ଚାଲିଥିବାବେଳେ ଏହା ଉପରେ ରୋକ ନ ଲାଗିବାରୁ ସକ୍ରିୟ ହେଉଛନ୍ତି ମାଫିଆ ବୋଲି ମତ ପ୍ରକାଶ ପାଇଛି।

● ବିଜେପିର ସାମ୍ବାଦିକ ସମ୍ମିଳନୀ

## ଭିବି ଜି ରାମ୍ ଜି ବିକଶିତ ଭାରତର ଆଧାରଶୀଳା

ବାରିପଦା, ୧୩।୧(ସମିସ): ବିଜେପି ନେତୃତ୍ୱାଧୀନ କେନ୍ଦ୍ରର ଏନଡିଏ ସରକାର ପ୍ରଣୟନ କରିଥିବା 'ଭିବି ଜି ରାମ୍ ଜି' ଆଇନର ଆବଶ୍ୟକତା ଓ ପ୍ରାସଙ୍ଗିକତା ନେଇ ବିଜେପି ମୟୂରଭଞ୍ଜ (ପୂର୍ବ) ଜିଲ୍ଲା ଶାଖା ପକ୍ଷରୁ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ପରିବର୍ତ୍ତେ ନୂତନ ଭାବେ ଆଗତ ବିଶ୍ୱର ଏହି ସର୍ବବୃହତ ସାମାଜିକ ସୁରକ୍ଷା ଆଇନକୁ କେନ୍ଦ୍ର ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ବିକଶିତ ଭାରତବର୍ଷର ଆଧାରଶୀଳା ଭାବେ ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ତକତପୁରସ୍ଥ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବିଜେପି ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି କାହ୍ନୁ ସୋରେନ, ଦଳର ରାଜ୍ୟ ପ୍ରବକ୍ତା ବିଷ୍ଣୁ ଶତପଥୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ଜିଲ୍ଲା ଉପସଭାପତି ପ୍ରଦୀପ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ ପାତ୍ର ଓ ଜିଲ୍ଲା ପ୍ରବକ୍ତା ନରୋତ୍ତମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଜନକଲ୍ୟାଣକାରୀ ଆଇନକୁ ନେଇ କିଛି ବିରୋଧୀ ଦଳ ସାଧାରଣରେ ବିଭ୍ରାନ୍ତି ସୃଷ୍ଟି କରିବା କ୍ଷୋଭର ବିଷୟ ବୋଲି ବିଜେପି ନେତୃବୃନ୍ଦ ମତ ପ୍ରକାଶ କରିଥିଲେ।

## ଗୋରୁମହିଷାଣୀ ବିଦ୍ୟାଳୟର କ୍ରୀଡ଼ା

ଗୋରୁମହିଷାଣୀ, ୧୩।୧(ସମିସ): ଗୋରୁମହିଷାଣୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଦୀପ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ନିକୁଞ୍ଜ ମିଶ୍ର, ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ ଦୟାନିଧି ମହାକୁଡ଼ ଓ ରାମକୃଷ୍ଣ ଦେ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ପ୍ରମୋଦ ତନ୍ତି, ଅଶୋକ ଶତପଥୀ, ତପନ ସାମଲ, ମନୋଜ ବେହେରା, ବିପିନ ଗିରି, ନିରଞ୍ଜନ ଗିରି, ଧନଗୋବିନ୍ଦ ମହାନ୍ତ, ଉତ୍ତମ ମଣ୍ଡଳ, ଖଗେନ୍ଦ୍ର ମଣ୍ଡଳ ପ୍ରମୁଖ କ୍ରୀଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସନ୍ତୋଷ ଡିଜିପି ଡିସ୍କରେ ସମ୍ମାନିତ



ବାରିପଦା, ୧୩।୧(ସମିସ): ସମ୍ମାନଜନକ ଡିଜିପି ଡିସ୍କ ପୁରସ୍କାରରେ କନଷ୍ଟେବଲ ସନ୍ତୋଷ କବି ସମ୍ମାନିତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ଏକମାତ୍ର ସନ୍ତୋଷ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆଙ୍କଠାରୁ ପୁରସ୍କାର ପାଇଛନ୍ତି। ସେ ୨୦୧୯ରେ ପୁଲିସ ବିଭାଗରେ ଯୋଗଦାନ କରିଥିଲେ। ବାରିପଦାସ୍ଥିତ ପୁଲିସ ମୁଖ୍ୟାଳୟ, ଯଶିପୁର ଥାନାରେ କାର୍ଯ୍ୟ କରିବା ପରେ ବର୍ତ୍ତମାନ ବାରିପଦାସ୍ଥ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ କନଷ୍ଟେବଲ ଭାବେ କାର୍ଯ୍ୟରତ ଅଛନ୍ତି। ଗତ ୨ ବର୍ଷ ହେବ ବିଭିନ୍ନ ଅପରାଧ ମାମଲାର ତଦନ୍ତ କରି ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଅପରାଧ ମାମଲାରେ ତଦନ୍ତ କରି ଅପରାଧିକୁ ଧରିବାରେ ପୁଲିସ ସେବା କ୍ଷେତ୍ରରେ ଶ୍ରେଷ୍ଠତାର କାର୍ଯ୍ୟ ପ୍ରଦର୍ଶନ କରିଛନ୍ତି। ଯାହାକୁ ନେଇ ତାଙ୍କୁ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି।

## ପୃଥକ୍ ଦୁର୍ଘଟଣାରେ ୨ ମୃତ

ରାଇରଙ୍ଗପୁର/କରଞ୍ଜିଆ, ୧୩।୧(ସମିସ): କରଞ୍ଜିଆ ଥାନା ଅଞ୍ଚଳରେ ଦୁଇଟି ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। କରଞ୍ଜିଆ ଅଞ୍ଚଳର ସାରଥୀ ଦାସ ଅନ୍ୟ ଜଣଙ୍କ ସହ ବାଇକରେ ଯଶିପୁର ଯାଉଥିଲେ। କୁରୁଳିଆ ଗ୍ରାମ ନିକଟରେ ଏକ କାର୍ ବେପରୁଆ ଭାବେ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକମାନେ ଉଦ୍ଧାର କରି କରଞ୍ଜିଆ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ ପିଆରଏମ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି କରଞ୍ଜିଆ ୱାର୍ଡ ନମ୍ବର ୧୨ ଅଞ୍ଚଳର ରୂପକ ନାଏକ ତାଙ୍କ ବନ୍ଧୁଙ୍କ ସହ ବାଇକରେ ଯାଉଥିଲେ। ଶିଶୁ ମନ୍ଦିର ଛକ ନିକଟରେ ଏକ ଦ୍ରୁତଗାମୀ କାର୍ ଧକ୍କା ଦେଇଥିଲା। ତାଙ୍କୁ କରଞ୍ଜିଆ ହସ୍ପିଟାଲରେ ଭର୍ତ୍ତି କରିବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ମାମଲାରେ ପରିବାର ଲୋକଙ୍କ ଅଭିଯୋଗକ୍ରମେ କରଞ୍ଜିଆ ଥାନାରେ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

**ନାବାଳିକାଙ୍କୁ ଅସଦାଚରଣ ମାମଲା**

## ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡାଦେଶ



ବାରିପଦା, ୧୩।୧(ସମିସ): ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ସ୍ପେଶାଲ ପକସୋ କୋର୍ଟରେ ସୋମବାର ଏକ ନାବାଳିକା ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହିତ ୧୦ ହଜାର ଟଙ୍କା ଜରିମାନା, ଅନାଦେୟ ୬ ମାସ ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ଶୁଳିଆପଦା ଥାନା ଅଧରନ ନୁହାମାଳିଆ ଗ୍ରାମର ବୁଲୁ ମୁଖି (୨୦)।

ସୂଚନା ମୁତାବକ, ୨୦୨୫ ଜୁନ ୩ରେ ଜଣେ ୪ ବର୍ଷର ନାବାଳିକାକୁ ଗାଧୋଇବା ପାଇଁ ନିକଟସ୍ଥ ଜଳାଶୟକୁ ନେଇଯାଇଥିଲେ। ସେଠାରେ ବୁଲୁ ନାବାଳିକାକୁ ଅପ୍ରାକୃତିକ ଯୌନ ନିର୍ଯାତନା ଦେବାରୁ ସେ କଷ୍ଟ ପାଇ କାନ୍ଦିଥିଲା। ନାବାଳିକାର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ନାବାଳିକାକୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଯାହାକୁ ନେଇ ପରିବାର ଲୋକେ ଶୁଳିଆପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ପକସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ପୂର୍ବକ ଅଭିଯୁକ୍ତକୁ ୫ ତାରିଖରେ ଗିରଫ କରିଥିଲା। ୭ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ନାବାଳିକାକୁ କ୍ଷତିପୂରଣ ବାବଦରେ ୧ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

## ବେଆଇନ ଇଟାଭାଟି ଉପରେ ଚାଲିଲା ବୁଲଡୋଜର



'ସକାଳ' ପ୍ରଭାବ

କପ୍ତିପଦା, ୧୩।୧(ସମିସ): କିଛିଦିନ ପୂର୍ବରୁ 'ସକାଳ' ଖବରକାଗଜରେ କପ୍ତିପଦା ବ୍ଲକ ଅଞ୍ଚଳରେ ବେଆଇନ ଇଟାଭାଟି ଛତୁ ଫୁଟିଲା ଭଳି ଗଢିଉଠିଥିବାବେଳେ ପ୍ରଦୂଷଣ ବଢୁଥିବା ନେଇ ଖବର ପ୍ରସାର ହୋଇଥିଲା। ଖବର ପ୍ରସାରଣ ପରେ ଆକ୍ସନ ମୋଡରେ ପ୍ରଶାସନ। ମଙ୍ଗଳବାର କପ୍ତିପଦା ତହସିଲଦାର ଆଶିଷ ମହାପାତ୍ର, କପ୍ତିପଦା ଥାନା ଓ ଅଗ୍ନିଶମ ବିଭାଗ ସହାୟତାରେ ଶାଳଚୁଆ ପଞ୍ଚାୟତ ବିଦ୍ୟାଧରନଗରଠାରେ ବେଆଇନ ଇଟାଭାଟିକୁ ବୁଲଡୋଜରରେ ଭାଙ୍ଗି ପାଣିରେ ମିଶାଇ ଦିଆଯାଇଛି। ଯାହାକି ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଏହା ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇଥିବାବେଳେ ଆଗାମୀ ଦିନରେ ଏହାକୁ ଜୋରଦାର କରାଯିବ ବୋଲି କହିଛନ୍ତି ତହସିଲଦାର। ଏହା ସରକାରୀ ନିୟମ ହୋଇଥିବାବେଳେ କାର୍ଯ୍ୟକାରୀ ହେଉ ନ ଥିଲା। ଏଭଳି ପଦକ୍ଷେପ ନେବା ଦ୍ୱାରା ଇଟାମାଫିଆଙ୍କ ହୋସ ଉଡିଯାଇଛି। ଏଭଳି ପଦକ୍ଷେପ ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ଓ ପ୍ରକୃତିପ୍ରେମୀ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଆସେନ୍ସନ ଲିଡର ତାଲିମ ଶିବିର ଉଦ୍‌ଯାପିତ



ରାଇରଙ୍ଗପୁର, ୧୩।୧(ସମିସ): ଦିବ୍ୟ ଯୋଗ ନଗରୀ ଋଷିକେଶର ପବିତ୍ର ଭୂମିରେ ବିପ୍ର ଫାଉଣ୍ଡେସନ ସଫଳତାର ସହ ଦୁଇଦିନିଆ ନେତୃତ୍ୱ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ଓଡ଼ିଶା ଜୋନ୍ ୧୦ର ଆଞ୍ଚଳିକ ଓ ଚାପ୍ଟର ଅଧିକାରୀ ଉକ୍ତ ଶିବିରରେ ଯୋଗଦେଇ ଉପକୃତ ହୋଇଥିଲେ। ଦେଶ ଓ ବିଦେଶରୁ ମନୋନୀତ ପ୍ରାୟ ୫୦୦ରୁ ଅଧିକ ନେତାଙ୍କୁ ନେତୃତ୍ୱ, ସାଂଗଠନିକ ଦକ୍ଷତା ଓ ସାମାଜିକ ଦାୟିତ୍ୱ ବିଷୟରେ ତାଲିମ ଦିଆଯାଇଥିଲା। ରାଜ୍ୟ ସଭାପତିଙ୍କ ନେତୃତ୍ୱରେ ମହେଶ ଶର୍ମା, ଆଞ୍ଚଳିକ ସାଧାରଣ ସମ୍ପାଦକ ଟିଙ୍କୁ ଚୌମଲ, କୋଷାଧ୍ୟକ୍ଷ ବିଷ୍ଣୁପ୍ରସାଦ ଶର୍ମା, ମହିଳା ସେଲ୍ଫ ସଭାପତି ଅନୀତା ଯୋଶୀ, ଚାପ୍ଟର ସଭାପତି ସୀମା ଚୌମଲ, ମାଧବୀ ଶର୍ମା, ଚାପ୍ଟର ସଭାପତି ସୁଭାଷ ଯୋଶୀ ଓ ସଚିବ ଶଶୀକାନ୍ତ ଶର୍ମା ତାଲିମ ଶିବିରରେ ଅଂଶଗ୍ରହଣ କରିଥିଲେ। ଜାତୀୟ ମହିଳା ସେଲ୍ଫ ପ୍ରଭାରୀ ପୁନମ ଶର୍ମା, ଜାତୀୟ ଉପାଧ୍ୟକ୍ଷ ଓ ଓଡ଼ିଶା ପ୍ରଭାରୀ ପୁରୁଷୋତ୍ତମ ଶର୍ମା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମୋତର ଶର୍ମା ଉପସ୍ଥିତ ଥିଲେ। ବିପ୍ର ଫାଉଣ୍ଡେସନ ରାଷ୍ଟ୍ରୀୟ ପ୍ରତିଷ୍ଠାତା ସୁଶୀଲ ଓଝା ଓ ଜାତୀୟ ସଂଗଠନ ମହାସଚିବ ଡ ସୁନୀଲ ଶର୍ମା ପରିଦର୍ଶକ ନେତାଙ୍କୁ ସେମାନଙ୍କ ଜୋନ୍ ଓ ଚାପ୍ଟର ତାଲିମ ଶିବିର ବିଷୟରେ ସୂଚନା ଦେଇଥିଲେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଧେଶ୍ୟାମ ଗୁରୁଜୀ, ସମ୍ପର୍କ, ଆଲୋଚନା, ବୈଠକ, ଭ୍ରମଣ ଓ ସମର୍ପଣର ପାଞ୍ଚଟି ନୀତି ମାଧ୍ୟମରେ ବିପ୍ର ଫାଉଣ୍ଡେସନର ମୂଳଦୁଆକୁ ମଜବୁତ କରିବାକୁ ଆହ୍ୱାନ କରିଥିଲେ। ସ୍ୱାମୀ ଅବଧେଶାନନ୍ଦ ଗିରି ଓ ଅଭୟାନନ୍ଦ ମହାରାଜ ବ୍ରାହ୍ମଣ ସମନ୍ୱୟ ଓ ଏକ ଦୃଢ଼ ସମାଜ ଗଠନର ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଶେଷ ଅଧିବେଶନରେ ସମସ୍ତ ନେତାଙ୍କୁ ସ୍ମାରକୀ ଓ ତାଲିମ ଶିବିର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ରାଜ୍ୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ



ବାରିପଦା, ୧୩।୧(ସମିସ): ହସ୍ତତନ୍ତର ପ୍ରଚାର ଓ ପ୍ରସାର ପାଇଁ ମୟୂରଭଞ୍ଜର ଗଣପର୍ବ ମକର ଉପଲକ୍ଷେ ସ୍ଥାନୀୟ ଛଉ ପଡ଼ିଆରେ ବୟନିକା ପକ୍ଷରୁ ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ରାଜ୍ୟ ହସ୍ତତନ୍ତ ମେଳା ଉଦଘାଟିତ ହୋଇଛି। ଏହି ମେଳା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ମେଳାକୁ ଉଦ୍‌ଘାଟନ କରିଛନ୍ତି। ଏଠାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ବୁଣାକାରଙ୍କ ପ୍ରସ୍ତୁତ ଆକର୍ଷଣୀୟ ହସ୍ତତନ୍ତ ଉତ୍ପାଦ ପ୍ରଦର୍ଶିତ ହେବା ସହିତ ସ୍ୱତନ୍ତ୍ର ରିହାତିରେ ବିକ୍ରି ହେଉଛି। ମୟୂରଭଞ୍ଜରେ ଜାନୁଆରୀ ମାସ ଏକ ପାର୍ବଣ ମାସ ଭାବେ ପରିଚିତ ଥିବାରୁ ତଥା ମକର ପର୍ବ ଥିବାରୁ ବୁଣାକାର ଭଲ ବେପାର ହେବାର ଆଶା ରଖିଛନ୍ତି। ପ୍ରଥମ ଦିବସରେ ମଧ୍ୟ ସ୍ଥାନୀୟ ଲୋକ ପାଟରେ ପ୍ରସ୍ତୁତ ସ୍ୱତନ୍ତ୍ର ଡିଜାଇନର ପୋଷାକକୁ କିଣିବାକୁ ବେଶ୍ ଆଗ୍ରହ ଦେଖାଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଓଏସଡି ବୟନିକା ପ୍ରଶାନ୍ତ ରଥ, ବୟନିକା ଇଂଜିନିୟରିଂ ବିଭାଗ ଅଧିକାରୀ ବିଭୁକଲ୍ୟାଣ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର ମୁଦୁୟା ପ୍ରମୁଖ ଯୋଗ ଦେଇଥିଲେ।

**ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ସାଂସଦ ମମତାଙ୍କ ପତ୍ର**

# ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ନିୟମିତକରଣ ଦାବି

ବାରିପଦା, ୧୩।୧(ସମିସ): ସ୍ୱୟଂ ଆର୍ଥିକ ପାଠ୍ୟକ୍ରମ (ଏସଏଫସି) ବିଭାଗର ନିୟମିତକରଣ ସମ୍ପର୍କରେ ସାଂସଦ ମମତା ମହନ୍ତ ଉଚ୍ଚଶିକ୍ଷା ମନ୍ତ୍ରୀ ଓଡ଼ିଶା ସରକାରଙ୍କୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଶ୍ୱବିଦ୍ୟାଳୟର ଅଧିକାଂଶ ବିଭାଗ ଏସଏଫସି ମୋଡ୍ ଅଧୀନରେ କାର୍ଯ୍ୟ କରୁଛି। ଯାହାକି ଛାତ୍ରଙ୍କୁ ଅଧିକ କୋର୍ସ ଫି ଓ ବିକାଶ ଦେୟ ଦେବାକୁ ବାଧ କରାଯାଉଛି। ସାଂସଦ ତାଙ୍କ ଚିଠିରେ ବିଭିନ୍ନ ପିଜି ବିଭାଗକୁ ନିୟମିତ ଘୋଷଣା କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ବାଣିଜ୍ୟ, ଇଂରାଜୀ, ଭୂବିଜ୍ଞାନ, ଇତିହାସ, ରାଜନୀତି ବିଜ୍ଞାନ, ରିମୋଟ ସେନସିଂ ଓ ଜିଆଇଏସ, ଯୋଗ, ନେଚୁରୋପାଥି, ସଂସ୍କୃତକୁ ନିୟମିତ ବିଭାଗ ଘୋଷଣା କରିବା ସହ ସେହି ଅନୁଯାୟୀ ଶିକ୍ଷକ ଓ ଅଣଶିକ୍ଷକ ପଦବୀକୁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। କେତେକ ଏସଏଫସି ବିଭାଗ ନିୟମିତ ଘୋଷିତ ହୋଇସାରିଛି। କିନ୍ତୁ ଅଧ୍ୟାପକ ନିଯୁକ୍ତି ବିଚାରାଧୀନ ଅଛି। ଅଧ୍ୟାପକ ନିଯୁକ୍ତି ସହ ଜଡିତ କୋର୍ଟ ମାମଲାର ସମାଧାନ ପାଇଁ ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ ଉଚ୍ଚଶିକ୍ଷା ବିଭାଗକୁ ପ୍ରସ୍ତାବ ଦେଇଛନ୍ତି। ଏଥିସହ ସେ ଦର୍ଶାଇଛନ୍ତି ଯେ ବିଶ୍ୱବିଦ୍ୟାଳୟରେ ୯୮ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ମଧ୍ୟରୁ ୬୦ଟି ପଦବୀ ଖାଲି ପଡ଼ିଛି। ଯେଉଁଥିରେ ବିଭିନ୍ନ ବିଭାଗର ପ୍ରଫେସର ପଦବୀ ମଧ୍ୟ ଦୀର୍ଘଦିନ ଧରି ଖାଲି ରହିଛି। ସେ ତାଙ୍କ ପତ୍ର ରେ ଦର୍ଶାଇଛନ୍ତି ଯେ, ରାଜ୍ୟରେ ବିଶ୍ୱବିଦ୍ୟାଳୟରେ ଜୁନିୟର ଆସିଷ୍ଟାଣ୍ଟ, ସିନିୟର ଆସିଷ୍ଟାଣ୍ଟ ଓ ସେକ୍ସନ୍ ଅଫିସର ପଦବୀ ପାଇଁ ୨୦୨୫ ଜାନୁଆରୀରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ପ୍ରଶାସନିକ ଅଧିକାରୀ, ସହକାରୀ ରେଜିଷ୍ଟ୍ରାର ଇତ୍ୟାଦି ଅନ୍ୟାନ୍ୟ ପଦବୀ ପାଇଁ ବିଜ୍ଞପ୍ତି ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ତେଣୁ ମୟୂରଭଞ୍ଜ ଭଳି ଏକ ଆଦିବାସୀ ବହୁଳ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ଏଭଳି ଏକ ପୁରାତନ ବିଶ୍ୱବିଦ୍ୟାଳୟର ଗାରିମା ବଜାୟ ରଖିବା ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀ ପଦକ୍ଷେପ ନେବେ ବୋଲି ସାଂସଦ ଶ୍ରୀମତୀ ମହାନ୍ତ ଆଶାବ୍ୟକ୍ତ କରିଛନ୍ତି।

# ବମ୍ପେ ଛକ ହାଟରେ ଅସମ୍ଭାଳ ଭିଡ଼



ସାରସକଣା,୧୩।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ପର୍ବ ଶୀତ ସାଙ୍ଗକୁ ଆମ୍ବ ବଉଳର ସମ୍ଭାର ନେଇ ମୟଭୂରଭଞ୍ଜ ଜିଲ୍ଲାର ଗଣପର୍ବ "ମକର ସଂକ୍ରାନ୍ତି' ଆସିଛି। ନୂଆ ଧାନ ଅମଳ ହୋଇ ଆସିବା ସହିତ ଆନନ୍ଦ ଉଲ୍ଲାସର ମାହୋଲ ନେଇ ମକର ସଂକ୍ରାନ୍ତି ଆସୁଥାଏ। ସମଗ୍ର ଜିଲ୍ଲାରେ ସେ ନେଇ ସବୁଠି ଆଗ୍ରହ ଉଦ୍ଦୀପନା। ଜିଲ୍ଲା ବ୍ୟାପି ଲୋକମାନେ ଘର ଲିପା ପୋଛାଠୁ ନେଇ ଖଳାରେ ମକର ମଉଜ ପାଇଁ ସବୁଠି ନାହିଁ ନ ଥିବା ଭିଡ଼। ଧାନ ଅମଳ କାମ ମଧ ଶେଷ କରିଛନ୍ତି। ମକର ପର୍ବ ପାଇଁ କେବଳ ଗାଁରେ ନୁହେଁ, ସବୁଆଡେ ମକର ହାଟ ଲାଗିଛି। ମଙ୍ଗଳବାର ବାଉଣ୍ଡି ଥିବାବେଳେ ବୁଧବାର ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ସଂକ୍ରାନ୍ତି। ଆଉ ଗଣପର୍ବ ମକରକୁ ଆନନ୍ଦ ଉଲ୍ଲାସରେ ପାଳନ ପାଇଁ ଜିଲ୍ଲାର ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠି ଉତ୍ସବ ମୁଖର ହୋଇଉଠିଛି। ମକର ପର୍ବର କିଣାକିଣି ପାଇଁ ଜିଲ୍ଲାବ୍ୟାପି ଦୋକାନ ବଜାର, ପରିବା ମାର୍କେଟ ସବୁଠି ପ୍ରବଳ ଜନଗହଳି ଲାଗି ରହିଛି। ମକର ପାଳିବା ଲାଗି କିଏ ନୂଆ ପୋଷାକ କିଣିବାରେ ଲାଗିଛନ୍ତି ତ ଆଉ କିଏ ଘରେ ପିଠାପଣା ପ୍ରସ୍ତୁତ କରିବା ପାଇଁ ହାଟରେ ଗୁଡ଼, ବିରି ଆଦି ସରଞ୍ଜାମ କିଣିବାର ବ୍ୟସ୍ତ। ତେଣୁ ଆଜି ଦେଖିବାକୁ ମିଳିଛି ସାରସକଣା ବ୍ଲକ୍ ଝାରପୋଖରୀଆ ହାଟରେ। ଝାରପୋଖରୀଆ ପଞ୍ଚାୟାତ ପକ୍ଷରୁ ସପ୍ତାହିକ ହାଟ ବମ୍ପେ ଛକ ବଜାରଠାରେ ପ୍ରତ୍ୟେକ ସପ୍ତାହ ଗୋଟିଏ ଦିନ ମଙ୍ଗଳବାର ହେଉଛି। କାଲି ସକାଳ ପାଇଲେ ମକର ତେଣୁ ଘମାଘୋଟ ଭିଡ଼ ଦେଖିବାକୁ ମିଳିଛି। ଆଜି ବେଶ ଗହଳି ହୋଇଥିବା ଦେଖିବାକୁ ମିଳିଥିଲା। ପାଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ସହିତ ଝାଡ଼ଖଣ୍ଡର ବେପାରୀ ଆସି ବ୍ୟବସାୟ କରନ୍ତି। ଆଜି ବାଉଣ୍ଡି ହାଟ ଦିନ ହାଟ ଥିବାରୁ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ୬୦ ଲକ୍ଷ ଊର୍ଦ୍ଧ୍ୱ କାରବାର ହୋଇଥିବା ଜଣାପଡିଛି। ଯେହେତୁ ବହୁତ ପୁରୁଣା ହାଟ ବମ୍ପେ ଛକ ହାଟ ସମସ୍ତ ଆଦିବାସୀଙ୍କ ସହିତ ଓଡ଼ିଆ ଲୋକଙ୍କ ଜନଗହଳି ଲାଗି ରହିଥିଲା। ଜାତୀୟ ରାଜପଥ ପାଖରେ ହାଟ ହାଟ ହେଉଥିବାରୁ ପୁଲିସ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇନାହିଁ।

# ସାନ୍ତାଳ ସମ୍ପ୍ରଦାୟର ଅସ୍ଥି ବିସର୍ଜନ ପାଇଁ ପ୍ରସ୍ତୁତି ବୈଠକ



ବଡ଼ସାହି,୧୩।୧(ସମିସ): ଚନ୍ଦନପୁର ପଞ୍ଚାୟତ ଶଙ୍କୁଚା-ଡିଙ୍ଗିରା ତୁପୁନାଇ ଘାଟରେ ପ୍ରତିବର୍ଷ ଭଳି ଚଳିତବର୍ଷ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେଥିପାଇଁ ସାର୍ନା ଧରମ ଜ ବାହା ତୁପୁନାଇ ଘଟ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। କମିଟି ସଭାପତି ମୋଚିରାମ ସରେନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ହରିଶ୍ଚନ୍ଦ୍ର ମୁର୍ମୁ, ଉପସଭାପତି ତ୍ରିଭାନ ମୁର୍ମୁ, ଘାଟ ପାର୍ଗାନା ଚୁନୁକୁରାମ ମୁର୍ଖ ବାଡା ସରେନ, ଶ୍ୟାମସୁନ୍ଦର ମୁର୍ମୁ, କୋଷାଧ୍ୟକ୍ଷ ରଘୁନାଥ ସରେନ, ଉପଦେଷ୍ଟା ବୁଧିବାସ ଟୁଡୁ, ଉଦୟନାଥ ମୁର୍ମୁ, ବୀରଭଦ୍ର ମୁର୍ମୁ ପ୍ରମୁଖ ଯୋଗଦେଇ ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମକୁ ନେଇ ଆଲୋଚନା କରିଥିଲେ। ୨ ଦିନ ୧୬ ଓ ୧୭ ତାରିଖରେ ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି। କମିଟି ପକ୍ଷରୁ ଲୋକଙ୍କ ସୁରକ୍ଷା, ପାନୀୟଜଳ ଯୋଗାଣ, ଆଲୋକ ସଜ୍ଜା, ସାଇକଲ ଷ୍ଟାଣ୍ଡ, ରାସ୍ତା ମରାମତି କରାଯିବାକୁ ବ୍ୟବସ୍ଥା ହୋଇଥିବା ସମ୍ପାଦକ ଶ୍ରୀ ମୁର୍ମୁ ସୂଚନା ଦେଇଛନ୍ତି। ଏ ଅବସରରେ କମିଟି ସଦସ୍ୟଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିବାବେଳେ ବୁଦ୍ଧିବାସ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମକର ପାଇଁ ପୁରପଲ୍ଲୀ ଉତ୍ସବ ମୁଖର



● ଘରେ ଘରେ ପ୍ରସ୍ତୁତ ହେବ ମାଂସ ପିଠା
● ଭୋରରେ ଜଳାଶୟରେ ବୁଡ଼ ସାଙ୍ଗକୁ ଜଳିଲା ମକର କୁମା





ବାରିପଦା, ୧୩।୧(ସମିସ):

ନୂତନ ବର୍ଷର ସମ୍ଭାର ସହ ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ସଂକ୍ରାନ୍ତି ଆସିଛି। ବୁଧବାର ମକର ସଂକ୍ରାନ୍ତି ପାଇଁ ପୁରପଲ୍ଲୀ ଉତ୍ସବ ମୁଖରିତ ହୋଇଛି। ମଙ୍ଗଳବାର ବାଉଣ୍ଡି ଯାଇଥିବାବେଳେ ବୁଧବାର ମକର ସଂକ୍ରାନ୍ତି ପାଇଁ ସକାଳୁ ମକର ମାହୋଲ ଆରମ୍ଭ ହେବ। ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହେବ। ନୂଆ ଧାନ ଅମଳ ହୋଇ ଆସିଥିବାବେଳେ ପୂଜାର୍ଚ୍ଚନା କରି ଜିଲ୍ଲାବାସୀ ବେଶ ଆଗ୍ରହ ଉଦ୍ଦୀପନାରେ ମକର ସଂକ୍ରାନ୍ତି ପାଳନ କରୁଛନ୍ତି। ଘରେ ଘରେ ଆରିଷା, କାକରା ଆଦି ପିଠା ପ୍ରସ୍ତୁତି ଚାଲିଛି। ଏହା ମଧ୍ୟରେ ଆଦିବାସୀ ଓ କୁଡମୀ ସମ୍ପ୍ରଦାୟର ମକରର ନିଆରା ମାଂସ ପିଠା ତିଆରି ହେବ। ସକାଳୁ ଉଠି ଜଳାଶୟରେ ବୁଡ଼ ପକାଇବା ସହିତ ନୂତନ ବସ୍ତ୍ର ପରିଧାନ କରି ମକର କୁମା ଜାଳିବେ। ଗାଁ ଠାକୁରିଣୀ, ମନ୍ଦିର, ଘର ଠାକୁର ସହିତ କୁମାରୀ ଦେବୀ 'ଟୁସୁ'ଙ୍କୁ ପ୍ରଥମ ଭୋଗ ଲାଗି ହେବ। ଯାହାକି 'ମକର ଚାଉଳ' ଭାବେ ଜଣାଶୁଣା। ଯାହାକୁ ସମସ୍ତେ ପ୍ରସାଦ ରୂପେ ପାଇବେ। ଏଥିସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ମକର ମେଳା, ଟୁସୁ ଶୋଭାଯାତ୍ରା ଓ ଭସାଣି ସହିତ ମକର ମଉଜ ପାଇଁ ପ୍ରସ୍ତୁତି ଶେଷ ହୋଇଛି।

ଗଣପର୍ବ ମକର ପାଇଁ ଦୂରଦୂରାନ୍ତରୁ ଗାଁକୁ ଫେରିଛନ୍ତି ଚାକିରିଆ ଓ ଶ୍ରମିକ। ରାଜ୍ୟ ସରକାର ସଂକ୍ରାନ୍ତି ସହିତ ତହିଁ ପରଦିନ ୧୫ ତାରିଖ ଗୁରୁବାର ମୟୂରଭଞ୍ଜବାସୀଙ୍କ ପାଇଁ ଅତିରିକ୍ତ ସରକାରୀ ଛୁଟି ଘୋଷଣା କରିଛନ୍ତି। ଏଣୁ ପର୍ବ ପାଳନ ସମୟରେ ନୂଆ ପୁରୁଣା ବନ୍ଧୁଙ୍କ ସମାଗମ ଭିନ୍ନ ପରିବେଶ ସୃଷ୍ଟି ହୋଇଛି। ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଓ କୁଡମୀ ସମ୍ପ୍ରଦାୟ ପାଇଁ ଏହା ବେଶ ଗୁରୁତ୍ୱ ବହନ କରୁଥିବାବେଳେ ମାସ ତମାମ ମକର ମଉଜ ଜାରି ରହିବ। ମକର ମେଳା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ କ୍ରୀଡ଼ା ପ୍ରତିଯୋଗିତା, କୁକୁଡ଼ା ଲଢେଇ ସମେତ ଜୁଆ ଖେଳ ମଧ୍ୟ ଜମିବ। ଯାହାକି ମକର ସମୟରେ ଅପରାଧିକ କାର୍ଯ୍ୟକଳାପର କାରଣ ସାଜିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଉପରେ ଅଙ୍କୁଶ ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି । ମକର ସଂକ୍ରାନ୍ତି ପରେ ଆଦିବାସୀଙ୍କ ସମୂହ ଅସ୍ଥି ବିସର୍ଜନ ପାଇଁ ତ୍ରିବେଣୀ ସ୍ଥଳରେ ଦାମୋଦର ମେଳା ଅନୁଷ୍ଠିତ ହେବ।

# ଆଜିଠୁ ଦୋମୁହାଣୀ ମକର ମହୋତ୍ସବ





ଖୁଣ୍ଟି, ୧୩।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଅନନ୍ୟ ଗଣପର୍ବ ମକର। ସମଗ୍ର ଜିଲ୍ଲାରେ ଏହି ପର୍ବ ୩ରୁ ୭ ଦିନ ଧରି ପାଳିତ ହୋଇଥାଏ। ଏ ଅଞ୍ଚଳର ରେଜେଷ୍ଟ୍ରିକୃତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୁଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦ ଆନୁକୂଲ୍ୟରେ ପୂର୍ବ ବର୍ଷ ଭଳି ବୈତରଣୀ ଓ ଖାଇରଭଣ୍ଡନ ନଦୀ ଦ୍ୱୟର ସଙ୍ଗମ ସ୍ଥଳ ଐତିହ୍ୟ ସମ୍ପନ୍ନ ଦୋମୁହଣୀ ପୀଠରେ ଚତୁର୍ଦ୍ଦିବସୀୟ ମକର ମହୋତ୍ସବକୁ ନିଆରା ଢଙ୍ଗରେ ଆୟୋଜନ କରାଯାଉଛି। ୧୪ ତାରିଖରେ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରରେ ଯଥାବିଧି ପୂଜାର୍ଚ୍ଚନା, ପ୍ରସାଦ ସେବନ ଓ ପାଲା ପରିବେଷଣ, ୧୫ ତାରିଖରେ ପାରମ୍ପରିକ ଲୋକ ନୃତ୍ୟ 'ଝୁମର', ୧୬ ତାରିଖରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଓ ୧୭ ତାରିଖରେ ଆଦିବାସୀ ନୃତ୍ୟ ଓ ଟୁସୁ ମିଳନ ପ୍ରଭୃତି କାର୍ଯ୍ୟକ୍ରମ ରହିଛି। ଏହି ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଅନେକ ବୁଦ୍ଧିଜୀବୀ, ସମାଜସେବୀ, ସ୍ୱୟଂସହାୟକ ଗୋଷ୍ଠୀ, ବରିଷ୍ଠ ନାଗରିକଙ୍କ ସମେତ ଯୁବ ସମ୍ପ୍ରଦାୟ ଓ ସ୍ଥାନୀୟ ଜନସାଧାରଣ ପ୍ରୟାସ ଜାରି ରଖିଛନ୍ତି ବୋଲି ସଭାପତି ଡ. ବଳଭଦ୍ର ଘଡାଇ ସୂଚନା ଦେଇଛନ୍ତି।

# ଆଜି ମକର, ସବୁଠି କିଣାକିଣି



କପ୍ତିପଦା,୧୩।୧(ସମିସ): ମୟୂରଭଞ୍ଜର ଗଣପର୍ବ ମକର। ଆସନ୍ତାକାଲି ମକର ସଂକ୍ରାନ୍ତିରେ ବ୍ରାହ୍ମ ମୁହୁର୍ତ୍ତରୁ ସ୍ନାନସାରି ନିଜ ଧାନଖଳାରେ ପୂଜାପାଠ କରିସାରିବା ପରେ ଘରେ ଘରେ ପିଠାପଣାର ଆସର ଜମିବ। ସାପ୍ତାହିକ ହାଟରୁ ନୂଆଲୁଗା ଚୁଡ଼ା, ତଳିଉ, ଆଖୁ, ଗୁଡ଼ କିଣା ହୋଇଥିବାବେଳେ ଆଜି ମକର ଚାଉଳ ପ୍ରସ୍ତୁତ ହୋଇଛି। ମକରର ଏକମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଯାଏ। ଘର ଲିପାପୋଛା କରିବା ସହିତ ରଙ୍ଗ ବେରଙ୍ଗରେ ଘରକୁ ସଜ୍ଜା ହୋଇଥାଏ। ପୂର୍ବରୁ ଧାନ ଅମଳ କାମ ସରିଥିବାବେଳେ ଧୁମଧାମରେ ମକରପର୍ବ ପାଳିତ ହୁଏ। କପ୍ତିପଦା ବ୍ଲକର ଗାଁ ଠାରୁ ଆରମ୍ଭ କରି ସହର ସବୁଠି ଏହି ଗଣପର୍ବ ପାଳନ ହୁଏ।। ବନ୍ଧୁବାନ୍ଧବ, ଝିଅ ଝିଆଣୀରେ ଘର ପୂରି ଉଠେ। ବର୍ଷକର ଅପେକ୍ଷା ପରେ ଏହି ମକରକୁ ୭ ଦିନ ପାଳନ କରାଯାଏ। କପ୍ତିପଦା ବ୍ଲକର ପ୍ରଥମ ୨ଦିନ ମା'ଟାଙ୍ଗରାଶୁଣୀ ପୀଠରେ ହଜାର, ହଜାର ଭକ୍ତ ନିଜର ମାନସିକ ପୂଜା କରିଥା'ନ୍ତି। ତୃତୀୟ ଓ ଚତୁର୍ଥ ଦିନରେ ଟାଙ୍ଗିଆରେ ମଠ, ମନ୍ଦିରରେ ପୂଜାପାଠ ହୋଇଥାଏ। ଆଉ ୩ଦିନ କିମ୍ବଦନ୍ତୀ ପାହାଡ଼ ସମୀବୃକ୍ଷରେ ମେଳା ବସେ। କପ୍ତିପଦା ଅଞ୍ଚଳରେ ୭ ଦିନ ଧରି ମକରପର୍ବ ପାଳନ ହେଉଥବାବେଳେ ଅଞ୍ଚଳରେ ଏକ ଆଧାତ୍ମିକ ବାତାବରଣରେ ଭାଇଚାରା ଅତୁଟ ରହେ। ଚାଷ ସରିଯାଇଥିବାରୁ ପ୍ରତ୍ୟେକ ପରିବାର ଏହି ମକର ପର୍ବର ମଜା ନେଇଥା'ନ୍ତି।

# ରୋଟାରୀ କ୍ଲବ ପକ୍ଷରୁ ମାଙ୍କିଡ଼ିଆଙ୍କୁ ଶୀତବସ୍ତ୍ର ବଣ୍ଟନ



ବାରିପଦା, ୧୩।୧(ସମିସ): ବାରିପଦା ରୋଟାରୀ କ୍ଲବ ପକ୍ଷରୁ ଶିମିଳିପାଳ ପାଦଦେଶରେ ଥିବା ବଣିଆବସା ଗ୍ରାମର ମାଙ୍କିଡିଆ ସମ୍ପ୍ରଦାୟଙ୍କ ମଧ୍ୟରେ ମାଆ ଓ କିଶୋରୀ କନ୍ୟାଙ୍କ ସ୍ୱାସ୍ଥ୍ୟ କଲ୍ୟାଣ ପ୍ରକଳ୍ପ ଆନୁକୂଲ୍ୟରେ ଏକଦିବସୀୟ ଶିବିର ସଭାପତି ଭବାନୀଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏ ଅବସରରେ ଗ୍ରାମର ଅଭ୍ୟନ୍ତରରେ ବସବାସ କରୁଥିବା ମାଙ୍କିଡିଆ ଅଧିବାସୀଙ୍କ ଗହଣରେ ମକର ଅଭିନନ୍ଦନ କାର୍ଯ୍ୟକ୍ରମ ସହ ରୋଟାରିଆନ ଗ୍ରାମର କିଶୋରୀ କନ୍ୟା ଓ ମହିଳାଙ୍କୁ ସାନିଟାରୀ ନାପକିନର ବ୍ୟବହାର ଓ ତା'ର କିଶୋରୀଙ୍କ ସ୍ୱାସ୍ଥ୍ୟ ଉପରେ ଗୁଣାତ୍ମକ ପ୍ରଭାବ ସମ୍ପର୍କରେ ସଚେତନ କରି ପ୍ରାୟ ୧୦୦୦ ସଂଖ୍ୟକ ନାପକିନ ବଣ୍ଟନ କରାଯାଇଥିଲା। ପରେ ପରେ ଗ୍ରାମର ବୃଦ୍ଧବୃଦ୍ଧା ଓ ଶିଶୁଙ୍କ ସମେତ ପ୍ରାୟ ୨୫୦ ଜଣ ଗ୍ରାମବାସୀଙ୍କୁ କମ୍ବଳ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମଟିର ସୁଚାରୁ ପରିଚାଳନାରେ ସହଯୋଗ କରିଥିବା ସଦସ୍ୟ ସଦସ୍ୟାଙ୍କୁ ପ୍ରକଳ୍ପ ଅଧ୍ୟକ୍ଷ ରୋଟାରିଆନ୍ ରାକେଶ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ। କ୍ଲବର ବରିଷ୍ଠ ସଦସ୍ୟ ସଦସ୍ୟା ରୋଟରିଆନ ପ୍ରଶାନ୍ତ ଜେନା, ରୋଟାରିଆନ ଅରୁଣ ଦାଶ, ରୋଟାରିଆନ ଗଣେଶ ଦାସ, ପ୍ରାକ୍ତନ ସଭାପତି ଜ୍ୟୋତିରଞ୍ଜନ ସାହୁ, ଡ.ପୁଷ୍ପା ପାତ୍ର ଓ ପ୍ରାକ୍ତନ ସମ୍ପାଦିକା ବୀଣାପାଣି ଦାଶ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନରେ ସହଯୋଗ କରିଥିଲେ।

# ସାଂସଦଙ୍କ ଶୀତବସ୍ତ୍ର ବଣ୍ଟନ



ବାରିପଦା, ୧୩।୧(ସମିସ): ମକର ସଂକ୍ରାନ୍ତି ଅବ୍ୟବହିତ ପୂର୍ବରୁ ବାଉଣ୍ଡି ଦିନ ମୟୂରଭଞ୍ଜ କଲେଜ ଅଫ ଏକାଉଣ୍ଟେନ୍ସ ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା (ଏନଏସଏସ) ଓ ରେଡକ୍ରସ ୟୁନିଟ ଦ୍ୱାରା ବାରିପଦା ସହରର ବେସାହାରା ଓ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସ ଆଣ୍ଡ ମ୍ୟାନେଜମେଣ୍ଟ ଅଧ୍ୟକ୍ଷ ପ୍ରଦୀପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ବେସାହାରା ଓ ଅସହାୟ ଲୋକଙ୍କୁ କମ୍ବଳ ଓ ଶୀତବସ୍ତ୍ର ବଣ୍ଟନ କରିଥିଲେ। ସେ ଏନଏସଏସ ଓ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ସେବା ମନୋଭାବକୁ ପ୍ରଶଂସା କରି ଏଭଳି ସାମାଜିକ କାର୍ଯ୍ୟକଳାପ ଆଗାମୀ ଦିନରେ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଛାତ୍ର କଲ୍ୟାଣ ଅଧିକାରୀ ଓ ବିଏଲ୍ଏଲ ବି ବିଭାଗର ଅଧ୍ୟାପକ ସମ୍ବିତ ମିଶ୍ର ଏବଂ ମୟୂରଭଞ୍ଜ ସାଇନ୍ସ ହାଇୟର ସେକେଣ୍ଡାରୀ ସ୍କୁଲର ଉପାଧ୍ୟକ୍ଷ ସୁଜାତା ପାଲ ଯୋଗ ଦେଇଥିଲେ। ଏନଏସଏସ ଅଧିକାରିଣୀ ସୁଶ୍ରୀ ନାୟକ ଓ ରେଡକ୍ରସ ଅଧିକାରିଣୀ ପୂଜା ଶତପଥି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ୩୦ରୁ ଅଧିକ ଏନଏସଏସ ଓ ରେଡକ୍ରସ ସ୍ୱେଚ୍ଛାସେବୀ ସହାୟତା କରିଥିଲେ। ପ୍ରାୟ ୨୦୦ ଜଣ ବେସାହାରା ଓ ଅସହାୟ ଲୋକ ଶୀତବସ୍ତ୍ର ପାଇଥିଲେ।

# ଗଣପର୍ବ ପାଇଁ ଝଲସିଲାଣି ରାଇରଙ୍ଗପୁର ଉପଖଣ୍ଡ



ରାଇରଙ୍ଗପୁର, ୧୩।୧(ସମିସ):

ଜିଲ୍ଲାର ଗଣ ପର୍ବ ମକର ସଂକ୍ରାନ୍ତି ପାଇଁ ରାଇରଙ୍ଗପୁର ଉପଖଣ୍ଡର ୭ ଟି ବ୍ଲକର ଗାଁଠାରୁ ସହର ଉତ୍ସବ ମୁଖରିତ ହୋଇଛି। ମକର ପର୍ବ ଆଗମନ ସମସ୍ତେ ଅନୁଭବ କଲେଣି। ଆଦିବାସୀ ଗ୍ରାମରେ ମାଟି କାନ୍ଥ ଘରକୁ ସୁନ୍ଦର ହସ୍ତକଳାରେ ଆଙ୍କିବା ସହିତ ଗାଁ ପୁଅଝିଅ ଜଳାଶୟ ନିକଟରେ ଡାଳ ଓ ଝଟା ଗଦା କରି ମକର ପଲା (କୁମା) କରିଛନ୍ତି। ଗାଁ ଗାଁରେ ମାଦଳର ଶବ୍ଦ ଓ ଟୁସୁଗୀତ ସ୍ୱର ଶୁଭୁଲାଣି। ସାପ୍ତାହିକ ହାଟମାନଙ୍କରେ ରଙ୍ଗବେରଙ୍ଗ ପୋଷାକଠାରୁ ଆରମ୍ଭ କରି ଲୁଗା, ଶୀତବସ୍ତ୍ର, ବାସନକୁସନ, କଳସୀ, ହାଣ୍ଡି, ମାଟି ଘୋଡ଼ା, କୁଲା ପାଛିଆ ଓ ଘରର ଆସବାବପତ୍ର କିଣାକିଣି ଜୋର ଧରିଲାଣି। ଉପଖଣ୍ଡରେ ଏହି ପର୍ବ ଖୁବ ଆଡ଼ମ୍ବର ସହିତ ପାଳିତ ହୋଇଥାଏ।

ଏହା ଏକ କୃଷିଭିତ୍ତିକ ପର୍ବ। ସାଧାରଣତଃ ଖରିଫ ଧାନ ଫସଲ ଅମଳ ପରେ ଚାଷ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଚାଷ ଉପକରଣକୁ ବିଶ୍ରାମ ଦେବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଚାଷୀ ପରିବାରରେ ଖଳାରେ ପୂଜା ଅନୁଷ୍ଠିତ ହୋଇଥାଏ। ଜିଲ୍ଲାରେ ବସବାସ କରୁଥିବା କୁଡୁମୀ, ଆଦିବାସୀ ଓ ସମସ୍ତ ଜନସାଧାରଣଙ୍କ ଘରେ ଘରେ ଏହି ପର୍ବ ପାଳିତ ହୋଇଥାଏ। ଆଦିବାସୀ ଘର କାନ୍ଥ ମାସକ ପୂର୍ବରୁ ସୁନ୍ଦର ଭାବେ ଅଙ୍କାଯାଇସାରିଛି। ମକର ପର୍ବ ୩ ଦିନ ପାଳିତ ହୋଇଥାଏ। ସ୍ଥାନୀୟ ମତରେ ପୌଷ ମାସର ଶେଷ ଦିନରେ ବାଉଣ୍ଡି, ମାଘ ମାସ ସଂକ୍ରାନ୍ତି ଦିନ ମକର ଓ ତୃତୀୟ ବା ଶେଷ ଦିନ ଆଖାନ ଭାବରେ ପାଳନ ହୋଇଥାଏ। ମକର ସଂକ୍ରାନ୍ତିରେ ସୂର୍ଯ୍ୟୋଦୟ ପୂର୍ବରୁ ଜଳାଶୟରେ ବୁଡ଼ ପକାଇ ଗାଧୋଇଲେ ଗଙ୍ଗାସ୍ନାନର ପୁଣ୍ୟ ମିଳିଥାଏ ବୋଲି ଲୋକମତ ଥିବାରୁ ପ୍ରାୟ ସମସ୍ତେ ଗାଧୋଇ ନୂତନ ବସ୍ତ୍ର ପରିଧାନ କରିଥା'ନ୍ତି। ପିଠାପଣା, ମାଂସ, ଭାତ ଭୋଜି ପ୍ରାୟ ସମସ୍ତଙ୍କ ଘରେ ହୋଇଥାଏ। ମକର ପର୍ବର ଟୁସୁ ମିଳନ ସବୁଠାରୁ ଆକର୍ଷଣୀୟ ଅଟେ। ଯାହା କୁଡୁମୀ ସମ୍ପ୍ରଦାୟରେ ବେଶ ଗୁରୁତ୍ୱ ବହନ କରିଥାଏ। କୁମାରୀ ଓ ମହିଳାମାନେ ରାତିସାରା ଟୁସୁ ଗୀତ ଗାଇ ତହିଁ ପରଦିନ ଟୁସୁଦେବୀଙ୍କ ସହିତ ଘରକୁ ଘର ବୁଲି ବିସର୍ଜନ ଦୃଶ୍ୟ ବେଶ ମନରୋମ। ବିସର୍ଜନ ସ୍ଥଳରେ ମେଳା ବସିଥାଏ। ଏତଦଭିନ୍ନ ଗ୍ରାମ ଦେବତୀଙ୍କ ପାଖରେ ମକର ସଂକ୍ରାନ୍ତିରେ ପୂଜା ଅନୁଷ୍ଠିତ ହେଉଥିବାବେଳେ ମକର ଚାଉଳ, ଗୁଡ଼ ପିଠା ଓ ଲଡୁ ଭୋଗ ଲାଗିଥାଏ। ଅନେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମେଳା ବସିଥାଏ। ଜିଲ୍ଲାରେ ମକର ସଂକ୍ରାନ୍ତି ଓ ପରଦିନ ସରକାରଙ୍କ ପକ୍ଷରୁ ଛୁଟି ଦିବସ ଘୋଷଣା ହୋଇଛି। ଏଣୁ ବନ୍ଧୁବର୍ଗ ନିଜର ଆତ୍ମୀୟଙ୍କ ଘରକୁ ପର୍ବ ପାଳନ ପାଇଁ ସୁଯୋଗ ଚଳିତ ଥର ଅଧିକ ରହିଛି। ଗାଁ ଓ ବନ୍ଧୁ ଘରକୁ ଆଗମନ ଆରମ୍ଭ ହେଲାଣି। ଫଳରେ ବସ୍ ଟ୍ରେନରେ ଅଗ୍ରୀମ ଟିକଟ ମିଳୁନାହିଁ । ମକର ପ୍ରସ୍ତୁତି ପାଇଁ ବର୍ତ୍ତମାନ ଗାଁଠାରୁ ସହର ଯାଏଁ ବାରି ହୋଇଛି। ତେବେ ମକର ସଂକ୍ରାନ୍ତି ସମୟରେ ଅପରାଧିକ କାର୍ଯ୍ୟକଳାପ ହେଉଥିବାରୁ ରାଇରଙ୍ଗପୁର ପୁଲିସ ଜିଲ୍ଲା ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି ବୋଲି ଅତିରିକ୍ତ ଏସପି ଯଦୁନାଥ ଜେନା କହିଛନ୍ତି।

## ନୃତ୍ୟାନୁଷ୍ଠାନ ସ୍ୱିରିଜା ଓ ଏନ୍‌ଏସ୍‌ଡି ପକ୍ଷରୁ ଅଭିନୟ କର୍ମଶାଳା ଉଦ୍‌ଯାପିତ

# ସଂସ୍କୃତି ସମାଜର ଆତ୍ମା, ନାଟକ ଆମ ଚିନ୍ତାଧାରା ପ୍ରଦର୍ଶନର ମାଧ୍ୟମ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୧୩।୧(ସମିସ)

କଳା ଏବଂ ସଂସ୍କୃତି ଯେକୌଣସି ସମାଜର ଆତ୍ମା। ଏହାଦ୍ୱାରା ଆମର ଚିନ୍ତାଧାରା, ଆମର ସଂଘର୍ଷ, ଆମର ଆଶା ଏବଂ ଆମର ସ୍ୱପ୍ନକୁ ପ୍ରତିଫଳିତ ହୋଇଥାଏ ବୋଲି ମଙ୍ଗଳବାର ସନ୍ଧ୍ୟାରେ ନୃତ୍ୟ ଅନୁଷ୍ଠାନ ସ୍ୱିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା (ଏନଏସଡି) ପକ୍ଷରୁ ଆୟୋଜିତ ଅଭିନୟ କର୍ମଶାଳାର ଉଦ୍‌ଯାପନୀ

## 'କେନ୍ଦୁଝରରେ ହେବ ଏନ୍‌ଏସ୍‌ଡି ଶାଖା'

ସମାରୋହରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦୁଝର ଜିଲ୍ଲା ଅଡିଟୋରିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ଶାଖା କେନ୍ଦୁଝରରେ ପ୍ରତିଷ୍ଠା ହେବ ଏବଂ ଏହାର ସମସ୍ତ



ଆନୁଷଙ୍ଗିକ ଉନ୍ନତି ପାଇଁ ରାଜ୍ୟ ସରକାର ସମସ୍ତ ସାହାଯ୍ୟ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନାଟକ ଆମ ଚିନ୍ତାଧାରାକୁ ପ୍ରଦର୍ଶିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ। ଜାତୀୟ ନାଟ୍ୟ ବିଦ୍ୟାଳୟ ଭାରତୀୟ ନାଟ୍ୟଶାଳାକୁ ଗଠନ କରିବାରେ ଏବଂ କଳାକାରମାନଙ୍କୁ ପିଢ଼ି ପରେ ପିଢି ଅଭିନୟ କଳା ସହିତ ଯୋଡି ରଖିବାରେ ଏକ ଐତିହାସିକ ଭୂମିକା ଗ୍ରହଣ କରିଛି। କେନ୍ଦୁଝର ପ୍ରକୃତି, ପରମ୍ପରା ଏବଂ ସାଂସ୍କୃତିକ ଐତିହ୍ୟରେ ସମୃଦ୍ଧ ଭୂମି। ଲୋକ ସଙ୍ଗୀତ ଏବଂ ନୃତ୍ୟଠାରୁ କାହାଣୀ କହିବା ଏବଂ ରୀତିନୀତି ପର୍ଯ୍ୟନ୍ତ, ଏହି ଜିଲ୍ଲା ଏକ ଗଭୀର ସାଂସ୍କୃତିକ ଐତିହ୍ୟ ବହନ କରେ। ଯେତେବେଳେ ଏନଏସଡି ଭଳି ଜାତୀୟ ପ୍ରତିଷ୍ଠାନ କେନ୍ଦୁଝର ଭଳି ଜିଲ୍ଲାକୁ ଆସନ୍ତି, ସେମାନେ ପାରମ୍ପରିକ ଏବଂ ଆଧୁନିକ କଳା ମଧ୍ୟରେ ସେତୁ ସ୍ଥାପନ କରିବାରେ ସାହାଯ୍ୟ କରନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଆମ ପଡୋଶୀ ଜିଲ୍ଲା ମୟୂରଭଞ୍ଜର ବିଶ୍ୱ ପ୍ରସିଦ୍ଧ 'ଛଉ ନାଚ' ଶାସ୍ତ୍ରୀୟ ଏବଂ ମାର୍ଶାଲ ଆର୍ଟ ଫର୍ମର ଏକ ସୁନ୍ଦର ସମାହାର। ଓଡିଶାର ଏହିସବୁ ସମ୍ଭ୍ରାନ୍ତ ନାଟ୍ୟ ପରମ୍ପରା ସହ ଲୋକକଳା ଓ ଲୋକପରମ୍ପରାକୁ ପ୍ରଚାର ପ୍ରସାର କରିବା ପାଇଁ ଆମେ ବଦ୍ଧପରିକର ବୋଲି ମଧ୍ୟ ସେ କହିଥିଲେ। ସମାରୋହରେ ସାଂସଦ ଅନନ୍ତ ଚରଣ ନାୟକ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ତେଲକୋଇ ବିଧାୟକ ଡାକ୍ତର ଫକୀରମୋହନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ବିଶାଳ ସିଂହ, ଏନ୍‌ଏସଡିର ରେଜିଷ୍ଟ୍ରାର ପ୍ରଦୀପ ମହାନ୍ତି, ସ୍ୱୀରିଜାର ପ୍ରତିଷ୍ଠାତା ପ୍ରଗତିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଖୁଣ୍ଟା ଥାନାଞ୍ଚଳରେ ଦୁଇଟି ଅପମୃତ୍ୟୁ

କୁଆମରା,୧୩।୧(ସମିସ): ଖୁଣ୍ଟା ଥାନା ଅଧୀନ ସନାତନପର ଗ୍ରାମର ଜଣେ ବୃଦ୍ଧା ଓ ଲକ୍ଷ୍ମଣାସାହି ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ପୃଥକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବାସିପିଠା ପଞ୍ଚାୟତ ସନାତନପୁର ଗ୍ରାମର ରାମଚନ୍ଦ୍ର ମାଝୀଙ୍କ ପତ୍ନୀ ମାନକ (୭୬) ନିଆଁ ପୋଉଁ ଥିବାବେଳେ ତାଙ୍କ ପିନ୍ଧା ଲୁଗାରେ ଅସାବଧାନତା ବଶତଃ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିପରି ଲକ୍ଷ୍ମଣାସାହି ଗ୍ରାମର ଗୋବିନ୍ଦ ଚନ୍ଦ୍ର ସୋରେନ (୫୮) ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଡୁକୁରା ଡାକ୍ତରଖାନା ନିଆଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମଦ ସହ ବାଇକ୍ ଜବତ

କୁଆମରା,୧୩।୧(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଆଜି ଖୁଣ୍ଟା ଅବକାରୀ ବିଭାଗ ଏହି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମ ଲାଲୁ ସୋରେନଙ୍କଠାରୁ ୨୦ ଲିଟର ମଦ ଜବତ କରିଛି। ତତ୍‌ସହିତ ବାଇକ ଜବତ କରି ଥାନାରେ ଅଟକ ରଖାଯାଇଛି। ସାପ୍ତାହିକ ହାଟକୁ ବିକ୍ରି କରିବାକୁ ଯାଉଥିବାବେଳେ ମାମୁଡିଆ ପୋଲ ନିକଟରେ ଧରାପଡ଼ିଥିଲେ। ଏସ୍‌ଆଇ କୃଷ୍ଣସୁନ୍ଦର ସେଠୀ, କିଶୋର ସୋରେନ, ନିରଞ୍ଜନ ମହାନ୍ତ ପ୍ରମୁଖ ଚଢଉରେ ସାମିଲ ଥିଲେ।

## ଦୁର୍ଘଟଣାରେ ବୃଦ୍ଧ ମୃତ

ରାଇରଙ୍ଗପୁର,୧୩।୧ (ସମିସ): ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ମୁର୍ମୁ ଛକରେ ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ବଡ଼ଗାଁ ଗ୍ରାମର ଶିବ ନାଏକ ବୋଲି ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ବୃଦ୍ଧ ଜଣକ ଚାଲିଚାଲି ଯାଉଥିବା ସମୟରେ ମୁର୍ମୁ ଛକ ନିକଟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ୍ ଜବତ କରିବା ସହ ଦୁଇଜଣଙ୍କୁ ପୁଲିସ ଅଟକ ରଖିଛି।

## କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ବେତନଟୀ/ରାସଗୋବିନ୍ଦପୁର,୧୩।୧(ସମିସ): ମଙ୍ଗଳବାର ସକାଳେ ବେତନଟୀ ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଫାଣ୍ଡିର କାର୍ଯ୍ୟରତ କନଷ୍ଟେବଲ ରାଜୀବ ଭୂୟାଁ (୪୨)ଙ୍କ ଝୁଲନ୍ତା ମୃତଦେହ ଭଡା ଘରୁ ପୁଲିସ ଉଦ୍ଧାର କରିଛି। ସ୍ଥାନୀୟ ଲୋକେ ଝରକା ପଟେ ଝୁଲନ୍ତା ମୃତଦେହ ଦେଖି ବେତନଟୀ ପୁଲିସକୁ ଖବର ଦେଇଥିଲେ। କବାଟ ଭାଙ୍ଗି ଝୁଲନ୍ତା ମୃତଦେହ ଉଦ୍ଧାର ପରେ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡିଛି। ରାସଗୋବିନ୍ଦପୁର ବ୍ଲକ ତୋଟାପଡା ପଞ୍ଚାୟତ ଅନ୍ତର୍ଗତ ପାଇକସାହି ଗ୍ରାମର ରାଜୀବ ଅମର୍ଦ୍ଦା ଏଆରଷ୍ଟ୍ରିପ ନିମନ୍ତେ ନଳଗଜା ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର ଗ୍ରାମସଭାରେ ଡ୍ୟୁଟି କରିବା ପାଇଁ ଆସି ଯୋଗଦେଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

## ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ




ତେଲକୋଇ, ୧୩।୧(ସମିସ): ଚାରିଗଡ଼ ମହାବିଦ୍ୟାଳୟର ଆଠ ଦିନ ଧରି ଚାଲିଥିବା 'ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପିକା ବବିତା ରାଉଳ ସଂଯୋଜନା କରିଥିଲା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସୈନିକ ଅର୍ଜୁନ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ ତପନ ପଣ୍ଡା ସଭାପତିତ୍ୱ କରିଥିଲେ। ତେଲକୋଇ ବ୍ଲକର ଜ୍ୟୋତିର୍ମୟୀ ବେହେରା, ଏଲିନା ସାହୁ ଦୁଇ ପ୍ରଶିକ୍ଷକ ଏବଂ ମହାବିଦ୍ୟାଳୟର ଅଧ୍ୟାପକ ସୁରିଆ ଜୁଆଙ୍ଗ, ସନ୍ଦୀପ ସିଂ, ନିତ୍ୟାନନ୍ଦ କର, ସଂଜୟ ଦେହୁରୀ, ଅଧ୍ୟାପିକା ପାର୍ବତୀ ସାହୁ, ରଶ୍ମିତା ପଟେଲ, ମୋନାଲିଜା ପ୍ରଧାନ, ରଞ୍ଜିତା ମହାପାତ୍ର ସମେତ କାର୍ଯ୍ୟକ୍ରମରେ ୧୦୬ ଜଣ +୩ ପ୍ରଥମ ବର୍ଷ ଛାତ୍ରୀ ଉପସ୍ଥିତ ଥିଲେ। ସେମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

## ବିଜେପି ଅଫିସରେ କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ

ଆନନ୍ଦପୁର, ୧୩।୧(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୋସୋ ଥାନା ବାଲିବରେଇ ଗ୍ରାମର ଭାଗୀରଥି ମହାନ୍ତି ଓ ବିଦ୍ୟାଧରପୁର ସାରୁକଣା ଗ୍ରାମର ପ୍ରଫୁଲ୍ଲ ମିଶ୍ର ହାଟଡିହି ବିଜେପି କାର୍ଯ୍ୟାଳୟକୁ ସାଙ୍ଗଠନିକ ବୈଠକ କାର୍ଯ୍ୟକ୍ରମକରେ ଯୋଗ ଦେବାକୁ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସାଙ୍ଗଠନିକ ସମ୍ପାଦକ ମାନସ ମହାନ୍ତି ଓ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରେ ସଭା କାର୍ଯ୍ୟ ସରିବା ପରେ ଭାଗୀରଥି ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ସହିତ ଫଟୋ ଉଠାଇବାକୁ ଚେଷ୍ଟା କରିବା ବେଳେ ତାଙ୍କୁ ବିଜେପି ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ଅସଭ୍ୟ ବ୍ୟବହାର କରି ଗାଳିଗୁଲଜ କରିଥିଲେ ଓ ତାଙ୍କ ସମର୍ଥକମାନେ ମାଡ଼ ମାରିଥିବା ନେଇ ନନ୍ଦିପଦା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ଭାଗୀରଥି ଓ ପ୍ରଫୁଲ୍ଲ ଆନନ୍ଦପୁର ଏସଡିପିଓଙ୍କ ନିକଟରେ ପହଞ୍ଚି ଆକ୍ରମଣକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

## ସ୍ଲରି ପାଇପ୍‌ଲାଇନ୍ ଗର୍ତ୍ତରେ ପଡ଼ି ସୁରକ୍ଷା କର୍ମୀ ଆହତ

ଯୋଡ଼ା, ୧୩।୧(ସମିସ): ସୋମବାର ରାତି ସମୟରେ ଏକ କମ୍ପାନୀର ସ୍ଲରି ପାଇପ ବିଛାଇବା କାର୍ଯ୍ୟ ନିମନ୍ତେ ରାସ୍ତାକଡ଼ରେ ଗାତ ଖୋଳିଥିବା ବେଳେ ଅସାବଧାନତା ହେତୁ ଜଣେ ସୁରକ୍ଷା କର୍ମୀ ପଡ଼ି ଆହତ ହୋଇଥିବା ସୂଚନା ମିଳିଛି। ଘଟଣାସ୍ଥଳ ଅନ୍ଧାର ଥିବା ନେଇ ଜଣାପଡ଼ିଛି। ବିନା ସୁରକ୍ଷା ବାଡ଼ ବିନା ସୂଚନା ବୋର୍ଡ ଦ୍ୱାରା କାର୍ଯ୍ୟ କରୁଥିବା ନେଇ ଏପରି ଦୁର୍ଘଟଣା ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ପୂର୍ବରୁ ବୁଲା ଗୋରୁ ମଧ୍ୟ ଏପରି ଖାଲ ରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକ ଅଗ୍ନିଶମ ବାହିନୀ ସହାୟତାରେ ସୁରକ୍ଷା କର୍ମୀଙ୍କୁ ୧୫ ଫୁଟ ଗାତ ଭିତରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ତାଙ୍କର ଅଣ୍ଟା ଓ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡିଛି। ପୂର୍ବରୁ ମଧ୍ୟ ଏପରି ସ୍ଲରି ପାଇପଲାଇନ କାର୍ଯ୍ୟ ସମୟରେ ଦୁର୍ଘଟଣା ହେଉଥିଲେ ସୁଦ୍ଧା ଠିକାଦାର କିମ୍ବା କମ୍ପାନୀ ଉପରେ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ହେଉ ନଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ଅଭିଭାବକମାନେ ବାସ୍ତବବାଦୀ ହୁଅନ୍ତୁ: ଉପଜିଲ୍ଲାପାଳ




ଚମ୍ପୁଆ, ୧୩।୧(ସମିସ): ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବରେ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଅଭିଭାବକାଙ୍କୁ ବାସ୍ତବବାଦୀ ହେବା ସହ ଛାତ୍ରଛାତ୍ରୀଙ୍କ ମାନସିକତାକୁ ବୁଝିବାକୁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଭବିଷ୍ୟତରେ ଚମ୍ପୁଆ ଏକ ଏଜୁକେସନ ହବ ହେବ ବୋଲି କହିଥିଲେ। ଏପରିକି ପରିଚାଳନା ମୁଖ୍ୟ କେଶବ ଚନ୍ଦ୍ର ମହାନ୍ତଙ୍କର ଶିକ୍ଷାକ୍ଷେତ୍ରରେ ପ୍ରୟାସକୁ ପ୍ରଶଂଶା କରିଥିଲେ। ମୁଖ୍ୟବକ୍ତା ଭାବରେ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କର, ସମ୍ମାନିତ ଅତିଥି ଭାବରେ ତହସିଲଦାର ସଜତ ମାର୍କେ, ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ଅତିଥି ଅଧିକାରୀମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ବୈତରଣୀରେ ମକରବୁଡ଼ ଆଜି



ତୁରୁମୁଙ୍ଗା, ୧୩।୧(ସମିସ): ଆସନ୍ତାକାଲି ବୁଧବାର ପବିତ୍ର ମକରସଂକ୍ରାନ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବୈତରଣୀ ନଦୀରେ ବୁଡ଼ ପକାଇବେ। ଏଥିପାଇଁ ପ୍ରଶାସନର ପ୍ରସ୍ତୁତି ଜୋରଦାର ଚାଲିଛି। ଭୀମକୁଣ୍ଡ ଓ ରାଜନଗର ବୈତରଣୀ ନଦୀର ଶୈବ୍ୟାକାବେରୀ ଘାଟକୁ ସଫା କରାଯାଇଛି। ମଙ୍ଗଳବାର ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ରାଜନଗର ଶୈବ୍ୟା କାବେରୀ ଘାଟ ଅଞ୍ଚଳ ବୁଲି ସମସ୍ତ ପ୍ରକାର କାର୍ଯ୍ୟକୁ ତଦାରଖ କରିଛନ୍ତି। ପାଟଣା ବିଡ଼ିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାଏକ, ଅତିରିକ୍ତ ତହସିଲଦାର ଶରଣ ଜେନା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ହାତରେ ଝାଡୁ ଧରି ସଫେଇ କରିଛନ୍ତି। ମୁଖ୍ୟମନ୍ତ୍ରୀ ମକର ବୁଡ ଭୀମକୁଣ୍ଡରେ ପକାଇବେ କି ରାଜନଗରରେ ପକାଇବେ ସେନେଇ ଚୂଡ଼ାନ୍ତ ହୋଇ ନଥିବା ବେଳେ ଉଭୟ ରାଜନଗର ଓ ଭୀମକୁଣ୍ଡରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସହ ବୈତରଣୀ ନଦୀରେ ବୁଡ଼ ପକାଇବାକୁ ନେଇ ପାଟଣା ଅଞ୍ଚଳ ଚଳଚଞ୍ଚଳ ହୋଇଛି।

## ଆନନ୍ଦପୁର କଲେଜ ଏନ୍‌ଏସ୍‌ଏସ୍ ଶିବିର

ଆନନ୍ଦପୁର, ୧୩।୧ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ଏନଏସଏସ ଶୀତକାଳୀନ ସ୍ୱତନ୍ତ୍ର ଶିବିର ପୋଷ୍ୟଗ୍ରାମ ସାରଦାପୁରରେ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ମିଶ୍ରଙ୍କ ସଭାପତିତ୍ୱ ଏବଂ ପ୍ରୋଗ୍ରାମ ଅଫିସର ଓଜେଲ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ ମାର୍ଗଦର୍ଶନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସକ ପ୍ରଫୁଲ୍ଲ କୁମାର ପଣ୍ଡା ଓ ପଦାର୍ଥ ବିଜ୍ଞାନର ଅଧ୍ୟାପକ ବିଜୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କୃତୀ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ମଧୁସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱେଚ୍ଛାସେବୀମାନେ ୭ ଦିନ ଧରି ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ନିଶା ନିବାରଣ, ଅନ୍ଧବିଶ୍ୱାସ, ବୃକ୍ଷରୋପଣ, ପରିମଳ ଓ ପରିବେଶ ସୁରକ୍ଷା ଆଦି ପ୍ରସଂଗରେ ଗ୍ରାମବାସୀଙ୍କୁ ମୌଳିକ ସ୍ତରରେ ସଚେତନ କରିଥିଲେ।

## ପାଟଣା ବ୍ଲକ୍ ବିଜେଡି ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ତୁରୁମୁଙ୍ଗା, ୧୩।୧(ସମିସ): କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପାଟଣାରେ ସମ୍ବର୍ଦ୍ଧିତ କରାଯାଇଛି। ପାଟଣା ମୁଖ୍ୟାଳୟସ୍ଥିତ ସର୍ବପୁରାତନ ଆନନ୍ଦେଶ୍ୱର ଶିବ ମନ୍ଦିର ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ପାଟଣା ବ୍ଲକ ସଭାପତି ଭାବେ ମାଧବାନନ୍ଦ ପୃଷ୍ଟି, ଜିଲ୍ଲା ଉପସଭାପତି ଭାବେ ଗୋବିନ୍ଦଚନ୍ଦ୍ର ମହାନ୍ତ, ରାହାସ ବିହାରୀ ପୃଷ୍ଟି, ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ମହେନ୍ଦ୍ର ସାହୁ, ପ୍ରଶାନ୍ତ ଭଞ୍ଜଦେଓ, ନିରଞ୍ଜନ ତ୍ରିପାଠୀ, ବସନ୍ତ ମିଶ୍ର ଓ ଜିଲ୍ଲା ସମ୍ପାଦକ ଭାବେ ଶତ୍ରୁଘ୍ନ ସିଂଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୨୩ ନଂ ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ବଡପାଟଣା ସରପଞ୍ଚ ବିନତୀ ବାନରା, ବଡପାଟଣା ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତଙ୍କ ସହ ବରିଷ୍ଠ ନେତା ଅନନ୍ତ ଚରଣ ମହାନ୍ତ, ମହେନ୍ଦ୍ର ମିଶ୍ର, ସୁମିତ ପତି, ରଞ୍ଜନ ବେହେରା, ଅଜିତ ସେଠୀ, ସୁଦାମ ଦାଶ, ନୁନକୁ କର, କାଳିଆ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, ଟୁଟୁ ଦାଶ, ମହେନ୍ଦ୍ର ନାଏକ, ଏମଡି ଜିସାନ, ଲିପୁ ତ୍ରିପାଠୀ, ବୀର ମହାନ୍ତ, ଭରତ ମହାନ୍ତ, ସୋରେନ ମହାନ୍ତ, ଲିପୁ ତ୍ରିପାଠୀ, ସନ୍ତୋଷ କର, ପ୍ରିତମ ପଣ୍ଡା, ହରିହର ପଣ୍ଡା, ଲିପୁ ପୃଷ୍ଟି, ବାଳକୃଷ୍ଣ ଚୌଧୁରୀ, ସୁରେନ ମହାନ୍ତ, ଟୁଟୁ ଛୁଆଲସିଂଙ୍କ ସହିତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଟ୍ରକ୍ ମାଲିକଙ୍କ ଅକାଳ ବିୟୋଗରେ ଶୋକ



ଚମ୍ପୁଆ, ୧୩।୧(ସମିସ): ଚମ୍ପୁଆସ୍ଥିତ ମୌଲାନା ଗୋଡାର ଟ୍ରକ ମାଲିକ ସର୍ଫରାଜ ଆଲାମଙ୍କ ଅକାଳ ବିୟୋଗ ହୋଇଯାଇଛି। ଖବରପାଇ ଯୋଡା ଟ୍ରକ ମାଲିକ ସଂଘ ସଭାପତି ମାତା ଜୟସ୍ୱାଲ, ସଂପାଦକ ଶୁସାନ୍ତ ବାରିକ, ଅଶୋକ କାରୁଆ, ବିଜୁ ଆପଟ, ରାଜେଶ ରୋଶନ, ପୂର୍ବତନ ସଂପାଦକ ରବି ଦାସ, ମାୟା ପାତ୍ର ପ୍ରମୁଖ ସଂଘ କର୍ମକର୍ତ୍ତା ତାଙ୍କ ଘରେ ପହଞ୍ଚି ପରିବାରକୁ ସମବେଦନା ଦେବା ସହ ସାନ୍ତ୍ୱନା ପ୍ରଦାନ କରିଥିଲେ। ସର୍ଫରାଜ ଆଜକୁ ୩୦ ବର୍ଷ ହେବ ଟ୍ରକ ମାଲିକ ଭାବରେ ସଂଘ ସହ ଜଡିତ ହୋଇଥିବା ବେଳେ ତାଙ୍କ ଅନ୍ତିମ ଦର୍ଶନ ପାଇଁ ଯୋଡା, ଚମ୍ପୁଆର ବହୁ ଟ୍ରକ ମାଲିକ ସାମିଲ ହୋଇଥିଲେ।

## ଘସିପୁରା ବ୍ଲକ ବୃତ୍ତି ପରୀକ୍ଷାରେ ଅତାସାହି ପ୍ରଥମ

ଆନନ୍ଦପୁର, ୧୩।୧ (ସମିସ): ଘସିପୁରା ବ୍ଲକ ସ୍ତରରେ ପ୍ରାଥମିକ ତୃତୀୟଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ଅତାସାହି ପାଟଣା ପ୍ରାଥମିକ ବିଦ୍ୟାଳୟର ଆୟେଶା ପୃଷ୍ଟି ପ୍ରଥମ, ଧନେଇ ଉଚ୍ଚ ବିଦ୍ୟାଳୟ, ଖାଲିଆମେଣ୍ଟାର ଛନ୍ଦିତା ପ୍ରିୟଦର୍ଶିନୀ ଦାସ ଦ୍ୱିତୀୟ, କରଡ଼ାମାଳି ପ୍ରାଥମିକ ବିଦ୍ୟାଳୟର ସ୍ୱାତିଲକ୍ଷ୍ମୀ ନାୟକ ତୃତୀୟ, ମଛାଳୋ ଉପ୍ରା ବିଦ୍ୟାଳୟର ସଞ୍ଜୟ କୁମାର ଜେନା ଚତୁର୍ଥ, ବଢ଼େଇସାହି ପ୍ରାଥମିକ ବିଦ୍ୟାଳୟର ରାମକୃଷ୍ଣ ସୁତାର ପଞ୍ଚମ, ସୁଆଁପଦା ସାନପଦନା ଉପ୍ରା ବିଦ୍ୟାଳୟର ପି. ରାମକୃଷ୍ଣ ଘଡେଇ ଷଷ୍ଠ, ଅତାସାହି ପାଟଣା ପ୍ରାଥମିକ ବିଦ୍ୟାଳୟର ରାଣୀ ପୃଷ୍ଟି ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଗରିବ ମେଧାବୃତ୍ତିରେ ପୁରୁଣା ବାନ୍ଧଗୋଡ଼ା ପ୍ରାଥମିକ ବିଦ୍ୟାଳୟର ଶୁଭଶ୍ରୀ ଧୀର ପ୍ରଥମ, ବଳଦେବଜୀଉ ଉପ୍ରା ବିଦ୍ୟାଳୟ, ତୋରାଣିଆପାଳ, ବସନ୍ତପୁରାର ବିଶେଶ୍ୱର ସାହୁ ଦ୍ୱିତୀୟ, ବାତୋ ଶିଶୁ ମନ୍ଦିରର ସ୍ମୃତିପ୍ରଜ୍ଞା ଜେନା ତୃତୀୟ, କରଡ଼ାପାଳ ପ୍ରାଥମିକ ବିଦ୍ୟାଳୟର ଶୀତଲ ଜେନା ଚତୁର୍ଥ, ଦେଓଗାଁ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟର ଶୁଭସ୍ମିତା ରଣା ପଞ୍ଚମ, ବଡପଦନା ପ୍ରାଥମିକ ବିଦ୍ୟାଳୟର ପୂର୍ଣ୍ଣିମା ସାହୁ ଷଷ୍ଠ, ଅତା ବୈତରଣୀ ଉପ୍ରା ବିଦ୍ୟାଳୟର ଗୌତମ ନାଥ ସପ୍ତମ ସ୍ଥାନ ଅଧିକାର କରିଥିବା ବିଇଓ ସଦ୍ୟସ୍ମାନ ପଣ୍ଡା ପ୍ରକାଶ କରିଛନ୍ତି।

## ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳପଥ ପ୍ରକଳ୍ପ

# ଖିରେଇଟାଙ୍ଗିରୀ, ବାଉଁଶୁଳି, ଚେମେଣା, ତୁରୁମୁଙ୍ଗା, ବୁଢ଼ୀକାପୁଡ଼ି ଅଞ୍ଚଳରେ ଗଡ଼ିବ ରେଳ

ତୁରୁମୁଙ୍ଗା, ୧୩।୧(ସମିସ)

ବାଦାମପାହାଡ଼-କେନ୍ଦୁଝରଗଡ଼ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ନିର୍ମାଣ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ କାର୍ଯ୍ୟ ଚାଲୁ ରହିଥିବା ବେଳେ ଶେଷ ଗ୍ରାମସଭା ସୋମବାର ପାଟଣା ତହସିଲ ଚେମଣା ଆରଆଇ ସର୍କଲ ଚେମେଣା ଗ୍ରାମପଞ୍ଚାୟତ ରେଙ୍ଗାଳବେଡା ରାହାସ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଚେମଣା ସରପଞ୍ଚ ହେମଲତା ନାଏକଙ୍କ

## ଧନୁର୍ଯ୍ୟୟପୁରରେ ଜମି ଅଧିଗ୍ରହଣ ଗ୍ରାମସଭା

ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାରେ ଦୈତାରୀ ବଂଶପାଣି ରେଲୱେ ପ୍ରକଳ୍ପର ଭୂ-ଅର୍ଜନ ଅଧିକାରୀ କିରଣ ନାଏକ, ଯନ୍ତ୍ରୀ ସନ୍ତୋଷ କୁମାରଙ୍କ ସହ ରାଜକୁମାର ମାଇତି, ରାଜସ୍ୱ ନିରୀକ୍ଷକ ରଶ୍ମିରଞ୍ଜନ ପୃଷ୍ଟି, ରାଜସ୍ୱ ସହାୟକ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ, ଅମିନ ସୁଧାଂଶୁ ଶେଖର ପଲେଇ, ଚେମଣା ଆରଆଇ ମଳୟ ନାଏକ ସେଠୀ, ଚେମଣା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶୋଭାଶ୍ରୀ ସେଠୀ, ଏଡିଇଓ ମଗୁଲୁ ମହାନ୍ତ, ସମିତିସଭ୍ୟ ମନୋଜ ମହାନ୍ତ, ୱାର୍ଡସଭ୍ୟ ବେଙ୍ଗବତୀ ମୁଦିଙ୍କ ସମେତ ରେଙ୍ଗାଳବେଡା




ଅଙ୍ଗିକଳା, ଧନୁର୍ଯ୍ୟୟପୁର ଗ୍ରାମବାସୀ ଉପସ୍ଥିତ ଥିଲେ। ବାଦାମପାହାଡ-କେନ୍ଦୁଝରଗଡ଼ ନୂତନ ରେଳ ପ୍ରକଳ୍ପର ୮୨.୦୬ କିଲୋମିଟରର ରାସ୍ତା ଥିବାବେଳେ କେନ୍ଦୁଝର ଜିଲ୍ଲା ଦେଇ ୩୪.୬୦ କିଲୋମିଟରର ରାସ୍ତା ରହିଛି। କେନ୍ଦୁଝର ଜିଲ୍ଲାର ସଦର ତହସିଲର ୭ଟି ଗ୍ରାମ ଏବଂ ପାଟଣା ତହସିଲର ୧୪ଟି ଗ୍ରାମ ସମୁଦାୟ ୨୧ଟି ଗ୍ରାମର ୬୮୪ ଜଣଙ୍କଠାରୁ ୪୧୦ ଏକର .୦୪ ଡ଼ିସିମିଲ ଜମି ଅଧିଗ୍ରହଣ ହେବ ପାଟଣା ତହସିଲର ଖିରେଇଟାଙ୍ଗିରୀ, ବାଉଁଶୁଳି, ଚେମଣା, ତୁରୁମୁଙ୍ଗା ଓ ବୁଢୀକାପୁଡି ପଞ୍ଚାୟତର ୧୪ଟି ଗ୍ରାମରେ ସମସ୍ତ ଗ୍ରାମସଭା ପର୍ଯ୍ୟାୟ କ୍ରମେ ସୋମବାର ଶେଷ ହୋଇଛି। କେନ୍ଦୁଝର ଜିଲ୍ଲାର କେନ୍ଦୁଝର ଜଙ୍କସନ ସହ ପାଟଣା ବ୍ଲକର ଖିରେଇଟାଙ୍ଗିରୀ, ଚେମଣାରେ ଏବଂ ମୟୂରଭଞ୍ଜ ଜିଲ୍ଲାର ଘୋଷଦା, ସିଙ୍ଗିଡା, ଟଙ୍ଗାବିଲା, କଳସବନ୍ଧରେ ଷ୍ଟେସନ ନିର୍ମାଣ ହେବ। କେନ୍ଦୁଝରଗଡ଼ଠାରୁ ବାଦମପାହାଡ଼ ପର୍ଯ୍ୟନ୍ତ ମୋଟ ୮୨ କିଲୋମିଟର.୦୬ ରାସ୍ତା ରହିଥିବା ବେଳେ ୯ଟି ମେଜର ପୋଲ ସହ ୬୨ଟି ଛୋଟ ପୋଲ ନିର୍ମାଣ କରାଯିବ। କେନ୍ଦୁଝର ସଦର ତହସିଲର ଗମ୍ଭାରୀଆ ଗ୍ରାମର ୫ ଜଣଙ୍କଠାରୁ ୭୨ ଡ଼ିସିମିଲ, କବିତ୍ରା ଗ୍ରାମର ୮୦ ଜଣଙ୍କଠାରୁ ୩୯ ଏକର ୩୬ ଡ଼ିସିମିଲ, କାଠକରଞ୍ଜିଆ ଗ୍ରାମର ୪୯ ଜଣଙ୍କଠାରୁ ୧୭.୨୧ ଡ଼ିସିମିଲ, ମୁକୁନା ଗ୍ରାମର ୧୧ ଜଣଙ୍କଠାରୁ ୮ ଏକର ୭୨ ଡ଼ିସିମିଲ, କୁସୁପଦା ଗ୍ରାମର ୩୪ ଜଣଙ୍କଠାରୁ ୨୫ ଏକର ୭୩ ଡ଼ିସିମିଲ, ମଥୁରାମଣ୍ଡଳୀ ଗ୍ରାମର ୨୬ ଜଣଙ୍କଠାରୁ ୧୪ ଏକର ୧୫ ଡ଼ିସିମିଲ, ଟାଙ୍ଗରାଣୀ ଗ୍ରାମର ୯ ଜଣଙ୍କଠାରୁ ୪ ଏକର ୦୭ ଡ଼ିସିମିଲ, ସହ ପାଟଣା ତହସିଲ ବୁଢୀକାପୁଡି ପଞ୍ଚାୟତ ବୁଢ଼ୀକାପୁଡି ଗ୍ରାମର ୨୪ ଜଣଙ୍କଠାରୁ ୧୮ ଏକର ୭୭ ଡ଼ିସିମିଲ, ତେନ୍ତଲା ଗ୍ରାମର ୬୦ ଜଣଙ୍କଠାରୁ ୨୯ ଏକର .୭୦ ଡ଼ିସିମିଲ, ଗିଧିବାସ ଗ୍ରାମର ୨୪ ଜଣଙ୍କଠାରୁ ୨୧ ଏକର ୧୦ ଡ଼ିସିମିଲ, ନେଉଳିପଶି ଗ୍ରାମର ୬ ଜଣଙ୍କଠାରୁ ୩ ଏକର ୩୮ ଡ଼ିସିମିଲ, ତୁରୁମୁଙ୍ଗା ପଞ୍ଚାୟତ ନିହୁଆଁ ଗ୍ରାମର ୪୬ ଜଣଙ୍କଠାରୁ ୨୮ ଏକର ୯୯ ଡ଼ିସିମିଲ, ଖିରେଇଟାଙ୍ଗିରୀ ପଞ୍ଚାୟତ ଖିରେଇଟାଙ୍ଗିରୀ ଗ୍ରାମର ୩୫ ଜଣଙ୍କଠାରୁ ୧୯ ଏକର ୦୬ ଡ଼ିସିମିଲ, ବାଉଁଶୁଳି ପଞ୍ଚାୟତ ବାଉଁଶୁଳି ଗ୍ରାମର ୬୦ ଜଣଙ୍କଠାରୁ ୪୦ ଏକର ୮୮ ଡ଼ିସିମିଲ, ଭୁଲୁଦା ଗ୍ରାମର ୨୬ ଜଣଙ୍କଠାରୁ ୧୭ ଏକର ୦୭ ଡ଼ିସିମିଲ, ଚେମଣା ପଞ୍ଚାୟତ ଚେମଣା ଗ୍ରାମର ୪୯ ଜଣଙ୍କଠାରୁ ୩୫ ଏକର ୫୮ ଡ଼ିସିମିଲ, ଚିଲିଦା ଗ୍ରାମର ୩୪ ଜଣଙ୍କଠାରୁ ୨୪ ଏକର ୩୮ ଡ଼ିସିମିଲ, ସରାସପଶି ଗ୍ରାମର ୨୦ ଜଣଙ୍କଠାରୁ ୭ ଏକର ୯୭ ଡ଼ିସିମିଲ, ଧନୁର୍ଯ୍ୟୟପୁର ଗ୍ରାମର ୬ ଜଣଙ୍କଠାରୁ ୪ ଏକର ୫୩ ଡ଼ିସିମିଲ, ଅଙ୍ଗିକଳା ଗ୍ରାମର ୨୨ ଜଣଙ୍କଠାରୁ ୬ ଏକର ୫୯ ଡ଼ିସିମିଲ, ଏବଂ ରେଙ୍ଗାଳବେଡା ଗ୍ରାମର ୫୮ ଜଣଙ୍କଠାରୁ ୪୨ ଏକର ୦୮ ଡ଼ିସିମିଲ ଘରୋଇ ଜମି ଅଧିଗ୍ରହଣ ହେବ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଆୟ ଓ ବ୍ୟୟ ସମାନ ରହିବ। ଅଚାନକ ଖୁସି ଖବର ପାଇବେ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସାମାଜିକ କାର୍ଯ୍ୟରେ ଭାଗ ନେବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିପାରେ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କୁମ୍ଭ:** ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଉଧାର ଟଙ୍କା ଫେରି ପାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୬୧- ତୃତୀୟ ପାନିପଥ ଯୁଦ୍ଧ ଆରମ୍ଭ ହେଲା।
- ୧୯୨୬-ପ୍ରସିଦ୍ଧ ଲେଖିକା ମହାଶ୍ୱେତା ଦେବୀଙ୍କ ଜନ୍ମ।
- ୧୯୬୯-ମାଡ୍ରାସର ନାମ ବଦଳି ତାମିଲନାଡୁ ହେଲା।
- ୧୯୭୪- ବିଶ୍ୱ ଫୁଟବଲ ଲିଗ୍‌ର ସ୍ଥାପନା।
- ୧୯୮୨- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୨୦ ସୂତ୍ରୀ କାର୍ଯ୍ୟକ୍ରମର ଘୋଷଣା କଲେ।



## ଉତ୍ତରାୟଣ

ଭାରତର ଅନ୍ୟତମ ମହାନ ଆଧାତ୍ମିକ ପର୍ବ ହେଉଛି ମକର ସଂକ୍ରାନ୍ତି। ବର୍ଷର ଏହି ତିଥିରେ ସୂର୍ଯ୍ୟ ନାରାୟଣ ଧନୁ ରାଶି ଛାଡ଼ି ମକର ରାଶିରେ ପ୍ରବେଶ କରନ୍ତି। ଏହି ଦିନ ସୂର୍ଯ୍ୟ ଉତ୍ତରଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୁଏ । ଏହି ସମୟରେ ଅଭୀଷ୍ଟ ସିଦ୍ଧି ପାଇଁ ସୂର୍ଯ୍ୟ ଉପାସନା କରାଯାଏ। ଓଡ଼ିଆ ପ୍ରବାଦ ଅନୁଯାୟୀ 'ମକରଠାରୁ ଦିନ ବକର ହୁଏ' ଅର୍ଥାତ୍ ଏହି ଦିନଠାରୁ ଦିନ କ୍ରମଶଃ ବଡ଼ ହୁଏ । ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେଉଥିବାରୁ ଆଲୋକ ଏବଂ ଜୀବନର ଉତ୍ସ ସୂର୍ଯ୍ୟ ଦେବତାଙ୍କୁ ହିନ୍ଦୁମାନେ ଏହିଦିନ ପୂଜାର୍ଚ୍ଚନା କରନ୍ତି । ମାନ୍ୟତା ଅଛି ଯେ, ଉତ୍ତରାୟଣ ସମୟରେ ଦେବତାମାନଙ୍କର ଦିନ ଏବଂ ଦୈତ୍ୟମାନଙ୍କର ରାତି ହୋଇଥାଏ । ଏହି ଦିନଠାରୁ ଦିନ ବଡ଼ ହୁଏ ଏବଂ ରାତି ଛୋଟ ହେବାକୁ ଲାଗେ । ମକର ସଂକ୍ରାନ୍ତି ଦିନ ଓଡ଼ିଶାର ଲୋକେ 'ମକର ଚାଉଳ'(ଅରୁଆ ଚାଉଳ, କ୍ଷୀର, ଦହି,ଛେନା, ଗୁଡ଼, କଦଳୀ, ନଡ଼ିଆ ଦ୍ୱାରା ପ୍ରସ୍ତୁତ ହୋଇଥାଏ) ପ୍ରସ୍ତୁତ କରି ଦେବଦେବୀଙ୍କ ନିକଟରେ ଭୋଗ କରିଥାନ୍ତି । ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କୁ 'ମକର ବେଶ'ରେ ସଜ୍ଜିତ କରାଯାଏ ଏବଂ ମକର ଚଉରାଶି ଭୋଗ ଲାଗି ହୁଏ । ମକର ସଂକ୍ରାନ୍ତିର ପୁଣ୍ୟକାଳରେ ପ୍ରତ୍ୟୁଷରୁ ନଦୀ, ପୋଖରୀ ଆଦିରେ ସ୍ନାନାଦି କାର୍ଯ୍ୟ ସମାପନ କରି ସୂର୍ଯ୍ୟଙ୍କୁ ଦର୍ଶନ କଲେ, ସକଳ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି । ତେଣୁ କେଉଁ ଆବହମାନ କାଳରୁ ସରୋବର, ନଦୀ ତଟ, ସମୁଦ୍ର ତୀର ପ୍ରଭୃତି ପବିତ୍ର ସ୍ଥାନମାନଙ୍କରେ ମକର ମେଳା, ସାଧୁସଙ୍ଗ ଓ ମହୋତ୍ସବର ପରମ୍ପରା ଚାଲିଆସିଛି। ଦେଶର ବିଭିନ୍ନ ରାଜ୍ୟରେ ମକର ସଂକ୍ରାନ୍ତି ଭିନ୍ନ ଭିନ୍ନ ନାମରେ ପାଳନ କରାଯାଇଥାଏ। ପ୍ରତ୍ୟେକ ରାଜ୍ୟରେ ଏହାର ନାମ ଏବଂ ପାଳନ ବିଧି ଭିନ୍ନ ପ୍ରକାର ହୋଇଥାଏ। ପଞ୍ଜାବ ଓ ହରିଆନାରେ ଏହି ଅବସରରେ ନୂଆ ଫସଲକୁ ସ୍ୱାଗତ କରିବା ସହ ଉତ୍ସବ ମନାଯାଏ। ଠିକ୍ ଏହାର ଗୋଟିଏ ଦିନ ପୂର୍ବରୁ ଏହି ସବୁ ଅଞ୍ଚଳରେ ଏହାକୁ ଲୋହଡ଼ି ପର୍ବ ଭାବେ ପାଳନ କରାଯାଏ। ପୁରୁଷ ଓ ମହିଳାମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଅଗ୍ନି ଚତୁଃପାର୍ଶ୍ୱରେ ନୃତ୍ୟ ପରିବେଷଣ କରିଥାନ୍ତି। ଆସାମରେ ଏହି ପର୍ବ ବିହୁ ଭାବେ ପାଳିତ ହୁଏ। ବିହାର, ଝାଡ଼ଖଣ୍ଡ ଓ ମିଥିଳା ଅଞ୍ଚଳରେ ବିଶ୍ୱାସ ଅଛି ଯେ, ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଆକାର ରାଶି ଆକାରରେ ବୃଦ୍ଧିପାଏ। ସେଥିପାଇଁ ସେଠାରେ ମକର ସଂକ୍ରାନ୍ତିକୁ ତିଳ ସଂକ୍ରାନ୍ତି କୁହାଯାଏ। ରାଜସ୍ଥାନ ଓ ଗୁଜରାଟରେ ମକର ସଂକ୍ରାନ୍ତି ଉତ୍ତରାୟଣ ପର୍ବ ଭାବେ ପାଳନ କରାଯାଏ। ଏହିଦିନ ଏଠାରେ ଗୁଡ଼ି ଉଡ଼ାଇବା ପରମ୍ପରା ରହିଛି। ଗୁଡ଼ି ଉଡ଼ାଇବା ବ୍ୟତୀତ ଏହିଦିନ ଘରଗୁଡ଼ିକରେ ସୂର୍ଯ୍ୟପୂଜା କରିବା ପାଇଁ ଘେବର, ରାଶିଲଡୁ ଆଦି ପ୍ରସ୍ତୁତ କରାଯାଏ। ଉତ୍ତରପ୍ରଦେଶରେ ମକର ସଂକ୍ରାନ୍ତି ଦିନ ଘରେ ଖେଚୁଡ଼ି ପ୍ରସ୍ତୁତ କରିବା ଅତ୍ୟନ୍ତ ଶୁଭ ମନାଯାଏ। ତାମିଲନାଡୁରେ ମକରସଂକ୍ରାନ୍ତିକୁ ପୋଙ୍ଗଲ ଭାବେ ପାଳନ କରାଯାଏ। ଏହିଦିନ ଲୋକେ ଘର ସଫାକରି ଚାଉଳର ଅଟାରେ ରଙ୍ଗୋଲି କରିଥାନ୍ତି। ଏହାପରେ ମାଟିର ପାତ୍ରରେ ଖିରି ପ୍ରସ୍ତୁତ କରିଥାନ୍ତି। ଏହାପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଅର୍ପଣ କରାଯାଏ। ମହାରାଷ୍ଟ୍ରରେ ୩ ଦିନ ଧରି ମକର ସଂକ୍ରାନ୍ତି ପାଳନ କରାଯାଏ। ଏହି ଦିନ ମହାରାଷ୍ଟ୍ରର ଲୋକେ ପାରମ୍ପରିକ ବ୍ୟଞ୍ଜନ 'ପୁରନ୍ ପୋଲି' ପ୍ରସ୍ତୁତ କରିଥାନ୍ତି। ମକର ସଂକ୍ରାନ୍ତି ଦିନ ଦାନକର୍ତ୍ତାଙ୍କ ପାଖକୁ ଦାନ ଅର୍ଥର ଶହେଗୁଣା ଫେରି ଆସୁଥିବାର ବିଶ୍ୱାସ ରହିଛି। ଏଥିପାଇଁ ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପରେ ଗରିବ ଲୋକଙ୍କୁ ଘୃତ, ରାଶି, କମ୍ବଳ ଏବଂ ଖେଚୁଡ଼ି ପ୍ରଭୃତି ଦାନ କରାଯାଇଥାଏ।

## ଫେରୁଛି 'ମର୍ଦ୍ଦାନୀ ୩'



ବଲିଉଡ୍ ଅଭିନେତ୍ରୀ ରାନୀ ମୁଖାର୍ଜୀ ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଜଣାଯାନ୍ତି। ସେ ଅନେକ ବ୍ଲକ୍‌ବଷ୍ଟର୍ ଫିଲ୍ମରେ ଅଭିନୟ କରିଛନ୍ତି। ହେଲେ ଶିବାନୀ ଶିବାଜୀ ରୟ ଭୂମିକାରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଏହା ଫେବୃଆରୀ ୨୭ରେ ରିଲିଜ୍ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ଏବେ ଏହା ଜାନୁଆରୀ ୩୦ରେ ରିଲିଜ୍ ହେବ ବୋଲି ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। 'ମର୍ଦ୍ଦାନୀ ୩' ୨୦୧୪ ମସିହାରେ ଆସିଥିବା 'ମର୍ଦ୍ଦାନୀ' ସିରିଜ୍‌ର ତୃତୀୟ ଫିଲ୍ମ। 'ମର୍ଦ୍ଦାନୀ ୩'ରେ ରାନୀ ଜଣେ ପୁଲିସ ଅଫିସର ଭୂମିକାରେ ନଜର ଆସିବେ। ନିକଟରେ ଯଶରାଜ୍ ବ୍ୟାନର ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ 'ମର୍ଦ୍ଦାନୀ ୩'ର ପୋଷ୍ଟର୍ ସେୟାର୍ କରାଯାଇ ଏହି ଫିଲ୍ମ ଜାନୁୟାରୀ ୩୦ରେ ଆସିବ ବୋଲି କୁହାଯାଇଛି। ଏଠାରେ ପ୍ରକାଶ ଥାଉ କି, ଅଗଷ୍ଟ ୨୨, ୨୦୧୪ରେ 'ମର୍ଦ୍ଦାନୀ' ଫିଲ୍ମ ଆସିଥିଲା। ପ୍ରଦୀପ ସରକାର ଏହାର ନିର୍ଦ୍ଦେଶନା ଦେଇଥିଲେ। ଏହାର ବଜେଟ୍ ୨୧ କୋଟି ଥିଲା। ଭାରତରେ ଏହା କେବଳ ୪୭ କୋଟି ବିଜିନେସ୍ କରିଥିଲା। 'ମର୍ଦ୍ଦାନୀ ୨' ୧୩ ଡିସେମ୍ବର, ୨୦୧୯ ରେ ଆସିଥିଲା। ଗୋପି ପୁତ୍ରନ୍ ଏହାର ନିର୍ଦ୍ଦେଶନା ଦେଇଥିଲେ। ଏହାର ବଜେଟ୍ ୨୭ କୋଟି ଥିଲା। ଭାରତରେ ଏହା ୫୪ କୋଟିର ବିଜିନେସ୍ କରିଥିଲା।

## ଆଜି ଆସିଥିଲେ

## ବ୍ୟାସକବି ଫକୀର ମୋହନ



ଆଧୁନିକ ଓଡ଼ିଆ କଥା ସାହିତ୍ୟର ଜନକ ଏବଂ ଓଡ଼ିଆ ଜାତୀୟ ଅଭ୍ୟୁତ୍ଥାନର କର୍ଣ୍ଣଧାର ଥିଲେ ବ୍ୟାସକବି ଫକୀରମୋହନ ସେନାପତି । ନିଜ ଲେଖନୀ ମୁନରେ ସିଏ ଓଡ଼ିଆ ଭାଷାକୁ ଜୀବନ୍ତ କରି ଗଢ଼ି ତୋଳିଥିଲେ । ତାଙ୍କଠାରୁ ଆରମ୍ଭ ହୋଇଥିଲା ନୂଆ ଗଦ୍ୟ ଶୈଳୀ ଏବଂ ଓଡ଼ିଆ ଉପନ୍ୟାସର ବିକାଶ ପର୍ବ। ୧୮୪୩ ମସିହା ଜାନୁଆରୀ ୧୩ ତାରିଖ ମକର ସଂକ୍ରାନ୍ତି ଦିନ ସେ ଜନ୍ମ ଲାଭ କରିଥିବାବେଳେ ୧୯୧୮ ମସିହାରେ ଜୁନ୍ ୧୪ ତାରିଖ ରଜ ସଂକ୍ରାନ୍ତିରେ ତାଙ୍କର ପରଲୋକ ଘଟିଥିଲା। ଏହି କାରଣରୁ ତାଙ୍କୁ 'ସଂକ୍ରାନ୍ତି ପୁରୁଷ' ମଧ୍ୟ କୁହାଯାଏ। ତାଙ୍କ ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାତା ତୁଳସୀ ଦେବୀ ଥିଲେ। ମାତ୍ର ଦେଢ଼ବର୍ଷ ବୟସ ହୋଇଥିବାବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା। ପିତାଙ୍କ ମୃତ୍ୟୁର ୧୪ ମାସ ପରେ ତାଙ୍କ ମା' ମଧ୍ୟ ଆରପାରିକୁ ଚାଲିଗଲେ। ବାଲ୍ୟକାଳରୁ ତାଙ୍କର ଲାଳନପାଳନ ଭାର ପଡ଼ିଥିଲା ଜେଜେମା'ଙ୍କ କାନ୍ଧରେ। ପରିବାର ପ୍ରତିପୋଷଣ ନିମନ୍ତେ ଫକୀରମୋହନ ଶିଶୁ ଶ୍ରମିକଭାବେ କାମ କଲେ ସୁଦ୍ଧା ସେ ପାଠପଢ଼ାକୁ ଜାରି ରଖିଥିଲେ। ଫକୀରମୋହନ ୧୩ ବର୍ଷ ବୟସରେ ଲୀଳାବତୀ ଦେବୀଙ୍କୁ ବିବାହ କରିଥିଲେ। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁପରେ ସେ ୧୮୭୧ରେ କୃଷ୍ଣା କୁମାରୀ ଦେଈଙ୍କୁ ପୁନଃବିବାହ କରିଥିଲେ। ତାଙ୍କର ଦ୍ୱିତୀୟ ପତ୍ନୀଙ୍କର ୧୮୯୪ରେ ହଇଜାରେ ମୃତ୍ୟୁ ହୋଇଥିଲା। ୧୮୯୭ରୁ ୧୯୧୫ ମଧ୍ୟରେ ରଚିତ ତାଙ୍କର ଚାରୋଟି ଉପନ୍ୟାସ – 'ଛ' ମାଣ ଆଠ ଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ' ଓ 'ଲଛମା' ତତ୍‌କାଳୀନ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଅବସ୍ଥାର ନିଛକ ଦର୍ପଣ। ଫକୀରମୋହନଙ୍କ ରଚିତ ବହୁ ଲୋକପ୍ରିୟ ଗଳ୍ପ ମଧ୍ୟରୁ 'ରେବତୀ', 'ଡାକମୁନ୍‌ସୀ', ପେଟେଣ୍ଟ ମେଡିସିନ୍', 'ରାଣ୍ଡୀପୁଅ ଅନନ୍ତା', 'ସୁନାବୋହୂ' ଆଦି ଅନ୍ୟତମ। ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ପ୍ରବୀଣ ଫକୀର ମୋହନ କାବ୍ୟ ରଚନାରେ ମଧ୍ୟ ସମାନ ପରିମାଣର ପାଣ୍ଡିତ୍ୟ ଦେଖାଇଛନ୍ତି । ତାଙ୍କର ପ୍ରଥମ କବିତା ସଂଗ୍ରହ 'ଉତ୍କଳ ଭ୍ରମଣ' ୧୮୯୨ ମସିହାରେ ପ୍ରକାଶିତ ହୋଇଥିଲା । ପରେ ପରେ ସେ 'ପୁଷ୍ପମାଳା', 'ଉପହାର', 'ପୂଜାଫୁଲ', 'ପ୍ରାର୍ଥନା', 'ଧୂଳି' ଆଦି ଅନେକ କାବ୍ୟ ରଚନା କରିଛନ୍ତି । ଓଡ଼ିଆ ସାହିତ୍ୟ ଜଗତରେ ଫକୀର ମୋହନ ହେଉଛନ୍ତି ପ୍ରଥମ ଲେଖକ ଯିଏ ନିଜ ଆତ୍ମଜୀବନୀ ଲେଖିଥିଲେ। ଏହାର ନାମ ଥିଲା 'ଆତ୍ମ ଜୀବନ ଚରିତ' । ଓଡ଼ିଆ ସାହିତ୍ୟରେ ଫକୀର ମୋହନଙ୍କ ସ୍ଥାନ ଅଦ୍ୱିତୀୟ। ଭାବ, ଭାଷା ଓ ପ୍ରକାଶ ଭଙ୍ଗୀରେ ତାଙ୍କର ନୂତନତା ଥିଲା। ଯେଉଁସବୁ ସମସ୍ୟା ତତ୍କାଳୀନ ସମାଜକୁ ବିଶେଷ ଭାବରେ ଆନ୍ଦୋଳିତ କରୁଥିଲା ଫକୀର ମୋହନଙ୍କ ଗଳ୍ପ ଓ ଉପନ୍ୟାସରେ ତାହା ପ୍ରତିଫଳିତ ହୋଇଛି। ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସେ ପ୍ରତିଟି ଓଡ଼ିଆଙ୍କ ପାଖେ ଅମର ହୋଇ ରହିଛନ୍ତି।

## ଏଆଇ ଯୋଗୁଁ ଚାକିରି ମିଳିବା କଷ୍ଟକର



**ଲିଙ୍କଡ୍‌ଇନ୍‌ର ଏକ ରିପୋର୍ଟ ଅନୁସାରେ, ବର୍ତ୍ତମାନ ଅଧିକାଂଶ ନିଯୁକ୍ତି ପ୍ରକ୍ରିୟା ଏଆଇ ଆଧାରିତ ହୋଇଗଲାଣି। ଫଳରେ ଚାକିରି ମିଳିବା ଏବେ ସେତେଟା ସହଜ ନୁହେଁ। ୮୪ ପ୍ରତିଶତ ଭାରତୀୟ ପ୍ରଫେସନାଲ ଏଆଇ ଭିତ୍ତିକ ସାକ୍ଷାତକାର ଯୋଗୁଁ ନୂଆ ଚାକିରି ପାଇଁ ପ୍ରସ୍ତୁତ ନ ଥିବା ମନେ କରୁଛନ୍ତି। ଅନୁରୂପ ଭାବେ ସେମାନଙ୍କ ମଧ୍ୟରୁ ୭୨ ପ୍ରତିଶତ ଲୋକ ଚଳିତ ବର୍ଷ ପ୍ରାରମ୍ଭରୁ ଷ୍ଟାର୍ଟଅପ୍ ତଥା ବ୍ୟବସାୟ ପ୍ରତି ଆକର୍ଷିତ ହେଉଥିବା ଜଣାପଡ଼ିଛି।**

ଲିଙ୍କଡଇନ୍‌ର ଏକ ସର୍ଭେରୁ ସାମ୍ନାକୁ ଆସିଛି ଯେ, ଆଜିକାଲିର ହାୟରିଂ ପ୍ରକ୍ରିୟା ଖୁବ୍ କଷ୍ଟକର ଏବଂ ଏହା ଏଆଇ ଆଧାରିତ ହୋଇଗଲାଣି। ୭୭ ପ୍ରତିଶତ ଲୋକଙ୍କ କହିବା କଥା, ନିଯୁକ୍ତି ଚୟନ ପ୍ରକ୍ରିୟାରେ ଏବେ ଅନେକ ପର୍ଯ୍ୟାୟ ସାମିଲ ହେଲାଣି। ୬୬ ପ୍ରତିଶତ ପ୍ରଫେସନାଲଙ୍କ ବିଶ୍ୱାସ, ନିଯୁକ୍ତି ପ୍ରକ୍ରିୟା ପୂର୍ବ ଭଳି ବ୍ୟକ୍ତିଗତ ହୋଇ ରହି ନାହିଁ। ୪୮ ପ୍ରତିଶତ ଏହି କଥାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ଯେ, ସେମାନଙ୍କ ଜବ୍ ଆପ୍ଲିକେସନ୍ ଅନ୍ୟମାନଙ୍କଠାରୁ କିଭଳି ଅଲଗା ଲାଗିବ। ଏପରିକି ନିଯୁକ୍ତିଦାତାଙ୍କଠାରୁ ବିଳମ୍ବରେ ଉତ୍ତର ମିଳିବା ଏବଂ ଫିଡ୍‌ବ୍ୟାକ୍ ନ ଆସିବା ଭଳି ଘଟଣା ବି ଲୋକଙ୍କ ମନରେ ଚାକିରିକୁ ନେଇ ଭୟ ସୃଷ୍ଟି କରୁଛି।

ରିପୋର୍ଟ ଅନୁସାରେ, ୮୭ ପ୍ରତିଶତ ପ୍ରଫେସନାଲ କାମ ସମୟରେ ଏଆଇ ବ୍ୟବହାର କରିବାରେ ସହଜ ଅନୁଭବ କରନ୍ତି। ତେବେ ଏଆଇର ବ୍ୟବହାର ଯେତେବେଳେ ନିଯୁକ୍ତି ପାଇଁ ସାକ୍ଷାତକାର ଏବଂ ନିଯୁକ୍ତି ପ୍ରଦାନ କରିବାର ଆସେ, ସେମାନଙ୍କ ବିଶ୍ୱାସ ହ୍ରାସ ପାଏ। ଅବଶ୍ୟ ଏବେ କିଛି ଲୋକେ ଏଆଇକୁ ସାହାଯ୍ୟକାରୀ ଟୁଲ୍ ଭାବେ ଦେଖିବାକୁ ଲାଗୁଛନ୍ତି। ୯୪ ପ୍ରତିଶତ ଭାରତୀୟ ପ୍ରଫେସନାଲ ଜବ୍ ସର୍ଚ୍ଚରେ ଏଆଇର ବ୍ୟବହାର କରିବା ଯୋଜନା କରୁଛନ୍ତି। ଏଆଇ ଆଧାରିତ ସାକ୍ଷାତକାର ଯୋଗୁଁ ୭୬ ପ୍ରତିଶତ ପ୍ରଫେସନାଲ ମାନୁଛନ୍ତି, ଗତ ବର୍ଷକ ମଧ୍ୟରେ ନୂଆ ଚାକିରି ପାଇବା ଅଧିକ କଷ୍ଟକର ହୋଇଗଲାଣି।

ଲିଙ୍କଡଇନ୍‌ର ଡାଟା ଅନୁସାରେ, ୨୦୨୨ ମସିହା ପରେ ଚାକିରି ଲାଗି ଆବେଦନ କରିଥିବା ସଂଖ୍ୟା ଦୁଇଗୁଣରୁ ଅଧିକ ହୋଇଯାଇଛି। ସେହିପରି ନିଯୁକ୍ତିଦାତା ବି ଚାପରେ ରହୁଛନ୍ତି। ୭୨ ପ୍ରତିଶତ ନିଯୁକ୍ତିଦାତାଙ୍କ ମତରେ, ଏବେ ଠିକ୍‌ରେ ଟ୍ୟାଲେଣ୍ଟର ସନ୍ଧାନ କରିବା ପୂର୍ବରୁ ଅଧିକ କଷ୍ଟକର ହୋଇପାରେ। ଏହି ପରିବର୍ତ୍ତନର ପ୍ରଭାବ କ୍ୟାରିୟର ଚଏସ୍ ଉପରେ ଦେଖିବାକୁ ମିଳିବ।

୩୨ ପ୍ରତିଶତ ଜେନ୍ ଜେଡ୍ ନିଜ ଇଣ୍ଡଷ୍ଟ୍ରି ବାହାରୁ କ୍ୟାରିୟର ବିକଳ୍ପର ସନ୍ଧାନ କରୁଛନ୍ତି। ୭୨ ପ୍ରତିଶତ ଲୋକ ଏହିବର୍ଷ ଆରମ୍ଭରୁ ଚାକିରି ଛାଡ଼ି ଷ୍ଟାର୍ଟଅପ୍ ଏବଂ ବ୍ୟବସାୟ ପ୍ରତି ଆକର୍ଷିତ ହୋଇଛନ୍ତି। ଏହି ରିପୋର୍ଟ ଅନୁସାରେ, ପ୍ରମପ୍ଟ ଇଞ୍ଜିନିୟର, ଏଆଇ ଇଞ୍ଜିନିୟର, ସଫ୍ଟୱେର ଇଞ୍ଜିନିୟର ଭଳି ଚାକିରି ଦ୍ରୁତ ଭାବେ ବଢ଼ୁଛି।




## ପିଲାଙ୍କ ପାଇଁ ହ୍ୱାଟ୍ସଆପ୍‌ର ନୂଆ ଫିଚର୍

**ହ୍ୱାଟ୍ସଆପ୍ ଖୁବ୍‌ଶୀଘ୍ର ବ୍ୟବହାରକାରୀଙ୍କ ଲାଗି ଏକ ନୂଆ ଫିଚର୍ ଲଞ୍ଚ୍ କରିବ। ଏହି ଫିଚର୍ ମୁଖ୍ୟତଃ ପିଲାଙ୍କ ଲାଗି ଉଦ୍ଦିଷ୍ଟ। ନୂଆ ଫିଚର୍‌ରେ ପ୍ୟାରେଣ୍ଟାଲ କଣ୍ଟ୍ରୋଲର ସୁବିଧା ମିଳିବ। ଏହି ଫିଚର୍ ମାଧ୍ୟମରେ ବାପାମାଆ ସେମାନଙ୍କ ପିଲାଙ୍କ ଆକାଉଣ୍ଟକୁ ଆରାମରେ ନିୟନ୍ତ୍ରଣ କରିପାରିବେ। ଉକ୍ତ ଫିଚର୍ ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି ଏବଂ ଖୁବ୍‌ଶୀଘ୍ର ଏହାକୁ ନୂଆ ଅପଡେଟ୍‌ରେ ସାମିଲ କରାଯିବ।**

ଏହି ଫିଚର୍ ଏବେ ସର୍ବସାଧାରଣଙ୍କ ଲାଗି ଉପଲବ୍ଧ ହୋଇ ନାହିଁ। ଅନ୍ୟପଟେ ଏହି ଫିଚର କିଛି ସୀମିତ ସୁବିଧା ସହିତ କାମ କରିବ। ଏହି ନୂଆ ଫିଚର୍ ଲାଗି ସେକେଣ୍ଡାରି ଆକାଉଣ୍ଟ ତିଆରି କରାଯିବ। ଏହାର ଅର୍ଥ ହେଉଛି, ପିଲା ଏକ ଅଲଗା ପ୍ରୋଫାଇଲରୁ ହ୍ୱାଟ୍ସଆପ୍ ବ୍ୟବହାର କରିବେ ଏବଂ ଏହାର ନିୟନ୍ତ୍ରଣ ବାପାମାଆଙ୍କ ହାତରେ ରହିବ। ଏହା ଦ୍ୱାରା ଅଜଣା ଲୋକଙ୍କ ସହିତ ଯୋଗାଯୋଗ କରିବାର ଆଶଙ୍କା କମିଯିବ।

ତେବେ ଏବେ ଯେଉଁ ଭଳି ଭାବେ ପିଲା ମୋବାଇଲ ଓ ସାମାଜିକ ଗଣମାଧ୍ୟମର ବ୍ୟବହାର କରୁଛନ୍ତି, ଏହା ଦ୍ୱାରା ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସିଯାଉଛନ୍ତି। ଫଳରେ ପିଲା ଓ ସେମାନଙ୍କ ପରିବାରକୁ ବହୁ ସମସ୍ୟା ସାମ୍ନା କରିବାକୁ ପଡ଼ୁଛି। ହ୍ୱାଟ୍ସଆପ୍ ଏହି ସମସ୍ୟାର ସମାଧାନ ବାହାର କରିବା ଲାଗି ଏହି ଫିଚର ଉପରେ କାମ କରୁଛି। ଏହାଦ୍ୱାରା ବାପାମାଆ ପିଲାଙ୍କ ସୁରକ୍ଷା ଉପରେ କିଛିଟା ନିୟନ୍ତ୍ରଣ ରକ୍ଷା କରିପାରିବେ ବୋଲି କୁହାଯାଉଛି।




## ପରୀକ୍ଷାରେ ସଫଳତା ମିଳୁ ନ ଥିଲେ...



**ଆଜିକାଲି ପ୍ରବେଶିକା ପରୀକ୍ଷା ଲାଗି ପିଲାମାନେ ଖୁବ୍ ପରିଶ୍ରମ କରୁଛନ୍ତି। କୋଚିଂ ନେବା ତଥା ପରୀକ୍ଷାରେ କଠିନ ପରିଶ୍ରମ କରିବା ସତ୍ତ୍ୱେ ମଧ୍ୟ କେତେକ ପରୀକ୍ଷାର୍ଥୀଙ୍କୁ ହତାଶ ହେବାକୁ ପଡ଼ିଥାଏ। ଏପରିକି ପରୀକ୍ଷାରେ ସେମାନଙ୍କୁ ଆଶାନୁରୂପ ଫଳ ମିଳି ନ ଥାଏ। ପ୍ରଶ୍ନ ଉଠୁଛି, ସବୁଠୁ ଭଲ କୋଚିଂ କ୍ଲାସ୍‌ରେ ପଢ଼ିବା ପରେ ମଧ୍ୟ ପିଲାଟିଏ ପରୀକ୍ଷାରେ କେଉଁ କାରଣ ପାଇଁ କୃତକାର୍ଯ୍ୟ ହୋଇପାରି ନ ଥାନ୍ତି, ସେ ସମ୍ପର୍କରେ ଜାଣିବା ଦରକାର।**

- ପ୍ରବେଶିକା ପରୀକ୍ଷା ଦେଉଥିଲେ ପରୀକ୍ଷାର୍ଥୀଙ୍କୁ ଏ କଥା ଜାଣିବା ଜରୁରି, ସେମାନେ ସୀମିତ ସମୟରେ କୌଣସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି।
- କିଛି ପିଲା କୋଚିଂ କ୍ଲାସ୍ ସହିତ ସଫଳତା ପାଇଁ ଆବଶ୍ୟକ ପରିଶ୍ରମ, ଅନୁଶାସନ ଉପରେ ଦୃଷ୍ଟି ଦେଇ ନ ଥାନ୍ତି।
- ସେଥିପାଇଁ ପ୍ରଥମେ ନିଜର ମୂଲ୍ୟାଙ୍କନ କରିବା ଦରକାର।
- ଏହା ସହ ଧୀରେ ଧୀରେ ନିଜର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।
- ନିୟମିତ କୋଚିଂ କ୍ଲାସ୍‌ରେ ସାମିଲ ନ ହେବା ମଧ୍ୟ ଅସଫଳତାର ଅନ୍ୟତମ କାରଣ ।
- ଅନେକ କୋଚିଂ ସେଣ୍ଟର ପିଲାଙ୍କର ଫଲୋଅପ୍ କରିଥାନ୍ତି। ଯାହାକୁ ପରୀକ୍ଷାର୍ଥୀ ଠିକ୍ ଭାବେ ଉପଯୋଗ କରି ନ ଥାନ୍ତି। ସେଥିପାଇଁ ପିଲାଙ୍କୁ କୋଚିଂର ଫଲୋଅପ୍ ଉପରେ ଦୃଷ୍ଟି ଦେବା ଦରକାର।

## ବ୍ରେନ୍ ଭ୍ୟାକେସନ୍

**ଆଜିକାଲି ଲୋକମାନେ ଏତେ ବେଶି କାର୍ଯ୍ୟବ୍ୟସ୍ତତା ଭିତରେ ରହୁଛନ୍ତି ଯେ, ସେମାନେ ନିଜ ପାଇଁ ସମୟ ବାହାର କରିପାରୁ ନାହାନ୍ତି। ସେଥିପାଇଁ ସେମାନେ ମାନସିକସ୍ତରରେ ନିଜକୁ ଅବସାଦ ମୁକ୍ତ କରିବା ପାଇଁ ଭିନ୍ନ ଭିନ୍ନ ଉପାୟ ଆପଣାନ୍ତି। ସେଥିରୁ ଅନ୍ୟତମ 'ବ୍ରେନ୍ ଭ୍ୟାକେସନ।' ଏହା ହେଉଛି ଏମିତି ଏକ ଥେରାପି, ଯାହା ଜଣକର ଅବସାଦକୁ କମ୍ କରି ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆଣେ। ତା'ସହ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରେ।**

ବିଶ୍ରାମ କେବଳ ଶରୀର ପାଇଁ ଜରୁରି ନୁହେଁ। ଏହା ମସ୍ତିଷ୍କ ପାଇଁ ବି ଗୁରୁତ୍ୱ ବହନ କରେ। ସେଥିପାଇଁ କାର୍ଯ୍ୟବ୍ୟସ୍ତତା ଭିତରେ ମନକୁ ବିଶ୍ରାମ ଦେବା ଦରକାର। ତା'ସହ ପର୍ଯ୍ୟାପ୍ତ ବିଶ୍ରାମ ବିନା ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ। ଏଣୁ ମାନସିକ ଚିନ୍ତା ତଥା ଅବସାଦରୁ ମୁକ୍ତି ପାଇବା ଏବଂ ମନକୁ ଆରାମ ଦେବା ଲାଗି ବ୍ରେକ୍ ବା ବିରତି ନେବାକୁ କୁହାଯାଏ 'ବ୍ରେନ୍ ଭ୍ୟାକେସନ୍।'

ମାନସିକ ସୁସ୍ଥତାକୁ ବଜାୟ ରଖିବା ଲାଗି 'ବ୍ରେନ୍ ଭ୍ୟାକେସନ୍' ହେଉଛି ଏକ ମହତ୍ତ୍ୱପୂର୍ଣ୍ଣ ଅଭ୍ୟାସ। ଏହି ନୂତନ ଅଭ୍ୟାସରେ ଜଣେ ଟେକ୍ନୋଲଜିରୁ ଦୂରତ୍ୱ ରକ୍ଷା କରି ଏକାଗ୍ରତା, ବ୍ୟାୟାମ, ତଥା ସୃଜନାତ୍ମକ କାମରେ ନିଜକୁ ସାମିଲ କରନ୍ତି। ସେହିପରି ପ୍ରକୃତି ସହ ସମୟ ବିତାଇବା ମଧ୍ୟ ବ୍ରେନ୍ ଭ୍ୟାକେସନ୍ ଲାଗି ଉଦ୍ଦିଷ୍ଟ। ଏହିସବୁ ଅଭ୍ୟାସକୁ ଦୈନିକ ଜୀବନଚର୍ଯ୍ୟାରେ ସାମିଲ କରିବା ଜରୁରି। ପ୍ରକୃତି ସହିତ ସମୟ ଅତିବାହିତ କଲେ ମନ ଓ ଶରୀରରେ ଏହାର ଶାନ୍ତିପୂର୍ଣ୍ଣ ପ୍ରଭାବ ପଡ଼େ। ଏଭଳି ପରିବେଶରେ ବ୍ୟାୟାମ କରିବା ମଧ୍ୟ ବ୍ରେନ୍ ଭ୍ୟାକେସନ୍‌ର ଲାଭକୁ ଦ୍ୱିଗୁଣିତ କରିଥାଏ।



## ଅବସର ନେବେ ଆଲିସା ହିଲୀ



ସିଡ୍‌ନୀ, ୧୩।୧ (ଏଜେନ୍ସି): ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର ଅଧିନାୟିକା ଆଲିସା ହିଲୀ ଅବସର ନେଇ ସୂଚନା ଦେଇଛନ୍ତି। ଫେବୃଆରୀ ୧୫ରୁ ଘରୋଇ ପରିବେଶରେ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ସିରିଜ ପରେ ସମସ୍ତ ଫର୍ମାଟ୍‌ରୁ ଅବସର ନେବେ ବୋଲି ୩୫ ବର୍ଷୀୟା ହିଲୀ ମଙ୍ଗଳବାର ସୂଚନା ଦେଇଛନ୍ତି। ୨୦୧୦ରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଖେଳି ଏହି ୱିକେଟ୍‌କିପର ବ୍ୟାଟର୍ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଦୀର୍ଘ ୧୬ ବର୍ଷର କ୍ୟାରିୟରରେ ସେ ଅଷ୍ଟ୍ରେଲିଆ ପାଇଁ ୧୦ଟି ଟେଷ୍ଟ, ୧୨୩ ଦିନିକିଆ ଓ ୧୬୨ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏହି ୩ଟି ଯାକ ଫର୍ମାଟ୍‌ରେ ସେ ୭ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୮ଟି ଶତକ ଓ ୩୮ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିଭଳି ୱିକେଟ୍ ପଛରେ ହିଲୀ ୨୭୫ଟି ଡିସ୍‌ମିସାଲ ମଧ୍ୟ କରିଛନ୍ତି। ଜ୍ୱାଜଲ୍ୟମୟ କ୍ୟାରିୟରରେ ହିଲୀ ୮ଟି ବିଶ୍ୱକପ୍ ମଧ୍ୟ ଖେଳିଛନ୍ତି। ଯେଉଁଥିରେ ସେ ୬ଥର ଟି-୨୦ ବିଶ୍ୱକପ୍ (୨୦୧୦, ୨୦୧୨, ୨୦୧୪, ୨୦୧୮, ୨୦୨୦ ଓ ୨୦୨୩) ଓ ୨ଥର ଦିନିକିଆ ବିଶ୍ୱକପ୍ (୨୦୧୩ ଓ ୨୦୨୨) ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ହିଲୀ ୨୦୧୬ରେ ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ୍ ଦଳର ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କୁ ବିବାହ କରିଥିଲେ।

## ରିତିକାଙ୍କ ୨୬.୩୦ କୋଟି ଆପାର୍ଟମେଣ୍ଟ

ମୁମ୍ବାଇ, ୧୩।୧ (ଏଜେନ୍ସି): କ୍ରିକେଟର୍ ରୋହିତ୍ ଶର୍ମାଙ୍କ ପତ୍ନୀ ରିତିକା ସାଜଡେ ତାଙ୍କ ନୂଆ ଘରକୁ ନେଇ ଏବେ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ରିତିକା ଦକ୍ଷିଣ ମୁମ୍ବାଇର ଆହୁଜା ଟାୱାରର ପ୍ରଭାଦେବୀରେ ଏହି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କ୍ରୟ କରିଛନ୍ତି। ୨୭୬୦ ସ୍କୋୟାର ଫୁଟ ଅଞ୍ଚଳରେ ଅବସ୍ଥିତ ଏହି ଆପାର୍ଟମେଣ୍ଟର ମୂଲ୍ୟ ୨୬.୩୦ କୋଟି ଟଙ୍କା ବୋଲି ରିପୋର୍ଟରୁ ଜଣାପଡ଼ିଛି। ଷ୍ଟାମ୍ପ ଡ୍ୟୁଟି ବାବଦକୁ ସେ ୧.୩୧ କୋଟି ଏବଂ ରେଜିଷ୍ଟ୍ରେସନ ଫି ବାବଦକୁ ୩୦ ହଜାର ଟଙ୍କା ଦେଇଛନ୍ତି। ଏହା ୱର୍ଲି, ଲୋୟର ପରେଲ ଓ ବିକେସିର ବହୁତ ନିକଟତର। ତିନୋଟି କାର୍ ରହିଲା ଭଳି ପାର୍କିଂ ଏରିଆ ମଧ୍ୟ ଏଥିରେ ରହିଛି। ଏଥିପୂର୍ବରୁ ରୋହିତ ମଧ୍ୟ ପୂର୍ବରୁ ଆହୁଜା ଟାୱାରର ୨୯ତମ ଫ୍ଲୋରରେ ଏକ ଆପାର୍ଟମେଣ୍ଟ କ୍ରୟ କରିଥିଲେ। ଉଲ୍ଲେଖଯୋଗ୍ୟ ୩୮ ବର୍ଷୀୟା ରିତିକା ଦୀର୍ଘଦିନ ହେବ କର୍ନଷ୍ଟୋନ ସ୍ପୋର୍ଟ୍ସ ଆଣ୍ଡ ଏଣ୍ଟରଟେନମେଣ୍ଟରେ ସ୍ପୋର୍ଟ୍ସ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି।

### ଦ୍ୱିତୀୟ ଦିନିକିଆରେ ମଧ୍ୟ ରୋହିତ-କୋହଲିଙ୍କ ଆକର୍ଷଣ

# ରାଜକୋଟରେ ସିରିଜ୍ କବ୍ଜା ଭାରତର ଲକ୍ଷ୍ୟ

ରାଜକୋଟ,୧୩ା୧(ଏଜେନ୍ସି)



ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଆସନ୍ତାକାଲି ବା ରବିବାର ସ୍ଥାନୀୟ ନିରଞ୍ଜନ ଶାହା ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ପୂର୍ବରୁ ବରୋଦାରେ ୧୧ ତାରିଖରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୪ ୱିକେଟରେ ବିଜୟୀ ହୋଇଥିଲା। ଭାରତୀୟ ଦଳରେ ଦୁଇ କିଂବଦନ୍ତି ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ସହାୟତାରେ ଭାରତ ଏଠାରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଜିତିବା ସହ ଆଗୁଆ ସିରିଜ୍ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଏହି ସିରିଜ୍‌ରେ ନ୍ୟୁଜିଲାଣ୍ଡ ତାହାର ଶ୍ରେଷ୍ଠ ଖେଳାଳିଙ୍କ ବିନା ଖେଳିବାକୁ ଆସିଥିଲେ ମଧ୍ୟ ମ୍ୟାଚ୍ ଜିତିବାକୁ ଭାରତକୁ ନାକେଦମ କରିଥିଲା। ଏଣୁ ଦଳ ଯଦି ଆଉ ଟିକେ ଲଢୁଆ ଖେଳିବ ତେବେ ଫଳାଫଳ ନିଶ୍ଚିତ ଅଲଗା ହେବ। ରାଜକୋଟରେ ପ୍ରଥମ ଇନିଂସରେ ହାରାହାରି ୩୨୨ ରନ୍ ସଂଗୃହୀତ ହୋଇଛି। ଏଣୁ ଏହି ମ୍ୟାଚ୍ ଯେ ହାଇ ସ୍କୋରିଂ ମୁକାବିଲା ହେବ ଏଥିରେ ସନ୍ଦେହ ନାହିଁ। ଏଭଳି ମ୍ୟାଚ୍‌ରେ ରନ୍ ଚେଜ୍ କରୁଥିବା ଦଳ ଯେ ଫାଇଦାରେ ରହିବା ନିଶ୍ଚିତ୍। ଏବେ ପ୍ରବଳ କାକର ପଡୁଥିବାରୁ ଏପରି ଆଶଙ୍କା ରହିଛି।

ବରୋଦାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ମ୍ୟାଚ୍ ଜିତିଥିଲା ସତ, କିନ୍ତୁ ଏଥିଲାଗି ଦଳକୁ ସଂଘର୍ଷ କରିବାକୁ ପଡ଼ିଥିଲା। ବୋଲିଂ ହେଉ କିମ୍ବା ବ୍ୟାଟିଂରେ ଭାରତ ଦମ୍‌ର ସହ ପ୍ରଦର୍ଶନ କରିପାରି ନ ଥିଲା। ବୋଲିଂରେ ପେସ୍‌ର ହୁଅନ୍ତୁ କି ସ୍ପିନର କେହି ନ୍ୟୁଜିଲାଣ୍ଡ ବ୍ୟାଟରକୁ ନିୟନ୍ତ୍ରଣରେ ରଖିବାରେ ଅସମର୍ଥ ହୋଇଥିଲେ। ଯାହା ଫଳରେ ଦୁଇ ଅଭିଜ୍ଞ ବ୍ୟାଟର ରୋହିତ ଓ କୋହଲିଙ୍କ ଯୋଗୁଁ ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ କୋହଲି ଗୋଟିକ ପରେ ଗୋଟିଏ ରେକର୍ଡ ଭାଙ୍ଗିଥିଲେ ମଧ୍ୟ କେବଳ ଶତକରୁ ବଞ୍ଚିତ ହୋଇଥିଲେ। ରାଜକୋଟରେ ରୋହିତଙ୍କ ରେକର୍ଡ ବହୁତ ଭଲ। ଏଠାରେ ପୂର୍ବରୁ ସେ ଖେଳିଥିବା ୩ଟି ମ୍ୟାଚ୍‌ରେ ଯଥାକ୍ରମେ ୭୪ବଲ୍‌ରୁ ୬୫, ୪୪ ବଲ୍‌ରୁ ୪୨ ଓ ୫୭ ବଲ୍‌ରୁ ୮୧ ରନ୍ କରିଛନ୍ତି। ଏଣୁ ବୟସ ଅଧିକ ହୋଇଥିଲେ ମଧ୍ୟ ଉଭୟ ରୋହିତ ଓ କୋହଲିଙ୍କ ଯୁବସୁଲଭ ଖେଳ ଭାରତୀୟଙ୍କୁ ପ୍ରଭାବିତ କରୁଛି।

ଦଳର ବୋଲିଂ ଶୃଙ୍ଖଳିତ ନ ଥିଲା। ଯାହା ଫଳରେ ପ୍ରଥମ ୱିକେଟ୍‌ରୁ ନ୍ୟୁଜିଲାଣ୍ଡ ସେଞ୍ଚୁରୀ ପାର୍ଟନରସିପ୍ କରିପାରିଥିଲା। ଏଭଳି ସ୍ଥିତିରେ ବୋଲର କିଛି ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଆହତ ହୋଇ ୱାଶିଂଟନ ସୁନ୍ଦର ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ଭାରତ ଅନ୍ୟତମ ପେସ ଅଲରାଉଣ୍ଡର ନିତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରିବାର ସମ୍ଭାବନା ରହିଛି। ଅନ୍ୟ ଖେଳାଳିମାନେ ସ୍ଥାନ ବଜାୟ ରଖିବେ।

ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ଦଳ ବରୋଦାରେ ଆଉ କିଛି ଅଧିକ ରନ୍ କରିଥିଲେ ଭାରତକୁ ମ୍ୟାଚ୍ ଜିତିବା କଷ୍ଟକର ହୋଇପଡ଼ିଥାନ୍ତା। ଏହା ଉପରେ ସେମାନେ ନଜର ଦେବେ। କେବଳ ପେସ ବୋଲର କାଏଲ ଜାମିସନଙ୍କୁ ଭାରତୀୟ ବ୍ୟାଟର ଖେଳିବା କଷ୍ଟକର ହୋଇଥିଲା। ଅନ୍ୟ ବୋଲରଙ୍କଠାରୁ ସହଯୋଗ ଆଶା କରାଯାଉଛି। ସେହିପରି ଦଳ ଫିଲ୍ଡିଂରେ ଉନ୍ନତି ଆଣିବା ଦରକାର।

### ପ୍ରଥମ ଇନିଂସରେ ହାରାହାରି ୩୨୨ ରନ୍

ରାଜକୋଟରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ର ପ୍ରଥମ ଇନିଂସରେ ହାରାହାରି ୩୨୨ ରନ୍ ସଂଗ୍ରହର ରେକର୍ଡ ରହିଛି। ନ୍ୟୁଜିଲାଣ୍ଡର କ୍ରମାଗତ ୯ଟି ବିଜୟରେ ଭାରତ ବରୋଦାରେ ବ୍ରେକ୍ ଲଗାଇଛି। ଭ୍ରମଣକାରୀ ଦଳ ଭାରତରେ ୭ଥର ଦ୍ୱିପାକ୍ଷିକ ସିରିଜ୍ ଖେଳିଥିଲେ ମଧ୍ୟ ଗୋଟିକରେ ଜିତିନାହିଁ। ଉଭୟ ଦଳ ଭାରତୀୟ ମାଟିରେ ୪୦ଟି ସମ୍ପୂର୍ଣ୍ଣ ହୋଇଥିବା ମ୍ୟାଚ୍‌ରୁ ନ୍ୟୁଜିଲାଣ୍ଡ ମାତ୍ର ୮ଟିରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ୨୦୧୬ ପରଠାରୁ ଘରୋଇ ମାଟିରେ ଭାରତ ୧୩ଟି ଦ୍ୱିପାକ୍ଷିକ ସିରିଜ୍ ଜିତିଥିଲା ମାତ୍ର ୨ଟିରେ ତାହା ପୁଣି ଅଷ୍ଟ୍ରେଲିଆ ନିକଟରୁ ହାରିଛି। ଆସନ୍ତାକାଲି ବିଜୟୀ ହେଲେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୮ମ ଦ୍ୱିପାକ୍ଷିକ ସିରିଜ୍ ବିଜୟୀ ହେବ।

### ସମ୍ଭାବ୍ୟ ଖେଳାଳି ଦଳ

**ଭାରତ** : ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ୍ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା।
**ବେଞ୍ଚ୍** -ଯଶସ୍ୱୀ ଜୟସ୍ୱାଲ, ଧ୍ରୁବ ଜୁରେଲ, ଅର୍ଶଦୀପ ସିଂହ ଓ ଆୟୂଷ ବଦୋନି।

**ନ୍ୟୁଜିଲାଣ୍ଡ** : ଡେଭନ କନୱେ, ହେନରୀ ନିକୋଲସ, ନିକ୍ କେଲୀ, ୱିଲ ୟଙ୍ଗ୍, ଡାରିଲ ମିଚେଲ, ଗ୍ଲେନ ଫିଲିପ୍ସ, ମାଇକେଲ ବ୍ରେସ୍‌ୱେଲ (ଅଧିନାୟକ), ମିଚେଲ ହେ (ୱିକେଟ ରକ୍ଷକ), ଜାକାରୀ ଫୋକ୍ସ, କାଏଲ ଜାମିସନ, ଜୋଶ କ୍ଲାର୍କସନ, ଆଦିତ୍ୟ ଅଶୋକ।
**ବେଞ୍ଚ** - ଜେଡେନ ଲେନ୍ନକ୍ସ, କ୍ରିଷ୍ଟିଆନ କ୍ଲାର୍କ, ଜୋଶ କ୍ଲାର୍କସନ, ମାଇକେଲ ରେ।

**ଖେଳ ଆରମ୍ଭ: ଅପରାହ୍ଣ ୧ଟା ୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

## ଡବ୍ଲ୍ୟୁପିଏଲ୍: ଜାଏଣ୍ଟ୍‌ସର ଲଢୁଆ ବ୍ୟାଟିଂ

ମୁମ୍ବଇ, ୧୩।୧ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୬ଷ୍ଠ ମ୍ୟାଚରେ ମଙ୍ଗଳବାର ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଜାଏଣ୍ଟ୍‌ସ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଡି ୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ଜାଏଣ୍ଟ୍‌ସ ଶେଷ ଖବର ସୁଦ୍ଧା ୧୬ ଓଭରରେ ୪ ୱିକେଟ୍ ହରାଇ ୧୩୬ ରନ ସଂଗ୍ରହ କରିଛି। ଜର୍ଜିଆ ୱେରହାମ ୨୭ ଓ ଆୟୁଷି ସୋନି ୧୧ ରନ କରି ଖେଳୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ବେଥ୍ ମୁନୀ ୩୩, ସୋଫି ଡିଭାଇନ ୮, କନିକା ଆହୁଜା ୩୫, ଅଧିନାୟିକା ଆସଲେ ଗାର୍ଡନର ୨୦ ରନ କରି ଆଉଟ୍ ହୋଇଛନ୍ତି। ବୋଲିଂରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ସବନିମ୍ ଇସମାଇଲ, ହେଲୀ ମାଥ୍ୟୁସ, ନିକୋଲା କାରୀ ଓ ଆମେଲିଆ କେର୍ ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି। ଗୁଜରାଟ ୨ଟି ମ୍ୟାଚରୁ ୪ ପଏଣ୍ଟ ପାଇ ଆର୍‌ସିବି ପଛକୁ ୨ୟ ସ୍ଥାନରେ ରହିଛି।

## କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଭୁବନେଶ୍ୱର,୧୩ା୧(ସମିସ): ସଚିବାଳୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗରେ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆନ୍ତଃବିଭାଗୀୟ କ୍ୟାରମ ପ୍ରତିଯୋଗିତା ୟୁନିଟ୍-୧ରେ ଥିବା ଆକ୍ଟିଭିଟି ସଭାଗୃହ ପରିସରରେ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ବିଭାଗୀୟ ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲିକ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉପନିର୍ଦ୍ଦେଶକ ଶେଷଦେବ ବେହେରା, ଉନ୍ନୟନ ପରିଷଦର ଉପଦେଷ୍ଟା ବିପିନ ବିହାରୀ ହାଁସ୍‌ଦା ଯୋଗଦେଇଥିଲେ। ସଭାପତି ଦିବ୍ୟଜୀବନ ସାହୁ, ସମ୍ପାଦକ ଶିବପ୍ରସାଦ ହାଁସ୍‌ଦା, କୋଷାଧ୍ୟକ୍ଷ ସିକନ୍ଦର ଦିଗଲ ପ୍ରମୁଖ ଉପସ୍ଥିତ ଥିଲେ। ୨୭ ତାରିଖରେ ଶେଷ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ଓପନ ସିଙ୍ଗଲ୍ସ ଓ ଡବଲ୍ସ, ପୁରୁଷ ବିଭାଗ ସିଙ୍ଗଲ୍ସ ଓ ଟିମ୍ ଇଭେଣ୍ଟ ଖେଳାଯିବ। ଏଥିରେ ୧୪ଟି ବିଭାଗରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

## ସ୍ୱଚ୍ଛତାକୁ ନେଇ ପୁଣିଥରେ ପ୍ରଶ୍ନ ଉଠାଇଲେ ମିଆ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଭାରତୀୟ ବ୍ୟାଡ୍‌ମିଣ୍ଟନ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ସ୍ୱଚ୍ଛତାକୁ ନେଇ ପୁଣିଥରେ ଡେନମାର୍କ ଖେଳାଳି ମିଆ ବ୍ଲିଚଫେଲ୍ଡଟ୍ ପ୍ରଶ୍ନ ଉଠାଇଛନ୍ତି। ଗତ ବର୍ଷ ଏହି ପ୍ରତିଯୋଗିତା କେଡି ଯାଦବ ଇଣ୍ଡୋର ଷ୍ଟାଡିୟମରେ ଖେଳାଯାଇଥିବାବେଳେ ସମାନ ପରିଷ୍କାର, ସ୍ୱଚ୍ଛତା ଓ ପରିବେଶକୁ ନେଇ ୨୮ ବର୍ଷୀୟା ମିଆ ପ୍ରଶ୍ନ ଉଠାଇଥିଲେ। ସେହି ସମୟରେ ମିଆ ଅସୁସ୍ଥ ମଧ୍ୟ ହୋଇପଡ଼ିଥିଲେ। ଏଥିଲାଗି ସେ ଏଠାକାର ଅସ୍ୱାସ୍ଥ୍ୟକର ପରିବେଶକୁ ଦାୟୀ କରିଥିଲେ। ଏଥର କିନ୍ତୁ ଟୁର୍ଣ୍ଣାମେଣ୍ଟ ଇନ୍ଦିରା ଗାନ୍ଧୀ (ଆଇଜି) ଏରେନାକୁ ସ୍ଥାନାନ୍ତରଣ ହୋଇଛି। ତଥାପି ମଧ୍ୟ ଟୁର୍ଣ୍ଣାମେଣ୍ଟର ଆୟୋଜକ ସ୍ଥଳ ଓ ପରିବେଶକୁ ନେଇ ମିଆ ଖୁସି ନାହାନ୍ତି। 'ଏଠାକାର ଆକାର ବହୁତ ବଡ଼। ବିଶ୍ୱ ଚାମ୍ପିଅନସିପ୍ ଭଳି ମେଜର ଇଭେଣ୍ଟ ଲାଗି ଏହା ପ୍ରକୃଷ୍ଟ। କିନ୍ତୁ ଦୁର୍ଭାଗ୍ୟବଶତଃ ଖେଳାଳିଙ୍କ ଲାଗି ଉପଲବ୍ଧ ଅଭ୍ୟାସ କୋଟ୍ ଏବେ ବି ମଇଳା ରହିଛି। ପକ୍ଷୀମାନେ ଭିତରେ ଉଡ଼ି ଏଣେତେଣେ ବସୁଛନ୍ତି। ଯାହା ଖେଳାଳିଙ୍କ ସ୍ୱାସ୍ଥ୍ୟ ଲାଗି ଭଲ ନୁହେଁ। ଜଣେ ୟୁରୋପୀୟ ଖେଳାଳି ଭାବେ ମୁଁ ଖାଦ୍ୟ ଓ ବ୍ୟାକ୍ଟେରିଆ ଭଳି ଜିନିଷ ପ୍ରତି ମୁଁ ଅଧିକ ସମ୍ବେଦନଶୀଳ। ତେଣୁ ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍ ଏଥିପ୍ରତି ଧ୍ୟାନ ଦେବା ଉଚିତ' ବୋଲି ମିଆ କହିଛନ୍ତି।



## ସେମିରେ କର୍ଣ୍ଣାଟକ-ବିଦର୍ଭ, ପଞ୍ଜାବ-ସୌରାଷ୍ଟ୍ର ମୁକାବିଲା

ବେଙ୍ଗାଲୁରୁ,୧୩ା୧(ଏଜେନ୍ସି): ଭାରତର ଜାତୀୟ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିର-୨୦୨୬ର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଜାନୁଆରୀ ୧୫ ତାରିଖ ଗୁରୁବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ କର୍ଣ୍ଣାଟକ ସହ ବିଦର୍ଭର ଓ ୧୬ ତାରିଖ ଶୁକ୍ରବାର ଦିନ ଦ୍ୱିତୀୟ ସେମିଫାଇନାଲରେ ପଞ୍ଜାବ ସହ ସୌରାଷ୍ଟ୍ରର ମୁକାବିଲା ହେବ। ଆଜି ବା ମଙ୍ଗଳବାର ଖେଳାଯାଇଥିବା ଶେଷ ଦୁଇଟି କ୍ୱାର୍ଟର ଫାଇନାଲରେ ବିଦର୍ଭ ୭୬ ରନ୍‌ରେ ଦିଲ୍ଲୀକୁ ଓ ପଞ୍ଜାବ ୧୮୩ ରନ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଗତକାଲି ଖେଳାଯାଇଥିବା ପ୍ରଥମ ଦୁଇଟି କ୍ୱାର୍ଟର ଫାଇନାଲରେ ମୁମ୍ବାଇକୁ ୫୫ ରନ୍‌ରେ କର୍ଣ୍ଣାଟକ ଓ ଉତ୍ତରପ୍ରଦେଶକୁ ୧୭ ରନ୍‌ରେ ସୌରାଷ୍ଟ୍ର ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ଦିନ ମ୍ୟାଚ୍ ବର୍ଷା ଯୋଗୁ ବାଧାପାଇଥିବା ବେଳେ ଭିଜେଡି ମେଥଡ୍‌ରେ ଫଳାଫଳ ନିର୍ଣ୍ଣିତ ହୋଇଥିଲା।

### ବିଜୟ ହଜାରେ ଟ୍ରଫି

ଆଜି ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ପ୍ରଭସିମରନ ସିଂହଙ୍କ ୮୮, ଅନ୍‌ମୋଲପ୍ରୀତ୍ ସିଂହଙ୍କ ୭୦ ଓ ନେହାଲ ୱାଧେରାଙ୍କ ୫୬ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୬ ୱିକେଟରେ ୩୪୫ ରନ୍ କରିଥିଲା। ଜବାବରେ ରଜତ ପାଟିଦାର (୩୮)ଙ୍କ ମଧ୍ୟପ୍ରଦେଶ ୩୧.୨ ଓଭରରେ ୧୬୨ ରନ୍ କରିଥିଲା। ଭେଙ୍କଟେଶ ଆୟର ଖାତା ଖୋଲି ପାରି ନ ଥିଲେ। ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଯଶ ରାଠୋଡଙ୍କ ୮୬ ଓ ଅଥର୍ବ ତାଇଡେଙ୍କ ୬୨ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ବିଦର୍ଭ ୯ ୱିକେଟରେ ୩୦୦ ରନ୍ କରିଥିଲା। ଜବାବରେ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କୁ ହରାଇଥିବା ଦିଲ୍ଲୀ ୪୫.୧ ଓଭରରେ ୨୨୪ ରନ୍ କରିଥିଲା। ଅନୁଜ ରାୱତ ସର୍ବାଧିକ ୬୬ ରନ୍ କରିଥିଲେ। ବିଦର୍ଭର ନଚିକେତ ଭୁତେ ୪ଟି ଓ ଅଧିନାୟକ ହର୍ଷ ଦୁବେ ୩ଟି ୱିକେଟ ପାଇଥିଲେ।

## ଯୌନ ଅସଦାଚରଣ ପ୍ରତି ଶୂନ୍ୟ ସହନଶୀଳ ନୀତି ରହିଛି: କଳିକେଶ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ନ୍ୟାସନାଲ ରାଇଫଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏନଆର୍‌ଏଆଇ) ଯୌନ ଅସଦାଚରଣ ପ୍ରତି ଶୂନ୍ୟ ସହନଶୀଳତା ନୀତି ରହିଛି। ଜୁନିଅର ସୁଟରଙ୍କ ଦ୍ୱାରା ଜାତୀୟ କୋଚ୍ ଅଙ୍କୁଶ ଭରଦ୍ୱାଜଙ୍କ ନାମରେ ଆସିଥିବା ଯୌନ ଅସଦାଚରଣ ଅଭିଯୋଗ ଉପରେ ସୁଟିଂ ସଂଘ ପୂର୍ଣ୍ଣ ସହଯୋଗ କରିବ। ଏହା ଏକ ସମ୍ବେଦନଶୀଳ ମାମଲା। ଖେଳାଳିମାନଙ୍କ ପାଇଁ ଏକ ସୁରକ୍ଷିତ କର୍ମକ୍ଷେତ୍ର ଓ ସୁରକ୍ଷିତ କ୍ରୀଡ଼ା ପରିବେଶ ଯୋଗାଇଦେବା ଉପରେ ଆମେ ଧ୍ୟାନ ଦେଉଛୁ ବୋଲି ଏନଆର୍‌ଏଆଇ ସଭାପତି କଳିକେଶ ସିଂ ଦେଓ କହିଛନ୍ତି। ସମସ୍ତ ଖେଳାଳି, ଅଧିକାରୀ ଓ ପ୍ରଶିକ୍ଷକ କିପରି ଆଚରଣ ପ୍ରଦର୍ଶନ କରିବେ ଏବଂ କ'ଣ ଗ୍ରହଣ ଓ କ'ଣ ଗ୍ରହଣୀୟ ନୁହେଁ ସେ ବିଷୟରେ ଏକ ଏସ୍‌ଓପି'ରେ ସ୍ୱାକ୍ଷର କରିବାକୁ ବାଧ୍ୟ। ଏହି ଏସ୍‌ଓପିରେ ଆମେ ପ୍ରଶିକ୍ଷକମାନଙ୍କୁ କ୍ରୀଡ଼ାବିତ୍‌ଙ୍କ ରୁମକୁ ପ୍ରବେଶ କରିବା ଉପରେ ନିଷେଧ କରିଛୁ। କ୍ରୀଡ଼ାବିତ୍, କୋଚ୍, ଅଫିସିଆଲଙ୍କ ମଧ୍ୟରେ ଆଲୋଚନା ସାଧାରଣ ସ୍ଥାନରେ କରାଯିବା ଉଚିତ। ଯାହା ଫଳରେ ଏଭଳି ଅଘଟଣ ଘଟିବ ନାହିଁ ବୋଲି କଳିକେଶ ଏକ ସାକ୍ଷାତ୍‌କାରେ କହିଛନ୍ତି। ପ୍ରକାଶଯୋଗ୍ୟ, ନିକଟରେ ଜଣେ ୧୭ ବର୍ଷୀୟା ସୁଟର୍ ଜାତୀୟ କୋଚ୍ ଅଙ୍କୁଶଙ୍କ ନାମରେ ଅସଦାଚରଣ ଭଳି ଗମ୍ଭୀର ଆରୋପ ଆଣିଥିଲେ। ଏହାପରେ ପୋସ୍କୋ ଆକ୍ଟ ଅନୁଯାୟୀ ଅଙ୍କୁଶଙ୍କୁ ଗିରଫ କରାଯାଇଥିବାବେଳେ ଏନଆର୍‌ଏଆଇ ମଧ୍ୟ ନିଲମ୍ବନ କରିଥିଲା।

### ଆଇସିସିର ଭେନ୍ୟୁ ନ ବଦଳାଇବା ଅନୁରୋଧକୁ ପ୍ରତ୍ୟାଖ୍ୟାନ

# ବାଂଲାର ଜିଦ୍: ଭାରତରେ ଖେଳିବନି ଟି-୨୦ ବିଶ୍ୱକପ୍

ଢାକା,୧୩ା୧(ଏଜେନ୍ସି)

ଭାରତରେ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍ ଖେଳିବ ନାହିଁ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପୁନର୍ବାର ଦାବି ଦୋହରାଇଛି। ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କ୍ରୀଡ଼ା ଉପଦେଷ୍ଟା (ଏବେ ଭାରତରେ ମନ୍ତ୍ରୀଙ୍କ ସହ ସମାନ) ଆସିଫ ନାଜରୁଲଙ୍କ ନେତୃତ୍ୱରେ ବାଂଲାଦେଶ କ୍ରିକେଟ ବୋର୍ଡ ଏହି ନିଷ୍ପତ୍ତି ନେଇଛି। ଆଇସିସି ପକ୍ଷରୁ ଭାରତରେ ବାଂଲା ଖେଳାଳି ଓ କର୍ମକର୍ତ୍ତାଙ୍କ ସୁରକ୍ଷା ପ୍ରତି କିଛି ବିପଦ ଅଛି କି ନାହିଁ ଏକ ନିରପେକ୍ଷ ସୁରକ୍ଷା ସଂସ୍ଥା ଦ୍ୱାରା ଆକଳନ କରିଥିଲା। କେବଳ କିଛି ଭେନ୍ୟୁରେ ସାମାନ୍ୟ ବିରୋଧ ହେବା ଛଡ଼ା ଅନ୍ୟଠାରେ ସୁରକ୍ଷା ପ୍ରତି ସାମାନ୍ୟତମ ବିପଦ ନ ଥିବା ଏହି ସଂସ୍ଥା ଦର୍ଶାଇଥିଲା। ଏହି ରିପୋର୍ଟ ପାଇବା ପରେ ଭାରତରେ ବିଶ୍ୱକପ୍ ନ ଖେଳିବା ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବାଂଲାଦେଶକୁ ଆଇସିସି ଅନୁରୋଧ କରିଥିଲା। କିନ୍ତୁ ବାଂଲା ସରକାରଙ୍କ କ୍ରୀଡ଼ା ଉପଦେଷ୍ଟା ଓ କ୍ରିକେଟ ବୋର୍ଡ କ୍ରିକେଟ ଦଳ ଭାରତ ଯିବ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଛନ୍ତି। ଭିଡିଓ କନ୍‌ଫରେନ୍ସ ଯୋଗେ ମଧ୍ୟ ଆଇସିସି ଓ ବିସିବି ମଧ୍ୟରେ ଆଲୋଚନା ହୋଇଥିଲା। କୌଣସି ପରିସ୍ଥିତିରେ ବାଂଲାଦେଶର କ୍ରିକେଟ ଟିମ୍ କିମ୍ବା କର୍ମକର୍ତ୍ତା ବିଶ୍ୱକପ୍ ଖେଳିବାକୁ ଭାରତ ଆସିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହା





ସହ ଭାରତ ବାହାରେ ଖେଳିବାକୁ ପୁଣିଥରେ ବିସିବି ଅନୁରୋଧ କରିଛି। ଦୁଇ ପକ୍ଷଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଏହି ଘଟଣାର ସମାଧାନ ଲାଗି ଆସନ୍ତା ଦିନରେ ବିଚାର ବିମର୍ଶ କରିବାକୁ ରାଜି ହୋଇଛନ୍ତି। ଆଇସିସିର ଯୁକ୍ତି ହେଉଛି ବିଶ୍ୱକପ୍ ଲାଗି ଖେଳସୂଚୀ ଘୋଷଣା କରାଯାଇସାରିଥିବାରୁ ଭେନ୍ୟୁ ପରିବର୍ତ୍ତନ କରିବା କଷ୍ଟକର ହେଉଛି। ଏଣୁ ବିସିବି ସହୃଦୟତାର ସହ ବିଚାର କରିବାକୁ ଅନୁରୋଧ କରିଥିଲା। ଏହାକୁ ବିସିବି ଦୃଢ଼ଭାବେ ଖଣ୍ଡନ କରିଥିଲା ଓ ଭାରତ ଯିବ ନାହିଁ ବୋଲି ନିଜ ଜିଦ୍‌ରେ ଅଟଳ ରହିଥିଲା।

ଆଇପିଏଲ୍-୨୦୨୬ରେ ସ୍ଥାନ ପାଇଥିବା ବାଂଲାଦେଶର ଏକମାତ୍ର ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ନିର୍ଦ୍ଦେଶକ୍ରମେ କୋଲକାତା ନାଇଟ୍ ରାଇଡର୍ସ ବିଦା କରିବା ଫଳରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପ୍ରଭାବିତ ହୋଇଛି। ରହେମାନଙ୍କୁ ବିଦା କରିବାର କୌଣସି କାରଣ ଦର୍ଶାଯାଇ ନ ଥିବାରୁ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ବିରୋଧ କରି ରହେମାନଙ୍କୁ ଭାରତରେ ନ ଖେଳାଇବା ଲାଗି ଦାବି କରାଯିବାରୁ ଏପରି ହୋଇଥିଲା। ତାଙ୍କୁ ବିଦା କରିବା ପରେ ସରକାର ବାଂଲାଦେଶରେ ଆପିଏଲ୍ ପ୍ରସାରଣକୁ ନିଷିଦ୍ଧ କରିଛନ୍ତି। ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଖେଳିବା ଲାଗି ବାଂଲା କ୍ରିକେଟ ଦଳ ଭାରତକୁ ନ ଯିବା ଲାଗି ବାଂଲାଦେଶ ସରକାର ନିଷ୍ପତ୍ତି ନେଇଛନ୍ତି।

### ପାକିସ୍ତାନ ଜନ୍ମିତ ଆମେରିକୀୟ କ୍ରିକେଟରଙ୍କୁ ଭାରତୀୟ ଭିସା ମନା

ପାକିସ୍ତାନରେ ଜନ୍ମିତ ଆମେରିକୀୟ କ୍ରିକେଟର ଅଲି ଖାନ୍‌ଙ୍କୁ ଭାରତ ସରକାର ଭିସା ଦେବାକୁ ମନା କରିଦେଇଛନ୍ତି। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ଯାଏ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଆମେରିକା ତାହାର ଦଳ ଘୋଷଣା କରିନାହିଁ। କିନ୍ତୁ ଅଲି ଖାନ୍ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍‌ରେ ଏହି ଖବର ପୋଷ୍ଟ କରିଛନ୍ତି। ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଆକଟରେ ଜନ୍ମହେବା ସହ ପଢ଼ିଥିବା ୩୫ ବର୍ଷୀୟ ମିଡିୟମ ପେସ୍ ବୋଲର ଅଲି ଖାନ୍ ଆମେରିକା ପକ୍ଷରୁ ୧୫ଟି ଦିନିକିଆ ଓ ୧୮ଟି ଟି-୨୦ ଖେଳିଛନ୍ତି। ସେ ମଧ୍ୟ ୨୦୨୪ ବିଶ୍ୱକପ୍‌ରେ ପାକିସ୍ତାନକୁ ହରାଇଥିବା ଆମେରିକା ଦଳର ଅନ୍ୟତମ ସଦସ୍ୟ ରହିଥିଲେ।

ଭାରତ ଓ ପାକିସ୍ତାନ ସହ ଆମେରିକା ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଆମେରିକା ଦଳ ପ୍ରଥମ ମ୍ୟାଚ୍‌ରେ ଭାରତ ସହ ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଫେବୃଆରୀ ୭ରେ ଖେଳିବ। କଲମ୍ବୋରେ ପାକିସ୍ତାନ ସହ ଫେବୃଆରୀ ୧୦ରେ, ଚେନ୍ନଇରେ ଫେବୃଆରୀ ୧୩ ଓ ୧୫ରେ ଯଥାକ୍ରମେ ନେଦରଲାଣ୍ଡସ ଓ ନାମିବ୍ୟା ସହ ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଖେଳିବ।

### ଅଲଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍

## ମହାବୀର ୱାରିୟର୍ସ ଚାମ୍ପିଅନ





ଭୁବନେଶ୍ୱର,୧୩ା୧(ସମିସ): ମା' ମଙ୍ଗଳା କ୍ଲବ୍‌କୁ ପରାସ୍ତ କରି ମହାବୀର ୱାରିୟର୍ସ ଷଷ୍ଠ ଅଲ୍ ଓଡ଼ିଶା କବାଡି ପ୍ରିମିୟର ଲିଗ୍ ଚାମ୍ପିଅନ ହୋଇଛି। ଫ୍ରାଞ୍ଚାଇଜ୍ ଭିତ୍ତିରେ ପଟିଆଗଡ଼ସ୍ଥିତ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଆଜି ଆୟୋଜିତ ହୋଇଥିଲା। ଫାଇନାଲର ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୩୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ସମାନସ୍ତରରେ ରହିଥିଲେ। ଅତିରିକ୍ତ ଖେଳରେ ମହାବୀର ୱାରିୟର୍ସ ୬-୪ରେ ମା' ମଙ୍ଗଳାକୁ ହରାଇ ଟାଇଟଲ ଜିତିନେଇଥିଲା। ଖେଳ ଶେଷରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଓ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ କେବଳ ପୁରୁଷ ବିଭାଗରେ ଖେଳାଯାଇଥିଲା ଓ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଆସନ୍ତାବର୍ଷଠାରୁ ଉଭୟ ପୁରୁଷ ଓ ମହିଳା ବିଭାଗରେ ଏହି ଲିଗ୍ ଖେଳାଯିବ ବୋଲି ଆୟୋଜକ ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ୍‌ର ସଭାପତି ସୁବାସ ପରିଡ଼ା ଘୋଷଣା କରିଛନ୍ତି।

### ହକି ଇଣ୍ଡିଆ ଲିଗ୍

## ଟାଇଗର୍ସ ବନାମ ଡ୍ରାଗନ୍ସ

ରାଞ୍ଚି,୧୩ା୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ଷ୍ଟାଡିୟମ୍‌ରେ ଶ୍ରାଚି ବେଙ୍ଗଲ ଟାଇଗର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଜୋରଦାର ଲଢ଼େଇ ଚାଲିଛି। ଏହି ମ୍ୟାଚ୍‌ର ଶେଷ ଖବର ସୁଦ୍ଧା ବେଙ୍ଗଲ ଟାଇଗର୍ସ ୨-୧ ଗୋଲରେ ଆଗୁଆ ରହିଛି। ଟାଇଗର୍ସ ପକ୍ଷରୁ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଜୁଗରାଜ ସିଂହ ଓ ଜୁଗରାଜ ସିଂହ ଫିଲ୍ଡ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। କିନ୍ତୁ ଖେଳର ୩୬ତମ ମିନିଟ୍‌ରେ ଓଡ଼ିଆ ଖେଳାଳି ଆଦ୍ରୋହିତ୍ ଏକ୍କା ତାମିଲନାଡୁ ଡ୍ରାଗନ୍ସ ପକ୍ଷରୁ ଗୋଟିଏ ଗୋଲ ଶୁଝାଇଦେଇଥିଲେ। ଅମିତ ରୋହିଦାସ ତାମିଲନାଡୁ ଡ୍ରାଗନ୍ସର ନେତୃତ୍ୱ ନେଉଛନ୍ତି। ଏହି ଦଳରେ ଏକାଧିକ ଓଡ଼ିଆ ଖେଳାଳି ରହିଛନ୍ତି। ଓଡ଼ିଶା ଭିତ୍ତିକ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଏବେ ସୁଦ୍ଧା ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହିଛନ୍ତି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS